# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୪/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, November 4/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୩୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 338 | ମୂଲ୍ୟ ₹୭/-




**ଶଦାବ ଖାନ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଅଲରାଉଣ୍ଡ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ପାକିସ୍ତାନର ଶଦାବ ଖାନ୍।

୧୪

୧୨

**ଭାରତକୁ ହରାଇଲେ ଜିମ୍ବାୱେ ଖେଳାଳିଙ୍କୁ ବାହା ହେବି**

ଭାରତ-ଜିମ୍ବାୱେ ମ୍ୟାଚରେ ଯଦି ଭାରତ ହାରିଯାଏ, ତେବେ ଜିମ୍ବାୱେର ଜଣେ କ୍ରିକେଟରଙ୍କୁ ବିବାହ କରିବେ ବୋଲି ପାକିସ୍ତାନୀ ଅଭିନେତ୍ରୀ ଶେହର ସିନୱାରୀ ଟୁଇଟ୍ କରିଛନ୍ତି।



**ଆଜିର ସମ୍ପାଦକୀୟ**

## ବିଷ ବଳୟରେ ବିଶ୍ୱ

**୨୪ରୁ ବିଧାନସଭାର ଶୀତ ଅଧିବେଶନ**

ପୃଷ୍ଠା-୩









# ଧଳାସୁନାରେ କୀଟ

**ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିସ୍ତୃତ ଅଞ୍ଚଳରେ ଦୀର୍ଘବର୍ଷ ହେଲା ଚାଷୀ ଉତ୍ସାହିତ ହୋଇ ଅର୍ଥକରୀ କପାଚାଷ କରୁଛନ୍ତି। ଧଳାସୁନାର ଅଞ୍ଚଳ ଭାବେ ପରିଚିତ ଏହି ଇଲାକାର ଅନୁକୂଳ ଜଳବାୟୁ ଏବଂ ଭୂମିରୂପ କପାକୁ ସୁହାଉଛି। ଏଠାକାର ଉତ୍କୃଷ୍ଟ କପା ଦେଶ ବିଦେଶକୁ ରପ୍ତାନି ହେଉଛି। ସମଗ୍ର ଓଡ଼ିଶାରେ ବାର୍ଷିକ ୧ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାରବାର କେବଳ ଏହି କ୍ଷେତ୍ରରୁ ଆସୁଛି। ସାଧାରଣତଃ କପା କିଆରିରେ କୀଟ ଲାଗିଲେ କୀଟନାଶକ ଦ୍ୱାରା ଚାଷୀ ନିସ୍ତାର ପାଇଥାଏ। ମାତ୍ର ସରକାରୀସ୍ତରରେ ଉପଯୁକ୍ତ ପଦକ୍ଷେପ ଅଭାବରୁ ଅମଳ ପୂର୍ବରୁ ଧଳାସୁନାରେ ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରର ଦଲାଲମାନେ କୀଟ ଭଳି ଲାଗିଯାଉଛନ୍ତି।**



ଅମଳ ହେବାକୁ ଥିବା ବଲାଙ୍ଗୀର ଜିଲା ବେଲପଡ଼ା ଅଞ୍ଚଳର ଏକ କପା କିଆରି।

**ବୀରେନ୍ଦ୍ର କୁମାର ଝାଙ୍କର**
**ବଲାଙ୍ଗୀର ଅଫିସ, ୩।୧୧**

ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ଼ ଏବଂ ଦକ୍ଷିଣ ଓଡ଼ିଶାର ରାୟଗଡ଼ା, କୋରାପୁଟ, ଗଜପତି ଜିଲାରେ ଗତ କିଛିବର୍ଷ ହେଲା କପାଚାଷ ବୃଦ୍ଧି ପାଇଛି। ଏକ ତଥ୍ୟ ମୁତାବକ ୧୯୮୦ ମସିହାରେ ଓଡ଼ିଶାରେ ମାତ୍ର ୫ ହଜାର ହେକ୍ଟର ଜମିରେ କପାଚାଷ କରାଯାଉଥିଲାବେଳେ ୨୦୨୨ ବେଳକୁ ଏହା ୨ ଲକ୍ଷ ହେକ୍ଟରକୁ ପରିବ୍ୟାପ୍ତ ହୋଇଛି। ଅନ୍ତର୍ଜାତୀୟ ବଜାର ଅନୁଯାୟୀ କପାମୂଲ୍ୟ ଆକଳନ ହେଉଥିବାରୁ ଜାତୀୟସ୍ତରରେ ସରକାର କପାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନିର୍ଦ୍ଧାରିତ କରିଥାନ୍ତି। ତେବେ ବଜାରରେ ଚାହିଦା ଯୋଗୁ ଏମ୍‌ଏସ୍‌ପିଠାରୁ ଢେର ଅଧିକ ଦରରେ କପା ବିକ୍ରି ହେଉଛି।

୨୦୨୧ ବର୍ଷରେ କପା ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ମୂଲ୍ୟ ୬,୦୨୫ ଟଙ୍କା ଧାର୍ଯ୍ୟ ହୋଇଥିଲା। ତେବେ ଗତବର୍ଷ କୁଇଣ୍ଟାଲ ପିଛା ସର୍ବାଧିକ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ କପା ବିକ୍ରି ହୋଇଥିବା ଜଣାପଡ଼ିଛି। ଗତ ଋତୁରେ ବଲାଙ୍ଗୀର ଜିଲାରେ ରାଜ୍ୟ ବାହାରର ବ୍ୟବସାୟୀ (ବିଡର୍ସ)ଙ୍କୁ କପାକ୍ରୟ ସୁଯୋଗ ଦିଆଯାଇଥିଲା। ଫଳରେ କପା କୁଇଣ୍ଟାଲ ପିଛା ମୂଲ୍ୟ ଦ୍ୱିଗୁଣିତ ହୋଇଥିବା ବେଳେ ଜିଲାର ଚାଷୀମାନେ ଲାଭବାନ୍ ହୋଇଥିବା କୁହାଯାଇଥିଲା। ସ୍ଥୂଳଦୃଷ୍ଟିରେ ଏଇ ତଥ୍ୟ ଅନେକାଂଶରେ ସତ୍ୟ ପ୍ରତୀତ ହୋଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତୃଣମୂଳସ୍ତରରେ ଏଥିରେ ବିସଙ୍ଗତି ରହିଛି। ପୂର୍ବାପେକ୍ଷା ପ୍ରକୃତ ଚାଷୀ ଅଧିକ ଲାଭବାନ୍ ହୋଇଥିଲେ ☞ପୃଷ୍ଠା-୪

**ଧାମନଗର ଉପନିର୍ବାଚନ**

# ୬୬.୬୩% ମତଦାନ

## ବୁଥ୍ ରିଗିଂ ଅଭିଯୋଗ, ଦୁଇଗୋଷ୍ଠୀ ମାରପିଟ

**ଭୁବନେଶ୍ୱର/ଭଦ୍ରକ ଅଫିସ/ ଧାମନଗର (ଡି.ଏନ୍.ଏ.),୩।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନ ପାଇଁ ଗୁରୁବାର ମତଦାନ ଶେଷ ହୋଇଛି। ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏହି ନିର୍ବାଚନରେ ମୋଟ ୬୬.୬୩ ପ୍ରତିଶତ ମତଦାନ ହୋଇଛି। ଗତ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ମତଦାନ ହ୍ରାସ ପାଇଛି। ୨୦୧୯ ସାଧାରଣ ନିର୍ବାଚନରେ ଧାମନଗରରେ ୭୨.୦୧ ପ୍ରତିଶତ ମତଦାନ ହୋଇଥିଲା। ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା। ତେବେ କାଁ ଭାଁ କିଛି ସ୍ଥାନରେ ଗଣ୍ଡଗୋଳ ହୋଇଥିଲେ ମଧ୍ୟ ନିର୍ବାଚନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି।

ଭୋଟ ଗ୍ରହଣ ବେଳେ କେତେକ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଥିଲା। କେଉଁଠି ବୁଥ୍ ରିଗିଂ ହୋଇଛି ତ ଆଉ କେଉଁଠି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି। ଧାମନଗର କଟସାହି ☞ପୃଷ୍ଠା-୧୧

# ଇମ୍ରାନ୍ ଖାନ୍‌ଙ୍କୁ ହତ୍ୟା ଉଦ୍ୟମ



କଣ୍ଟେନର୍‌ରେ ଶୋଭାଯାତ୍ରାରେ ଯାଉଥିବାବେଳେ ପିଟିଆଇ ଅଧକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ଗୁଳି କରି ହତ୍ୟା ଉଦ୍ୟମ। ଗୁଳି ଚଳାଇଥିବା ଅଭିଯୁକ୍ତ ନାଭେଦ (ଇନ୍‌ସେଟ୍)।

**ଇସ୍‌ଲାମାବାଦ,୩।୧୧**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଉପରେ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଛି। ଦେଶରେ ତୁରନ୍ତ ସାଧାରଣ ନିର୍ବାଚନ କରାଯିବା ଦାବିରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ପାକିସ୍ତାନ

### ମୁଁ ହତ୍ୟା କରିବାକୁ ଚାହୁଁଥିଲି: ଗିରଫ ଆତତାୟୀ

ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧକ୍ଷ ଇମ୍ରାନ୍‌ଙ୍କୁ ଜଣେ ଆତତାୟୀ ଗୁଳିମାଡ଼ କରିଛନ୍ତି। ପଞ୍ଜାବ ପ୍ରଦେଶର ୱଜିରାବାଦ ସହରସ୍ଥିତ ଆଲ୍ଲାୱାଲା ଛକରେ ବନ୍ଧୁକଧାରୀ ଜଣକ କଣ୍ଟେନର ଉପରକୁ ଗୁଳି କରିଥିଲେ। ୭୦ ବର୍ଷୀୟ ଇମ୍ରାନ୍‌ଙ୍କ ଡାହାଣ ଗୋଡ଼ରେ ଅତି ନିକଟରୁ ଗୁଳି ବାଜିବା ପରେ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଇମ୍ରାନ୍ ଏବେ ବିପଦମୁକ୍ତ ଥିବା ନେଇ ପିଟିଆଇର ମୁଖପତ୍ର ଭାବେ ଜଣାଶୁଣା ଏଆର୍‌ୱାଇ ନ୍ୟୁଜ୍ କହିଛି। ☞ପୃଷ୍ଠା-୪

## ଡିସେମ୍ବର ୧, ୫ରେ ଗୁଜରାଟ ଭୋଟ

- ୨ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ
- ୮ରେ ହିମାଚଳ ସହ ଏକସଙ୍ଗେ ଗଣତି

**ନୂଆଦିଲ୍ଲୀ,୩।୧୧**

୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭାର ବହୁପ୍ରତୀକ୍ଷିତ ନିର୍ବାଚନ ୨ଟି ପର୍ଯ୍ୟାୟରେ ହେବ। ଆସନ୍ତା ଡିସେମ୍ବର ୧ରେ ୮୯ ଓ ୫ ତାରିଖରେ ଅବଶିଷ୍ଟ ୯୨ ଆସନରେ ଭୋଟ ଗ୍ରହଣ କରାଯିବ। ହିମାଚଳ ପ୍ରଦେଶ ସହ ଏହାର ଭୋଟ ଗଣତି କରାଯିବ ବୋଲି ଗୁରୁବାର ଭାରତ ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ଘୋଷଣା କରାଯାଇଛି।

ଭାଜପା ଶାସିତ ହିମାଚଳ ପ୍ରଦେଶରେ ଆସନ୍ତା ୧୨ରେ ବିଧାନସଭା ନିର୍ବାଚନ ହେବ। ଗତ ୧୪ ତାରିଖରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଏହି ବିଷୟ ଘୋଷଣା କରିବା ସମୟରେ ଗୁଜରାଟ ବିଧାନସଭା ନିର୍ବାଚନ ତାରିଖକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ରାଜ୍ୟ ପାଇଁ ବିକାଶମୂଳକ କାର୍ଯ୍ୟଗୁଡ଼ିକ ସକାଶେ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ସୁଯୋଗ ଦେବା ପାଇଁ ସିଇସି ଗୁଜରାଟ ନିର୍ବାଚନ ତାରିଖ ଘୋଷଣା କରି ନ ଥିବା କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଗୁରୁବାର ନୂଆଦିଲ୍ଲୀର ☞ପୃଷ୍ଠା-୧୧







**ଲାଲ୍‌କିଲ୍ଲା ଆକ୍ରମଣ: ଆତଙ୍କବାଦୀଙ୍କ ମୃତ୍ୟୁଦଣ୍ଡ କାଏମ**

ଲାଲ୍‌କିଲ୍ଲା ଆକ୍ରମଣ ମାମଲାରେ ଲଶ୍କର ଆତଙ୍କବାଦୀ ମହମ୍ମଦ ଅରିଫ ଓରଫ ଆଶଫାକ୍‌ଙ୍କ ମୃତ୍ୟୁଦଣ୍ଡାଦେଶକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଏହା ଭାରତୀୟ ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ଉପରେ ଆକ୍ରମଣ ବୋଲି ସିଜେଆଇ ୟୁ.ୟୁ. ଲଳିତଙ୍କ ଖଣ୍ଡପୀଠ କହିଛନ୍ତି। ଆଶଫାକ୍ କରିଥିବା ପୁନର୍ବିଚାର ଆବେଦନ ଗୁରୁବାର ଖାରଜ ହୋଇଯାଇଛି। ୨୦୦୦ ଡିସେମ୍ବର ୨୨ରେ ଆଶଫାକ୍‌ଙ୍କ ସମେତ ଅନ୍ୟ ଆତଙ୍କବାଦୀମାନେ ଲାଲ୍‌କିଲ୍ଲାରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୨ ଯବାନଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ଚାଇନା-ପାକ୍ ମିଳିତ ବିବୃତିରେ ନାହିଁ କଶ୍ମୀର ପ୍ରସଙ୍ଗ

**ନିନ୍ଦାକଲା ଭାରତ**

ନୂଆଦିଲ୍ଲୀ,୩।୧୧(ଆଇଏଏନ୍ଏସ୍): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ବେଜିଂ ଗସ୍ତ ଅବସରରେ ଦୁଇ ଦେଶ ପକ୍ଷରୁ ଗୁରୁବାର ଜାରି ହୋଇଥିବା ମିଳିତ ବିବୃତିରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ସ୍ଥାନ ପାଇଥିବାରୁ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଛି। କଶ୍ମୀର ପ୍ରସଙ୍ଗକୁ ମିଳିତ ବିବୃତିରେ ସ୍ଥାନ ଦେବା ଠିକ୍ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ଏଭଳି ବିବୃତିକୁ ଭାରତ କ୍ରମାଗତ ଭାବେ ପ୍ରତ୍ୟାଖ୍ୟାନ କରିଆସିଛି। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଛି ଓ ରହିବ ବୋଲି ସେ କହିଛନ୍ତି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ପାକ୍ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ପରେ ମିଳିତ ବିବୃତି ପ୍ରକାଶ ପାଇଥିଲା। ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପ୍ରକଳ୍ପ ଭାରତର ସାର୍ବଭୌମ ଅଞ୍ଚଳ ଦେଇ ଯାଉଥିବାରୁ ନୂଆଦିଲ୍ଲୀ ଏନେଇ ଉଭୟ ଦେଶ ନିକଟରେ ପ୍ରତିବାଦ କରିଆସିଛି ବୋଲି ବାଗ୍‌ଚୀ କହିଛନ୍ତି।

### କୋରିଆରେ କ୍ଷେପଣାସ୍ତ୍ର ପ୍ରତିଯୋଗିତା ଜାରି

**ସିଓଲ,୩।୧୧:** ଉତ୍ତର କୋରିଆ ଗୁରୁବାର ଆନ୍ତଃ ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ୍ (ଆଇସିବିଏମ୍) ସମେତ ୬ଟି କ୍ଷେପଣାସ୍ତ୍ର ସମୁଦ୍ରକୁ ନିକ୍ଷେପ କରିଛି। ଫଳରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଉତ୍ତର ଜାପାନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଗୁରୁବାର ସକାଳେ ଉତ୍ତର କୋରିଆ ଗୋଟିଏ ଆଇସିବିଏମ୍ ପରୀକ୍ଷା କରିବା ପରେ ଦୁଇଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। ପରେ ପୂର୍ବ ଉପକୂଳରେ ଉତ୍ତର କୋରିଆ ଆଉ ୩ଟି କ୍ଷେପଣାସ୍ତ୍ର ପରୀକ୍ଷା କରିଥିବା ଦକ୍ଷିଣ କୋରିଆ ସୈନ୍ୟବାହିନୀ ପକ୍ଷରୁ କୁହାଯାଇଛି। ଦକ୍ଷିଣ କୋରିଆ ସହ ଆମେରିକା ବାୟୁସେନା ମିଳିତ ସମରାଭ୍ୟାସ ଚଳାଇଥିବାବେଳେ ଉତ୍ତର କୋରିଆର ଏଭଳି କାର୍ଯ୍ୟକୁ ପଡୋଶୀ ଦେଶଗୁଡ଼ିକ ସମେତ ମାର୍କିନ ପକ୍ଷରୁ ନିନ୍ଦା କରାଯାଇଛି। ବୁଧବାର ଉତ୍ତର କୋରିଆ ୨୦ରୁ ଅଧିକ କ୍ଷେପଣାସ୍ତ୍ର ଛାଡ଼ିଥିଲା। ଉତ୍ତର କୋରିଆକୁ ଏକ ଆଣବିକ ଶକ୍ତି ଭାବେ ଗ୍ରହଣ କରିବା ପାଇଁ ଆମେରିକାକୁ ବାଧ କରିବା ଏହି କ୍ଷେପଣାସ୍ତ୍ର ପରୀକ୍ଷାର ଉଦ୍ଦେଶ୍ୟ ବୋଲି କୁହାଯାଉଛି।

### ଲାଞ୍ଚ ମାମଲା: ୩ ଏମ୍‌ଇଏସ୍ ଅଫିସରଙ୍କୁ ଗିରଫକଲା ସିବିଆଇ

**ଭୋପାଳ,୩।୧୧:** ଲାଞ୍ଚ ନେବା ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭୋପାଳରୁ ସାମରିକ ଯନ୍ତ୍ରୀ ସେବା (ଏମ୍‌ଇଏସ୍)ର ୩ ଜଣ ଅଫିସରଙ୍କୁ ଗିରଫ କରିଛି। ବୁଧବାର ରାତିରେ ସିବିଆଇ ଭୋପାଳ ଶାଖାର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ଅଫିସରମାନେ ହେଲେ ଆସିଷ୍ଟାଣ୍ଟ ଗାରିଶନ ଇଞ୍ଜିନିୟର (ଠିକା) ଜେ ଜନ୍ କେନେଡ଼ି, ଆସିଷ୍ଟାଣ୍ଟ ଗାରିଶନ ଇଞ୍ଜିନିୟର (ଇ/ଏମ୍) ଆର୍.ଏସ୍. ଯାଦବ ଏବଂ ଜୁନିୟର ଆଡମିନିଷ୍ଟ୍ରେଟିଭ୍ ଆସିଷ୍ଟାଣ୍ଟ ଅରୁଣ ସିଂ। ଠିକା ନେଇଥିବା ଏକ କମ୍ପାନି ଉପରେ ଅର୍ଥ ବକେୟା ଥିବା ଅଭିଯୋଗ ଆଣି ଏହାକୁ ଦଫାରଫା କରିବା ଲାଗି ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା।

### ଶିଶୁ ଯୌନ ନିର୍ଯାତନା ଜାଣି ରିପୋର୍ଟ ନ କରିବା ସଙ୍ଗିନ ଅପରାଧ

**ନୂଆଦିଲ୍ଲୀ,୩।୧୧:** ଶିଶୁ ଯୌନ ନିର୍ଯାତନ ସମ୍ପର୍କରେ ଅବଗତ ଥାଇ ମଧ ରିପୋର୍ଟିଂ ନ କରିବା ଗୁରୁତର ଅପରାଧ ଏବଂ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଉଦ୍ୟମ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଶିଶୁ ଯୌନ ଅପରାଧ ନିରାକରଣ (ପୋକ୍ସୋ) ଆଇନରେ ଅପରାଧର ତୁରନ୍ତ ଓ ଉପଯୁକ୍ତ ରିପୋର୍ଟିଂ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାହା ନ ହେଲେ ଆଇନର ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ବମ୍ବେ ହାଇକୋର୍ଟଙ୍କ ଗତବର୍ଷ ଏପ୍ରିଲର ଏକ ରାୟକୁ ଖାରଜ କରିଦେଇଛନ୍ତି। ଏକ ହଷ୍ଟେଲରେ ନାବାଳିକାମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ସମ୍ପର୍କରେ ଜାଣି ମଧ ଜଣେ ଡାକ୍ତର ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇ ନ ଥିଲେ। ଫଳରେ ହାଇକୋର୍ଟ ଉକ୍ତ ଏତଲା ଏବଂ ଚାର୍ଜଶିଟ୍‌କୁ ଖାରଜ କରିଦେଇଥିଲେ। ମାମଲାରେ ଅନ୍ୟ ଅଭିଯୁକ୍ତ ଥିବାରୁ ଏତଲା ଓ ଚାର୍ଜଶିଟ୍ କାଏମ ରହିଥିବା ଜଷ୍ଟିସ ଅଜୟ୍ ରାସ୍ତୋଗୀ ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟଙ୍କ ରାୟ୍ ବିରୋଧରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଅପିଲ କରିଥିଲେ।

# ଉଭେଇଯିବ ବୃହତ୍ ହିମବାହ

**ଘନେଇଲା ଜଳବାୟୁ ସଙ୍କଟ**



ୱାଶିଂଟନ,୩।୧୧

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ଆମେରିକାର ୟଲୋଷ୍ଟୋନ୍ ପାର୍କ୍, ଇଟାଲୀର ଡୋଲୋମାଇଟ୍ସ ଏବଂ ତାଞ୍ଜାନିଆର ମାଉଣ୍ଟ କିଲିମାଞ୍ଜାରୋ ସମେତ ବିଶ୍ୱର ଅନେକ ପ୍ରସିଦ୍ଧ ହିମବାହ ୨୦୫୦ ସୁଦ୍ଧା ତରଳିଯିବ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଙ୍ଗଠନ (ୟୁନେସ୍କୋ) ରିପୋର୍ଟ ଅନୁସାରେ ୫୦ ବିଶ୍ୱ ଐତିହ୍ୟ ସ୍ଥଳରେ ଥିବା ପ୍ରାୟ ୧୮,୬୦୦ ଗ୍ଲେସିୟର୍ସ ମଧ୍ୟରୁ ଏକତୃତୀୟାଂଶ ୨୦୫୦ ସୁଦ୍ଧା ଉଭାନ ହୋଇଯିବ। ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହିଟ୍) ମଧ୍ୟରେ ସୀମିତ ରଖାଯାଇପାରିଲେ ଅବଶିଷ୍ଟ ହିମବାହଗୁଡ଼ିକୁ ରକ୍ଷା କରାଯାଇପାରିବ। ଏହାସତ୍ତ୍ୱେ ୫୦% ୱାର୍ଲ୍ଡ ହେରିଟେଜ୍ ଗ୍ଲେସିୟର୍ସ ୨୧୦୦ ସୁଦ୍ଧା ତରଳିଯିବା ଆଶଙ୍କା ଉପୁଜିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୦୦ ମସିହା ପରଠାରୁ ଅଙ୍ଗାରକାମ୍ଳ ଉତ୍ସର୍ଜନ ଯୋଗୁ ଏହି ହିମବାହଗୁଡ଼ିକର ତରଳିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଅଧ୍ୟୟନର ନେତୃତ୍ୱ ନେଇଥିବା ଗବେଷକ ଟେଲ୍ସ କାର୍ଭାଲ୍‌ହୋ କହିଛନ୍ତି, ପ୍ରତିବର୍ଷ ବିଶ୍ୱ ଐତିହ୍ୟ ହିମବାହଗୁଡ଼ିକରୁ ୫୮ ବିଲିୟନ୍ ଟନ୍ ବରଫ ତରଳୁଛି। ଏହାର ପରିମାଣ ଫ୍ରାନ୍ସ ଓ ସ୍ପେନ୍‌ରେ ବ୍ୟବହୃତ ପାଣି ସହ ସମାନ, ଯାହାକି ସମୁଦ୍ର ପତ୍ତନ ବୃଦ୍ଧି ପାଇଁ ୫% ଦାୟୀ। ତେଣୁ କାର୍ବନ ଉତ୍ସର୍ଜନକୁ ରୋକିବା ଦିଗରେ ଆଖିଦୃଶିଆ ପଦକ୍ଷେପ ନେବାକୁ ପଡ଼ିବ ବୋଲି କୋପ୍୨୭ ସମ୍ମିଳନୀ ପୂର୍ବରୁ ସେ ସତର୍କ କରାଇଛନ୍ତି।



## କୋପ୍ ୨୭କୁ ଗ୍ରେଟାଙ୍କ ବର୍ଜନ

ଷ୍ଟକ୍‌ହୋମ୍,୩।୧୧

 କ୍ଷମତାରେ ଥିବା ଲୋକେ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟର ସମାଧାନକୁ ପ୍ରାଥମିକତା ଦେଉନାହାନ୍ତି। ତେଣୁ ଇଜିପ୍ଟରେ ହେବାକୁ ଥିବା କୋପ୍ ୨୭ରେ ଯୋଗଦେବେ ନାହିଁ ବୋଲି ସୁଇଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ କହିଛନ୍ତି।

ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ୨୭ତମ ସମ୍ମିଳନୀ ନଭେମ୍ବର ୬ରେ ଆରମ୍ଭ ହେବ। ଇଜିପ୍ଟର ରେଡ୍ ସି ରିସର୍ଟ ଟାଉନ୍ ଶାର୍ମ ଏଲ୍-ଶେଖ୍‌ରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ପ୍ରାୟ ୨୦୦ ଦେଶର ପ୍ରତିନିଧି ଯୋଗଦେବେ। ଏନେଇ ଫ୍ରାଇଡେଜ୍ ଫର୍ ଫ୍ୟୁଚର ପ୍ରତିଷ୍ଠାତା ୧୯ ବର୍ଷୀୟ ଗ୍ରେଟା କହିଛନ୍ତି, ସେ କ୍ଲାଇମେଟ୍ ସମିଟ୍‌ରେ ସାମିଲ ହେବେ ନାହିଁ, ଯେଉଁଠି ବିଭିନ୍ନ ରାଷ୍ଟ୍ରର ସରକାରଙ୍କ ପ୍ରତିନିଧିମାନେ ବିଶ୍ୱର କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ହ୍ରାସ ପାଇଁ ପଦକ୍ଷେପ ନେବା ନାମରେ ଯୋଗଦେବେ। ଏହା ସେମାନଙ୍କ ପାଇଁ କେବଳ ଦୃଷ୍ଟି ଆକର୍ଷଣର ଏକ ସୁଯୋଗ। କ୍ଷମତାସୀନ ଲୋକେ ବାସ୍ତବରେ ଜଳବାୟୁ ସଙ୍କଟକୁ ଗୁରୁତ୍ୱ ଦେଉନାହାନ୍ତି। ସେମାନଙ୍କ ପ୍ରାଥମିକତା ଅନ୍ୟ କୌଣସି ବିଷୟ ପ୍ରତି ରହିଥିବା ଏଥିରୁ ପ୍ରମାଣିତ ହୋଇଛି ବୋଲି ଗ୍ରେଟା କହିଛନ୍ତି। ଅନ୍ୟପକ୍ଷେ କିଏ ଯୋଗଦେବେ ଓ କିଏ ଅନୁପସ୍ଥିତ ରହିବେ ସେହି ନିଷ୍ପତ୍ତି ସମ୍ପୃକ୍ତ ବ୍ୟକ୍ତିଙ୍କ ଅଧିକାର ବୋଲି ଜାତିସଂଘରେ ଆମେରିକାର ଜଳବାୟୁ ପ୍ରତିନିଧି ଜନ୍ କେରି କହିଛନ୍ତି।

> ଜଳବାୟୁ ସଙ୍କଟକୁ କ୍ଷମତାସୀନ ଲୋକେ ଗୁରୁତ୍ୱ ଦେଉନାହାନ୍ତି

## ବାୟୁ ପ୍ରଦୂଷଣରୁ ହସ୍ପିଟାଲରେ ବଢ଼ୁଛି ରୋଗୀ ସଂଖ୍ୟା

**ଦିଲ୍ଲୀରେ ୩୮% ପ୍ରଦୂଷଣ ନଡ଼ା ପୋଡ଼ିରୁ ହେଉଛି**

ନୂଆଦିଲ୍ଲୀ,୩।୧୧(ପି.ଟି.)

ଶୀତଋତୁ ଆରମ୍ଭରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କଲାଣି। ଦୂଷିତ ବାୟୁ ଯୋଗୁ ରାଜଧାନୀରେ କାଶ, ଥଣ୍ଡା, ଆଜ୍‌ମା ଏବଂ ଶ୍ୱାସକ୍ରିୟାରେ ସମସ୍ୟା ବୃଦ୍ଧି ପାଇଛି। ଫଳରେ ଦିଲ୍ଲୀର ହସ୍ପିଟାଲଗୁଡ଼ିକରେ କିଛିଦିନ ହେଲା ରୋଗୀ ସଂଖ୍ୟା ଯଥେଷ୍ଟ ବଢ଼ିଥିବା ଦେଖାଯାଇଛି। ବାୟୁ ପ୍ରଦୂଷଣ ଅତ୍ୟନ୍ତ ଗମ୍ଭୀର ସ୍ଥିତିକୁ ଆସିଥିବାରୁ ଜନସାଧାରଣଙ୍କୁ ମାସ୍କ ପିନ୍ଧିବା ଲାଗି ଡାକ୍ତର ପରାମର୍ଶ ଦେଉଛନ୍ତି। ଗୁରୁବାର ପୂର୍ବାହ୍ନରେ ଦିଲ୍ଲୀର ମୋଟାମୋଟି ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୨୬ ରହିଥିଲା। ଏକ୍ୟୁଆଇ ୪୦୦ରୁ ଅଧିକ ରହିଲେ ଏହାକୁ ଗମ୍ଭୀର ବୋଲି ଧରାଯାଉଛି, ଯେଉଁ ବାୟୁ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଗୁରୁତର କରିପାରେ।

ଓଖ୍‌ଲାସ୍ଥିତ ହୋଲି ଫାମିଲି ହସ୍ପିଟାଲରେ ଏଭଳି ରୋଗୀଙ୍କ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଥିବା କ୍ରିଟିକାଲ କେୟାର ବିଭାଗ ମୁଖ୍ୟ ଡ. ସୁମିତ ରାୟ କହିଛନ୍ତି। ଦିୱାଲିଠାରୁ ଆସୁଥିବା ଅଧିକାଂଶ ରୋଗୀ କାଶ, ଥଣ୍ଡା ଓ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲର ଡାକ୍ତର ଆଶିଷ କୁମାର ପ୍ରକାଶ କହିଛନ୍ତି। ସେହିପରି ଇଏନ୍‌ଟି ରୋଗୀ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବା ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲର ବିଭାଗୀୟ ଡାକ୍ତର ସୁରେଶ ସିଂ ନରୁକା କହିଛନ୍ତି।

ଦିଲ୍ଲୀ ବାୟୁ ପ୍ରଦୂଷଣର ୩୮ ପ୍ରତିଶତ କେବଳ ନଡ଼ା ପୋଡ଼ି କାରଣରୁ ହେଉଥିବା ଜଣାପଡ଼ିଛି। ଜାତୀୟ ରାଜଧାନୀ ଉପରେ ଧୂମାଚ୍ଛନ୍ନ ସ୍ତରର ମୁଖ୍ୟ କାରଣ ନଡ଼ା ପୋଡ଼ି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗତବର୍ଷ ପଞ୍ଜାବରେ ନଡ଼ା ପୋଡ଼ି ଯୋଗୁ ଦିଲ୍ଲୀ ବାୟୁ ପ୍ରଦୂଷଣ ୧୯ ପ୍ରତିଶତ ବଢ଼ିଥିଲା। ଏହାକୁ ନେଇ ରାଜନୀତି ଜୋର୍ ଧରିଥିଲା। ପଡୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ନୋଏଡ଼ାରେ ବାୟୁ ସର୍ବାଧିକ ପ୍ରଦୂଷିତ ହେଉଥିବାବେଳେ ଗୁରୁଗ୍ରାମ ଏବଂ ଲୋଧିରୋଡ୍ ଅଞ୍ଚଳ ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଛି।



ପ୍ରଦୂଷଣ ରୋକିବା ପାଇଁ ନୂଆଦିଲ୍ଲୀର ଏକ ରାସ୍ତାରେ ଟ୍ରକ୍‌ରୁ ପାଣି ସିଞ୍ଚନ କରାଯାଉଛି।

## ଦିଲ୍ଲୀରେ ଡିଜେଲ ଗାଡ଼ି ବନ୍ଦ

ଦିଲ୍ଲୀରେ ବାୟୁ ଗୁଣବତ୍ତା ଅଧିକ ଖରାପ ଆଡ଼କୁ ଯାଉଥିବାରୁ ରାସ୍ତାରେ ୪ ଚକିଆ ହାଲୁକା ଡିଜେଲ ଯାନ ଚଳାଚଳ ବନ୍ଦ କରିବାକୁ କେନ୍ଦ୍ରୀୟ କମିଟି ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ରାଜଧାନୀରେ ଟ୍ରକ୍ ପ୍ରବେଶକୁ ନିଷିଦ୍ଧ କରାଯାଇଛି। ବାୟୁ ମାନ ପରିଚାଳନା କମିଶନ (ସିଏକ୍ୟୁଏମ୍) ପକ୍ଷରୁ ଜାରି କଟକଣାରୁ ବିଏସ୍-୬ ଯାନ ଏବଂ ଜରୁରୀ ତଥା ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଗାଡ଼ିକୁ ବାଦ୍ ଦିଆଯାଇଛି। ଏହା ବ୍ୟତୀତ ଶିକ୍ଷାନୁଷ୍ଠାନ, ଅଣଅତ୍ୟାବଶ୍ୟକ ବ୍ୟବସାୟିକ କାର୍ଯ୍ୟ ବନ୍ଦ କରିବା ସମ୍ପର୍କରେ ରାଜ୍ୟ ସରକାର ନିଷ୍ପତ୍ତି ନେଇପାରିବେ। ସେହିପରି ଯୁଗ୍ମ-ଅଯୁଗ୍ମ ସୂତ୍ରରେ ଗାଡ଼ି ଚଳାଚଳ ପାଇଁ ମଧ ସରକାର ନିଷ୍ପତ୍ତି ନେଇପାରିବେ ବୋଲି କମିଶନ କହିଛନ୍ତି।

## ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ: ମୋଦି

ନୂଆଦିଲ୍ଲୀ,୩।୧୧

ଏକ ବିକଶିତ ରାଷ୍ଟ୍ର ପାଇଁ ଆସ୍ଥା ଓ ବିଶ୍ୱସନୀୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଦୁର୍ନୀତି ରୋକିବା ଦିଗରେ ପ୍ରଯୁକ୍ତି, ସେବା ପରିପୂର୍ଣ୍ଣତା ଏବଂ ଆତ୍ମନିର୍ଭରତା ତିନୋଟି ମୁଖ୍ୟ ମାର୍ଗ ବୋଲି ସେ ମତ ଦେଇଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ର ସତର୍କତା ସଚେତନତା ସପ୍ତାହ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଲୋକଙ୍କ ଆସ୍ଥା ଜିତିବାରେ ବିଫଳ ହୋଇଥିଲେ। ଗତ ୮ ବର୍ଷ ହେଲା ତାଙ୍କ ସରକାର ଅଭାବ ଓ ଚାପଗ୍ରସ୍ତ ବ୍ୟବସ୍ଥା ବଦଳାଇବାକୁ ଉଦ୍ୟମ କରିଆସିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସିଭିସିର ମ୍ୟାନେଜମେଣ୍ଟ ସିଷ୍ଟମ୍ ପୋର୍ଟାଲ ଶୁଭାରମ୍ଭ କରିଛନ୍ତି। ଏକ ବିକଶିତ ଭାରତ ଲାଗି ଦୁର୍ନୀତିକୁ ବରଦାସ୍ତ କରାଯାଉ ନ ଥିବା ପ୍ରଶାସନିକ ଇକୋସିଷ୍ଟମ୍ ବିକଶିତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ସାରା ଦେଶ ଆପଣମାନଙ୍କ ପଛରେ ଛିଡ଼ାହେବ ବୋଲି ପ୍ରଧାନମନ୍ତ୍ରୀ ସିଭିସିର ଅଧିକାରୀମାନଙ୍କୁ କହିଛନ୍ତି।

## ଗଣତନ୍ତ୍ରକୁ ସୁଦୃଢ଼ କରିବେ ମହିଳା

**ମେକ୍ସିକୋ ରାଷ୍ଟ୍ରପତି ଦୌଡ଼ରେ କ୍ଲାଉଡିଆ**



ମେକ୍ସିକୋ ସିଟି,୩।୧୧

ମେକ୍ସିକୋ ସିଟି ମେୟର କ୍ଲାଉଡିଆ ଶେଇବଉମ୍ ପେସାରେ ଜଣେ ଡାକ୍ତର। ଜଣେ ପରିବେଶବିତ୍ ଭାବେ ଜଣାଶୁଣା ଏହି ୬୦ ବର୍ଷୀୟା ମହିଳା ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ମେକ୍ସିକୋ ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ ଲୋପେଜ୍ ଓବ୍ରାଡର ପୁନଃ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ତେଣୁ ତାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ରିଜେନେରେଶନ ମୁଭ୍‌ମେଣ୍ଟ ପକ୍ଷରୁ କ୍ଲାଉଡିଆଙ୍କୁ ପ୍ରାର୍ଥୀ କରାଯାଇଛି। କ୍ଲାଉଡିଆ ନିର୍ବାଚନରେ ବିଜୟୀ ହେଲେ ସେ ହେବେ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି। ଶାସକ ଦଳରୁ ପ୍ରାର୍ଥୀ ହେଉଥିବା କ୍ଲାଉଡିଆ କହିଛନ୍ତି, ରାଜନୀତିରେ ମହିଳାମାନଙ୍କ ଯୋଗଦାନ ବଢ଼ିଲେ ଗଣତନ୍ତ୍ର ସୁଦୃଢ଼ ହେବ।

## ଯାଆଁଳା ପ୍ରସବ ପରେ ମା' ସମେତ ୩ ଜଣଙ୍କ ମୃତ୍ୟୁ

**ଆଧାର ନ ଥିବାରୁ ଫେରାଇଦେଲା ହସ୍ପିଟାଲ**

ଟୁମାକୁରୁ,୩।୧୧(ଆଇଏଏନ୍ଏସ୍)

ସନ୍ତାନ ପ୍ରସବ ଲାଗି ଯାଇଥିବା ଜଣେ ମହିଳାଙ୍କୁ ଜିଲା ହସ୍ପିଟାଲ କର୍ତ୍ତୃପକ୍ଷ ଫେରାଇ ଦେବା ପରେ ସେ ନିଜ ଘରେ ଯାଆଁଳା ସନ୍ତାନ ଜନ୍ମ ଦେଇଥିଲେ। ଏହାର କିଛି ସମୟରେ ଉଭୟ ନବଜାତକ ଓ ମାଆଙ୍କର ମୃତ୍ୟୁ ହୋଇଯାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ହସ୍ପିଟାଲରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ଡାକ୍ତର ଓ କର୍ମଚାରୀମାନଙ୍କ ନିଲମ୍ବନ ଦାବି କରିଛନ୍ତି। ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ମୃତଦେହକୁ କବର ଦେବେନାହିଁ ବୋଲି ମହିଳାଙ୍କ ପରିବାର ଓ ସମ୍ପର୍କୀୟମାନେ ଜିଦ୍‌ରେ ଅଟଳ ରହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ତାମିଲନାଡୁ ଟୁମକୁରୁ ସହରର ଭାରତୀନଗରରେ ରହୁଥିବା କସ୍ତୁରୀ(୩୦) ସନ୍ତାନ ପ୍ରସବ ଲାଗି ବୁଧବାର ସନ୍ଧ୍ୟାରେ ଜିଲା ହସ୍ପିଟାଲକୁ ଯାଇଥିଲେ। ତେବେ ଆଧାର ଏବଂ ମାତୃତ୍ୱ କାର୍ଡ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା କରିବାକୁ ମନା କରିଦେଇଥିଲେ। ତାଙ୍କୁ ବେଙ୍ଗାଲୁରୁର ଭିକ୍ଟୋରିଆ ହସ୍ପିଟାଲ ଯିବାକୁ କୁହାଯାଇଥିଲା। ଟଙ୍କା ନ ଥିବାରୁ ମହିଳା ଜଣକ ଘରକୁ ଫେରି ତା ପରିଦିନ ସକାଳେ ଯମଜ ପୁତ୍ରସନ୍ତାନ ଜନ୍ମଦେଇଥିଲେ। ତେବେ ପ୍ରବଳ ରକ୍ତସ୍ରାବ ଯୋଗୁ ମାଆ ଓ ପରେ ଦୁଇ ଶିଶୁଙ୍କର ମୃତ୍ୟୁ ଘଟିଥିଲା।




## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୬୬,୦୪,୪୩୫ | ୬୬,୦୦,୦୦୭ | ୬୧,୫୯,୯୬,୪୬୦ |
| ଭାରତ | ୪,୪୬,୫୭,୧୪୯ | ୫,୩୦,୪୬୧ | ୪,୪୧,୧୦,୫୯୦ |
| ଓଡ଼ିଶା | ୧୩,୩୬,୨୧୭ | ୯୨୦୩(+୫୩) | ୧୩,୨୬,୭୬୮ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୪ ମୃତ

କେନ୍ଦୁଝର/ଡେଙ୍କିକୋଟ, ୩।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ସଦର ଥାନା ଅଧୀନ ବଡ଼ପଶି ଗ୍ରାମ ନିକଟରେ ଗୁରୁବାର ଅପରାହ୍ନ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ହାଇୱା ଓ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ କାର୍‌ରେ ବସିଥିବା ଦୁଇ ଭାଇଙ୍କ ସମେତ ୪ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। କାର୍ ଓ ହାଇୱା ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକମାନେ ହେଲେ ଘଟଗାଁ ବ୍ଲକ୍ ପିପିଳିଆ ଗ୍ରାମର ନରୋତ୍ତମ ସିଂ (୬୫) ଓ ତାଙ୍କ ଭାଇ ହୃଷୀକେଶ ସିଂ (୫୮)। ଅନ୍ୟ ୨ଜଣ ଚିତ୍ତରଞ୍ଜନ ନାଏକ (୫୦) ଏବଂ ପାଖ ସରାଶପଶି ଗ୍ରାମର ପ୍ରକାଶ ନାଏକ (୪୫)। କାର୍ ଚାଳକ ବୃନ୍ଦାବନପୁରର ତପନ ନାଏକ ଗୁରୁତର ହୋଇ ଚିକିତ୍ସିତ ଥିବା ବେଳେ ହାଇୱା ଚାଳକଙ୍କ ପରିଚୟ ମିଳି ପାରିନାହିଁ। ପ୍ରକାଶ ନାଏକ ଘଟଗାଁ ବ୍ଲକ୍‌ର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଥିବା ବେଳେ ନରୋତ୍ତମ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଓ ହୃଷୀକେଶ ଭିଏଲ୍‌ଡବ୍ଲ୍ୟୁ ଥିଲେ ବୋଲି ସୂଚନା ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ଅପରାହ୍ନରେ ଘଟଗାଁ ବ୍ଲକ୍ ଅଞ୍ଚଳର ଡ୍ରାଇଭରଙ୍କୁ ମିଶାଇ ୫ଜଣ (ନଂ. ଓଡି-୦୨ବିପି-୨୭୮୬) କାର୍‌ରେ କେନ୍ଦୁଝରକୁ କାଳୀପୂଜା ଓ ମେଳା ଦେଖିବାକୁ ଯାଉଥିଲେ। ଏହି ସମୟରେ କେନ୍ଦୁଝର ଆଡୁ ଆସୁଥିବା



### ହାଇୱା-କାର୍ ମୁହାଁମୁହିଁ

■ ଅଧାରେ ରହିଲା ମେଳାଦେଖା

■ ଅସମ୍ପୂର୍ଣ୍ଣ ରାସ୍ତା ନେଲା ଜୀବନ

ହାଇୱା ବଡ଼ପଶି ଗ୍ରାମ ନିକଟରେ କାର୍‌କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଦୁଇଟିଯାକ ଗାଡ଼ି ରାସ୍ତା ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାର୍‌ରେ ଚାପି ହୋଇ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ। ମେଡିକାଲରେ ଡାକ୍ତର ଅନ୍ୟ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ପୋଲିସ ପହଞ୍ଚି ଦୁଇ ଗାଡ଼ି ଜବତ କରିବା ସହ ଲୋକଙ୍କୁ ବୁଝାଶୁଝା କରୁଛି। ହାଇୱା ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ କହିଛନ୍ତି। ଅନ୍ୟପକ୍ଷେ ଉକ୍ତ ରାସ୍ତାର ମରାମତି କାମ ଏକ ସଂସ୍ଥା କରୁଥିବା ବେଳେ ନିର୍ଦ୍ଧାରିତ ସମୟରେ ସାରୁ ନାହିଁ। ଫଳରେ ଉକ୍ତ ସ୍ଥାନରେ ୱାନ୍‌ୱେ ରାସ୍ତାରେ ଗାଡ଼ି ଯାତାୟାତ କରୁଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକ କହିଛନ୍ତି। ସେହିପରି ଏନ୍‌ଏଚ୍‌ଏଆଇ ସଂସ୍ଥା ମଧ୍ୟ ଏହାର ଉଚିତ ତଦାରଖ କରୁ ନ ଥିବାରୁ ଏନ୍‌ଏଚ୍-୨୦ର ଅନେକ ସ୍ଥାନ ମରଣଯନ୍ତା ପାଲଟିଛି।

## ସଂକ୍ଷେପରେ

### ୨୪ରୁ ବିଧାନସଭାର ଶୀତ ଅଧିବେଶନ

ଭୁବନେଶ୍ୱର,୩।୧୧(ବ୍ୟୁରୋ):ଆସନ୍ତା ୨୪ ତାରିଖରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ । ଶୀତ ଅଧିବେଶନରେ ମୋଟ ୩୩ଟି କାର୍ଯ୍ୟ ଦିବସ ରହିଛି । ଅଧିବେଶନର ପ୍ରଥମ ଦିବସ ଅର୍ଥାତ୍ ନଭେମ୍ବର ୨୪ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରିବେ । ଡିସେମ୍ବର ୨ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ହେବ ।

### ପିଜି ବଳକା ସିଟ୍ ନାମଲେଖା ଆବେଦନ ସରିଲା

ଭୁବନେଶ୍ୱର, ୩।୧୧(ବ୍ୟୁରୋ): ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ପିଜି ସିଟ୍‌ରେ ନାମଲେଖା ପାଇଁ ଗୁରୁବାର ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ଶୁକ୍ରବାର ଅପରାହ୍ଣ ୨ଟାରେ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷାଫଳ ସହିତ କ୍ୟାରିୟର ମାର୍କକୁ ମିଶାଇ ମୋଟ ମାର୍କର ତାଲିକା ପ୍ରକାଶ ପାଇବ। ସେହିପରି ୫ରୁ ୨୧ତାରିଖ ମଧ୍ୟରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ନାମଲେଖା ସମ୍ପର୍କିତ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ୧୭ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇସାରିଛି।

### ଝାରସୁଗୁଡ଼ା ଦେଇ ଏଲାୟନ୍ସ ଏୟାର ବିମାନର ପରୀକ୍ଷାମୂଳକ ଉଡାନ ଆଜି

ଝାରସୁଗୁଡ଼ା ଅଫିସ,୩।୧୧: ଝାରସୁଗୁଡ଼ା ଭିଏସ୍‌ଏସ୍ (ବୀର ସୁରେନ୍ଦ୍ର ସାଏ)ବିମାନ ବନ୍ଦର ଦେଇ ଚଳାଚଳ କରୁଥିବା ଏକମାତ୍ର ସ୍ପାଇସଜେଟ ବିମାନ ଯାତ୍ରୀଙ୍କ ଚାହିଦା ମେଣ୍ଟାଇ ପାରୁ ନ ଥିବାବେଳେ ଅତିରିକ୍ତ ବିମାନ ଚଳାଚଳ କରିବାର ଆବଶ୍ୟକତା ରହିଥିଲା। ଏହାକୁ ଦୃଷ୍ଟିରେ ରଖି ନଭେମ୍ବର ୪ରୁ ଏହି ବିମାନ ବନ୍ଦର ଦେଇ ଆଉ ଏକ ଏଲାୟନ୍ସ ଏୟାର ବିମାନ ପରୀକ୍ଷାମୂଳକ ଭାବେ ଉଡାନ କରିବାକୁ ଯାଉଛି। ଏହା ସଫଳ ହେଲେ ବିମାନ ଯାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ। ଏହା ଝାରସୁଗୁଡ଼ା ରୁଟ୍‌ରେ ଦ୍ୱିତୀୟ ବିମାନ ହେବ। ଭିଏସ୍‌ଏସ୍ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଏଲାୟନ୍ସ ଏୟାର ବିମାନ ନଂ ୯ ଆଇ ୮୪୭ ଦିଲ୍ଲୀରୁ ସକାଳ ୧୦ଟାରେ ବାହାରି ରାୟପୁରରେ ୧୨ଟା ୪୫ ମିନିଟରେ ପହଞ୍ଚିବ। ରାୟପୁରରୁ ଅପରାହ୍ନ ୧ଟା ୧୨ମିନିଟରେ ବାହାରି ଝାରସୁଗୁଡ଼ାରେ ୨ଟା ୧୫ମିନିଟରେ ପହଞ୍ଚିବ। ପୁଣି ଝାରସୁଗୁଡ଼ାରୁ ଅପରାହ୍ନ ୨ଟା ୪୫ମିନିଟରେ ବାହାରି ଦିଲ୍ଲୀରେ ୫ଟା ୧୫ମିନିଟରେ ପହଞ୍ଚିବ। ସମୟ ସାରଣୀ ଘୋଷଣା ପରେ ଝାରସୁଗୁଡ଼ା ଦେଇ ଚଳାଚଳ କରୁଥିବା ଏଲାୟନ୍ସ ଏୟାରର କେତେକ ରୁଟ୍‌ରେ ସମୟ ସାରଣୀରେ ପରିବର୍ତ୍ତନ କରାଯାଇଥିବା ବିମାନ ବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏଲାୟନ୍ସ ଏୟାରର ବିମାନ ନଂ ୯ ଆଇ ୭୪୫ କୋଲକାତାରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟରେ ବାହାରି ଝାରସୁଗୁଡ଼ାରେ ୧ଟା ୫୦ ମିନିଟରେ ପହଞ୍ଚିବ। ପୁଣି ଏହି ବିମାନ ଝାରସୁଗୁଡ଼ାରୁ ଅପରାହ୍ନ ୨ଟା ୪୦ ମିନିଟରେ ବାହାରି ଭୁବନେଶ୍ୱରରେ ୩ଟା ୪୫ ମିନିଟରେ ପହଞ୍ଚିବ। ସେହିପରି ଏଲାୟନ୍ସ ଏୟାରର ବିମାନ ନଂ ୯ ଆଇ ୭୪୬ ଭୁବନେଶ୍ୱରରୁ ଅପରାହ୍ନ ୪ଟା ୩୫ମିନିଟରେ ବାହାରି ଝାରସୁଗୁଡ଼ାରେ ୫ଟା ୩୫ ମିନିଟରେ ପହଞ୍ଚିବ। ପୁନଶ୍ଚ ଏହି ବିମାନ ଝାରସୁଗୁଡ଼ାରୁ ସନ୍ଧ୍ୟା ୬ଟା ୦୫ ମିନିଟରେ ବାହାରି କୋଲକାତାରେ ୭ଟା ୨୫ ମିନିଟରେ ପହଞ୍ଚିବ।

### ନିଜ ରାଇଫଲରୁ ଗୁଳିଚଳାଇ ଯବାନଙ୍କ ଆତ୍ମହତ୍ୟା

ମାଲକାନଗିରି,୩।୧୧ (ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ଗୁରୁବାର ସକାଳେ ଜଣେ ଯବାନ ନିଜ ରାଇଫଲରୁ ଗୁଳିଚଳାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୋହକାମେଟା ପୋଲିସ ଷ୍ଟେସନରେ କାର୍ଯ୍ୟରତ ଥିବା ହେଡ କନଷ୍ଟେବଲ ଅରୁଣ ଉଇକେ। ସେ ଧମତାରୀ ଜିଲାର ସିହାୱା ନିବାସୀ ବୋଲି ଜଣାପଡିଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ନାରାୟଣପୁର ଜିଲା ଡାକ୍ତରଖାନାକୁ ନିଆଯାଇଛି। ତେବେ ସେ କେଉଁ କାରଣରେ ଏଭଳି ପଦକ୍ଷେପ ନେଲେ ତାହା ଜଣା ପଡ଼ିନାହିଁ।

# ମିଳିଲା ଆଉ ୫୦ କ୍ରିପ୍ଟୋ ୱାଲେଟ୍

ଭୁବନେଶ୍ୱର,୩।୧୧ବ୍ୟୁରୋ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସଙ୍କୁ ଗୁରୁବାର ୩ ଦିନିଆ ରିମାଣ୍ଡରେ ଆଣିଛି ଭିଜିଲାନ୍ସ। ପଚରାଉଚରା ପରେ ନିହାରରଞ୍ଜନଙ୍କ କ୍ରିପ୍ଟୋ କାରବାର ସମ୍ପର୍କରେ ଭିଜିଲାନ୍ସକୁ ଅଧିକ ତଥ୍ୟ ମିଳିଛି। ଚଢ଼ାଉ ସମୟରେ ୩୮ଟି କ୍ରିପ୍ଟୋ ୱାଲେଟ୍ ଜବତ ହୋଇଥିବାବେଳେ ଏବେ ଆଉ ୫୦ ନୂଆ କ୍ରିପ୍ଟୋ ୱାଲେଟ୍ ମିଳିଛି। ଫଳରେ ନିହାର ରଞ୍ଜନଙ୍କ କ୍ରିପ୍ଟୋ ୱାଲେଟ ସଂଖ୍ୟା ୮୮କୁ ବୃଦ୍ଧି ପାଇଛି। ଅଭିଯୁକ୍ତ ନିହାର ରଞ୍ଜନ ଏସବୁରେ ମୋଟ ୨ କୋଟିରୁ ଅଧିକ ନିବେଶ କରିଥିବା ଜଣାପଡିଛି। ତାଙ୍କୁ ଫାଇନାନ୍‌ସିଆଲ୍ ଏକ୍ସପର୍ଟ୍ସ ଓ ଟେକ୍‌ନିକାଲ କର୍ମଚାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ପଚରାଉଚରା କରୁଛନ୍ତି। ଏପରିକି ମୁମ୍ବାଇରୁ ସ୍ୱତନ୍ତ୍ର କ୍ରିପ୍ଟୋ ଏକ୍ସପର୍ଟ ଟିମ୍ ଭୁବନେଶ୍ୱରରେ ପହଞ୍ଚି ତଦନ୍ତକାରୀ ଟିମ୍‌କୁ ସହାୟତା କରୁଛନ୍ତି। ନିହାର ରଞ୍ଜନ କ୍ରିପ୍ଟୋ କରେନ୍ସିରେ ଏପରି ଆଉ ଅଧିକ ଟଙ୍କା ନିବେଶ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ତେଣୁ ତଦନ୍ତକାରୀ ଟିମ୍ ତାଙ୍କ ବ୍ୟାଙ୍କ ନେଣଦେଣ ଯାଞ୍ଚ କରିବା ସହ କ୍ରିପ୍ଟୋ କାରବାର ଉପରେ ଅଧିକ ଅନୁସନ୍ଧାନ କରୁଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ରିମାଣ୍ଡର ଦ୍ୱିତୀୟ ଦିନରେ ଏହି ମାମଲାରେ ଭିଜିଲାନ୍ସକୁ ଅଧିକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ନିହାର ରଞ୍ଜନଙ୍କ ଘର ସମେତ ୩ ଜିଲାର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ସୁନା ଅଳଙ୍କାର, ପ୍ଲଟ, ଫ୍ଲାଟ, ଯାନ ବାହାନ ଏବଂ ଘରୋଇ ଉପକରଣ ସମେତ ମୋଟ ୩.୧୬ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା, ଯାହାକି ତାଙ୍କ ପ୍ରକୃତ ଆୟଠାରୁ ୨୭୫ ପ୍ରତିଶତ ଅଧିକ। ଏନେଇ ଭିଜିଲାନ୍ସ ନିହାର ରଞ୍ଜନ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ମାମଲା ରୁଜୁ କରିଛି। ଶନିବାର ନିହାର ରଞ୍ଜନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

### ୨ ଦିନିଆ ରିମାଣ୍ଡରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ

■ କ୍ରିପ୍ଟୋ ୱାଲେଟ୍ ସଂଖ୍ୟା ୮୮କୁ ବୃଦ୍ଧି, ୨ କୋଟିରୁ ଊର୍ଦ୍ଧ୍ୱ ନିବେଶ

■ ଭିଜିଲାନ୍ସକୁ ସହାୟତା କରୁଛି ମୁମ୍ବାଇର ସ୍ୱତନ୍ତ୍ର କ୍ରିପ୍ଟୋ ଏକ୍ସପର୍ଟ ଟିମ୍

■ ଶୁକ୍ରବାର ୬ ସ୍ଥାନରେ ହୋଇଥିଲା ଚଢ଼ାଉ, ଶନିବାର ଯାଇଥିଲେ ଜେଲ

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ ଅଫିସ, ୩।୧୧

ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଭୋର ୫ଟା ୧୦ରେ ଦ୍ୱାରଫିଟା ପରେ ଭିତରଶୋଧ କରାଯାଇ ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୬ଟା ୪୫ରେ ହୋଇ ଅବକାଶ ପୂଜା ଲାଗି ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ଶ୍ରୀମନ୍ଦିର ଭିତରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ତୁରନ୍ତ ନୀତି ବନ୍ଦ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ସକାଳ ୭ଟା ୨୫ରେ ଚୂନପାଣି ପଡ଼ି ୭ଟା ୩୦ରେ ମହାସ୍ନାନ ପୂଜା ଲାଗି ପ୍ରସ୍ତୁତି କରାଯାଇଥିଲା। ୭ଟା ୪୦ରୁ ୭ଟା ୪୫ ପର୍ଯ୍ୟନ୍ତ ମହାସ୍ନାନ ନୀତି ହୋଇଥିଲା। ପରେ ଅବକାଶ ନୀତି ସହ ଅନ୍ୟାନ୍ୟ ନୀତି ଆରମ୍ଭ କରାଯାଇଥିଲା। ବଡ଼ ମହାସ୍ନାନ ପାଇଁ ପ୍ରାୟ ୧ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଫଳରେ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର

### ଶ୍ରୀମନ୍ଦିରରେ ରକ୍ତଛିଟା



ନାରାୟଣ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଦର୍ଶନ ସମୟରେ ଠେଲାପେଲା ଯୋଗୁ କୌଣସି ଭକ୍ତଙ୍କ ଗୋଡ଼ରୁ ରକ୍ତ ପଡ଼ିଥିବା ଅନୁମାନ କରାଯାଉଛି। ଭିତର କାଠ ନିକଟରେ ରକ୍ତ ପଡ଼ିଥିବାରୁ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ବଡ଼ମହାସ୍ନାନ କରାଯାଇଥିଲା। ମହାସ୍ନାନ ନୀତି ସମ୍ପନ୍ନ ପରେ ପୁଣି ଦୈନିକ ନୀତିକାନ୍ତି ଆଗେଇ ଥିଲା। ଅପରପକ୍ଷରେ ଗୁରୁବାର ସୁଦଶା ବ୍ରତରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ତେବେ ନୀତି ବିଳମ୍ବ କାରଣରୁ ଭକ୍ତମାନେ ଡେରିରେ ମହାପ୍ରସାଦ ପାଇଥିଲେ।

# ବିବାହ ପୂର୍ବରୁ ଫ୍ୟାନ୍‌ରେ ଝୁଲିପଡ଼ିଲେ ଯୁବତୀ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଆଉ କେଇଟା ଦିନପରେ ବିବାହ ହୋଇଥାନ୍ତା। ପୁରୁଷବନ୍ଧୁଙ୍କୁ ଜୀବନସାଥୀ କରିଥାନ୍ତେ। ହେଲେ ତାଙ୍କ ସହ ଝଗଡ଼ା ସବୁ ସ୍ୱପ୍ନକୁ ଚୂର୍‌ମାର କରିଦେଇଛି। ନୂଆ ସଂସାର ଗଢ଼ିବା ପୂର୍ବରୁ ଯୁବତୀଜଣକ ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣୀଶ୍ୱର ଅଞ୍ଚଳର ଏକ ଭଡ଼ାଘରେ ଫ୍ୟାନରେ ଓଢ଼ଣୀ ଦ୍ୱାରା ଝୁଲି ପଡ଼ିଛନ୍ତି। ମୃତା ଯୁବତୀ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳର ସ୍ନେହଲତା ସ୍ୱାଇଁ (୨୫)। ସେ ଭୁବନେଶ୍ୱରରେ ଏକ ବିଜ୍ଞାପନ ସଂସ୍ଥାରେ ଗ୍ରାଫିକ୍ସ ଡିଜାଇନର ଭାବେ କାମ କରୁଥିଲେ। ଗୁରୁବାର ସକାଳେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ସ୍ନେହଲତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁରୁଷବନ୍ଧୁଙ୍କ ସହ ଝଗଡ଼ା ହେବା ପରେ ସ୍ନେହଲତା ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ଜାଣିବାକୁ ପାଇଛି। ଏପରିକି ମୃତ୍ୟୁ ପୂର୍ବରୁ ରାଗରେ ତାଙ୍କ ମୋବାଇଲକୁ ମଧ୍ୟ ସ୍ନେହଲତା ଭାଙ୍ଗି ଦେଇଛନ୍ତି। ପୋଲିସ ତାଙ୍କ ସାଙ୍ଗ ଓ ପରିବାର ଲୋକଙ୍କ ବୟାନ ରେକର୍ଡ କରିବା ସହ ଭଙ୍ଗା ମୋବାଇଲକୁ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୦/୨୦୨୨) ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ସ୍ନେହଲତା ଏଠାରେ ୨ରୁ ଅଧିକ ବର୍ଷ ହେବ ରହୁଥିଲେ। ଚିନ୍ତାମଣୀଶ୍ୱରସ୍ଥିତ ଏକ ଟୁ-ବିଏଚ୍‌କେ ଫ୍ଲାଟ୍‌ରେ ଅନ୍ୟ ଜଣେ ଯୁବତୀଙ୍କ ସହ ରହି ଆସୁଥିଲେ। କିଛିଦିନ ହେବ ପୁରୁଷବନ୍ଧୁଙ୍କ ସହ ସ୍ନେହଲତାଙ୍କ ବିବାହ ସ୍ଥିର ହୋଇଥିଲା। ତେବେ ପ୍ରାୟ ସମୟରେ ବିଭିନ୍ନ କାରଣକୁ ନେଇ ପୁରୁଷବନ୍ଧୁ ଓ ସ୍ନେହଲତାଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ମଙ୍ଗଳବାର ମଧ୍ୟ ସେମାନଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ରୁମ୍‌ମେଟ୍ ଯୁବତୀ ଜଣକ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଅଫିସ ପଳାଇଥିଲେ। ହେଲେ ସ୍ନେହଲତା ଅଫିସକୁ ଯାଇ ନ ଥିଲେ। ରୁମ୍‌ମେଟ୍ ରାତି ପ୍ରାୟ ୮ଟା ବେଳକୁ ଫେରିଲା ପରେ ସ୍ନେହଲତା କବାଟ ଖୋଲି ନ ଥିଲେ। ଏନେଇ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଝରକା ଫାଙ୍କରୁ ସ୍ନେହଲତା ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇ ଦ୍ୱାର କବାଟ ଭାଙ୍ଗିଥିଲା। ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଗୁରୁବାର ସକାଳେ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ଫ୍ୟାନ୍‌ରେ ଝୁଲୁଥିବା ସ୍ନେହଲତାଙ୍କ ମୃତଦେହକୁ ଜବତ କରିଥିଲା।

### ପୁରୁଷବନ୍ଧୁଙ୍କ ସହ ଝଗଡ଼ା ପରେ ଆତ୍ମହତ୍ୟା

■ ଭାଙ୍ଗି ଦେଇଥିଲେ ମୋବାଇଲ ଫୋନ୍

■ ଗ୍ରାଫିକ୍ସ ଡିଜାଇନର ଭାବେ କାମ କରୁଥିଲେ




### ପଟ୍ଟାଙ୍ଗୀ ଅଞ୍ଚଳରେ ଲାଗିଲା ମାଓବାଦୀ ବ୍ୟାନର

ପଟ୍ଟାଙ୍ଗୀ,୩।୧୧(ଡି.ଏନ.ଏ.)

ପଡ଼ୋଶୀ ଆନ୍ଧ୍ର ସୀମାନ୍ତ କୋରାପୁଟ ଜିଲା ପଟ୍ଟାଙ୍ଗୀ ଅଞ୍ଚଳରେ ଗୁରୁବାର ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ଏନେଇ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି। ଦୀର୍ଘ ବର୍ଷର ବ୍ୟବଧାନ ପରେ ପୁଣି ମାଓବାଦୀ ବ୍ୟାନର ଲାଗିବା ଉକ୍ତ ଅଞ୍ଚଳର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖବରରୁ ଜଣାପଡ଼ିଛି, ଏହି ବ୍ଲକ ଅଞ୍ଚଳରେ ପ୍ରାୟ ୬ ବର୍ଷ ହେଲା ମାଓବାଦୀଙ୍କ ଗତିବିଧି ସହ ପୋଷ୍ଟର, ବ୍ୟାନର ଦେଖିବାକୁ ମିଳୁ ନ ଥିଲା। ଦୀର୍ଘ ବର୍ଷର ବ୍ୟବଧାନ ପରେ ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପୁକାଳି ଛକରେ ଗୋଟିଏ ଲାଲ ରଙ୍ଗର ବ୍ୟାନର ଏବଂ ଏକ ଦୋକାନ କାନ୍ଥରେ ଲାଲ ରଙ୍ଗରେ ଲେଖାଥିବା ଦୁଇଟି ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ତେବେ ଏହା ପ୍ରକୃତରେ ମାଓବାଦୀଙ୍କ କାର୍ଯ୍ୟ କି ଅନ୍ୟ କେହି ଏପରି କରି ଲୋକଙ୍କ ମନରେ ଭୟ ସୃଷ୍ଟି ପାଇଁ ଉଦ୍ୟମ କରିଛି ତାହା ପୋଲିସ ତଦନ୍ତ କରି ସ୍ପଷ୍ଟ କରିବାକୁ ସାଧାରଣରେ ଦାବି ହେଉଛି। ମରାଯାଇଥିବା ବ୍ୟାନର ଓ ପୋଷ୍ଟରରେ ଖଣି ଖନନ ଅଞ୍ଚଳରେ ହିଣ୍ଡାଲ୍‌କୋ, ମୈତ୍ରୀ କମ୍ପାନୀର ଦଲାଲ ଭାବେ କାମ କରୁଥିବା ଲୋକମାନଙ୍କୁ ଚେତାବନୀ ଦିଆଯାଇଛି। ଦଲାଲ କାମ ନ ଛାଡ଼ିଲେ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ ବୋଲି କୁହାଯାଇଛି। ବ୍ୟାନର ଓ ପୋଷ୍ଟରରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନାମ ଉଲ୍ଲେଖ ରହିଛି। ସେମାନେ ହେଲେ ଦଶରଥ ଖିଲ, ରବି ସଡାପେଲି, ଦିନେଶ ଖରା, ପୂର୍ଣ୍ଣ ଜାନି, ଅନିଲ ସଡାପେଲି ଓ ସିରମା ଖରା। ତଳେ ଓଡ଼ିଶା ରାଜ୍ୟ କମିଟି ସିପିଆଇ ମାଓବାଦୀ ଲେଖାହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉପରୋକ୍ତ ଛକରେ ଦୀର୍ଘ ସମୟ ଧରି ମାଓବାଦୀ ପୋଷ୍ଟର ବ୍ୟାନର ଲାଗିଥିବାବେଳେ ପୋଲିସ ବହୁ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚି ଲାଗିଥିବା ବ୍ୟାନର ଓ ପୋଷ୍ଟରକୁ ଜବତ କରିଛି।

# ରାୟଗଡ଼ାରେ ପ୍ରାଚୀନ ଗୁମ୍ଫା, ପଥରର ସନ୍ଧାନ

■ ୟୁଜିସି ପ୍ରାଚୀନ ଇତିହାସରେ ଯୋଡ଼ିବ ନୂତନ ଅଧ୍ୟାୟ

■ ୟୁଜିସି କେୟାର ଲିଷ୍ଟେଡ୍ ଜର୍ନାଲରେ ରିପୋର୍ଟ ପ୍ରକାଶିତ

ରାୟଗଡ଼ା ଅଫିସ,୩।୧୧

ରାୟଗଡ଼ା ସହର ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାଚୀନ ସଭ୍ୟତାର ସନ୍ଧାନ ମିଳିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପିଏଚ୍.ଡି. ଛାତ୍ର ଲୋକେଶ ଦୁର୍ଗା ଏବଂ ସ୍ୱାଧୀନ ଭାବେ ଗବେଷଣା କରୁଥିବା ତାଙ୍କର ୨ ସହଯୋଗୀ ଦମୟନ୍ତୀ ବାଗ ଏବଂ ପ୍ରତାପ କୁମାର ବିଶ୍ୱାଳ ଅନୁସନ୍ଧାନ ବେଳେ ଉକ୍ତ ଅଞ୍ଚଳରୁ ପ୍ରାଚୀନ କାଳର ୨ ଗୁମ୍ଫା ଏବଂ କିଛି ପଥର ପାଇଛନ୍ତି। ଲୋକେଶଙ୍କଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ନାଗାବଳୀ ନଦୀ ଅବବାହିକାରେ ପ୍ରାଚୀନ ସଭ୍ୟତା ରହିଛି।

ନିକଟରେ ଗବେଷକ ଟିମ୍ ଏହି ସ୍ଥାନରେ ଅନୁସନ୍ଧାନ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟ ଅନୁସନ୍ଧାନ ବେଳେ ଡୁମାଗୁଡ଼ା ପାହାଡ଼ରୁ ପଥରରେ ନିର୍ମିତ ଅନେକ ହତିଆର ସହ ସେତେବେଳର ମାନବ ବସବାସ କରୁଥିବା ଦୁଇଟି ଗୁମ୍ଫାର ସନ୍ଧାନ ପାଇଥିଲେ। ଉକ୍ତ



ପ୍ରାଚୀନ ଗୁମ୍ଫା ନିକଟରେ ଗବେଷକ ଟିମ୍।

ପଥର ଗୁଡ଼ିକ ପୁରାତନ ପ୍ରସ୍ତରଯୁଗର ବୋଲି ଗବେଷକ ଟିମ୍ ଅନୁମାନ କରୁଛନ୍ତି। ଉକ୍ତ ଗବେଷଣା ସମ୍ପର୍କରେ 'କ୍ୱାର୍ଟରଲି ଜର୍ନାଲ ଅଫ୍ ଦି ମିଥିକ ସୋସାଇଟି (ବାଙ୍ଗାଲୋର)'ରେ ପ୍ରକାଶ ପାଇଥିଲା। ଅନୁସନ୍ଧାନକାରୀ ଦଳ ପ୍ରଥମେ ପାହାଡ଼ ତଳୁ ୩୦ ମିଟର ଦୂରରେ ଏକ ଗୁମ୍ଫା ପାଇଥିଲେ। ପରେ ପ୍ରଥମ ଗୁମ୍ଫାଠାରୁ ୨୦୦ ମିଟର ଦୂରରେ ସେମାନେ ଆଉ ଏକ ଗୁମ୍ଫାର ସନ୍ଧାନ ପାଇଥିଲେ। ଏଠାରେ ପଥର ନିର୍ମିତ ଏକ ପ୍ଲାଟ୍‌ଫର୍ମ ମଧ୍ୟ ରହିଛି। ଉକ୍ତ ପ୍ଲାଟ୍‌ଫର୍ମ ସିଧାସଳଖ ଦ୍ୱିତୀୟ ଗୁମ୍ଫାକୁ ସଂଯୋଗ କରୁଥିବା ଲୋକେଶ କହିଛନ୍ତି। ରିପୋର୍ଟ ଅନୁଯାୟୀ, ଗୁମ୍ଫାରେ ଗ୍ରାନାଇଟ, ଖାଣ୍ଡୋଲାଇଟ, କ୍ୱାର୍ଟଜାଇଟ, ଚିସେଲ, ହାଣ୍ଡେକ୍ସ ଏବଂ ବ୍ଲେଡ୍ ଆଦି ରହିଛି। ତେବେ ଟିମ୍ ପକ୍ଷରୁ ଏହା ପ୍ରାଥମିକ ସର୍ବେକ୍ଷଣ ଥିଲା। ଏବେ କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଉଚିତ ନୁହେଁ ବୋଲି ଲୋକେଶ କହିଛନ୍ତି। ଏହା ବ୍ୟତୀତ ରାୟଗଡ଼ା ସହର ଠାରୁ ମାତ୍ର ୨୦ କି.ମି. ଦୂରରେ ପ୍ରବାହିତ ହେଉଥିବା ଝଞ୍ଜାବତୀ ନଦୀ ନିକଟରୁ ଅନ୍ୟ ଏକ ବିଚିତ୍ର ପଥରର ସନ୍ଧାନ ମିଳିଛି। ଏହା ମନୁଷ୍ୟ ଆକୃତିର ରହିଛି। ରାୟଗଡ଼ା ସହରର ଚତୁଃପାର୍ଶ୍ୱରେ ଅନେକ ପ୍ରାଚୀନ ଗୁମ୍ଫା ରହିଛି। କୃଷି କାର୍ଯ୍ୟ ଏବଂ ଆଧୁନିକ ଯୁଗରେ ବିଭିନ୍ନ ସ୍ଥାନରେ କୋଠା ନିର୍ମାଣ ଯୋଗୁ ଏହି ଗୁମ୍ଫାଗୁଡ଼ିକ ନଷ୍ଟ ହୋଇଯାଉଛି। ଏଗୁଡ଼ିକୁ ସଂରକ୍ଷଣ କରାଗଲେ ଭବିଷ୍ୟତରେ ଗବେଷକଙ୍କ ପାଇଁ ଉପଯୋଗୀ ହୋଇପାରିବ ଏବଂ ଏହି ଅଞ୍ଚଳ ଏକ ପର୍ଯ୍ୟଟନସ୍ଥଳ ପାଲଟିବ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି।



ଝଞ୍ଜାବତୀ ନଦୀ ନିକଟ ଅଞ୍ଚଳରୁ ମିଳିଥିବା ପଥର।

**ଆଜିର ମନ୍ତବ୍ୟ**

"ଏକ ବିକଶିତ ଭାରତ ଲାଗି ଦୁର୍ନୀତିକୁ ବରଦାସ୍ତ କରାଯାଉ ନ ଥିବା ପ୍ରଶାସନିକ ଇକୋସିଷ୍ଟମ୍ ବିକଶିତ କରିବାକୁ ହେବ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରୀତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗନ୍ନାଥଙ୍କର ବଢ଼େଇ**
**କାହାକୁ ଦିଅନ୍ତି ପାଟ ପୀତାମ୍ବରି**
**କାହାକୁ ଦିଅନ୍ତି ଗଢ଼େଇ ।**

କୁହାଯାଏ ଭଗବାନ୍‌ଙ୍କ କୃପା ଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ଭଗବାନ୍‌ଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ ଓ ତାଙ୍କ କୃପା ବିନା କିଛି ମିଳି ନ ଥାଏ। ତାଙ୍କ ଲୀଳା ବୁଝିବା ମନୁଷ୍ୟଙ୍କ ପକ୍ଷେ କଷ୍ଟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଜିଅନ୍ତେ ନ ଦେଲୁ ତୁଣ୍ଡେ**
**ମଲେ ଦେବୁ ବେଣା ମୁଣ୍ଡେ।**

ବଞ୍ଚିଥିବା ବେଳେ ନ ପଚାରି ମରିଗଲା ପରେ ସମ୍ମାନ କୁଢ଼େଇବାରେ ଲାଭ ବା କ'ଣ ? ଦରକାର ସମୟରେ ଅନ୍ୟକୁ ଦେବା ବା ସାହାଯ୍ୟ କରିବା ସୁଗୁଣର ପରିଚୟ ହୋଇଥାଏ। ଆବଶ୍ୟକ ବେଳେ ନ ଦେଇ ଅନାବଶ୍ୟକ ବେଳେ ଦେବାର ନିରର୍ଥକତା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଧଳାସୁନାରେ କୀଟ...

ପ୍ରଥମ ପୃଷ୍ଠାରୁ...

ମଧ୍ୟ ଦଲାଲ ବା ମଧ୍ୟସ୍ଥଙ୍କଠାରୁ ଯେ କମ୍ ଲାଭବାନ ହେଉଛି ଏହା ସ୍ପଷ୍ଟ ଦେଖାଯାଉଛି। କପା ଏକ ଅର୍ଥକରୀ ଫସଲ ହୋଇଥିବାରୁ ଏହି ଚାଷ ଓ ବ୍ୟବସାୟରେ ଚାଷୀଙ୍କ ଅପେକ୍ଷା ଦଲାଲଙ୍କ ସକ୍ରିୟତା ବଢ଼ି ଚାଲିଛି। କପାକ୍ରୟ ଦିଗରେ ସରକାରୀ ନୀତି ଏବଂ ବ୍ୟବସ୍ଥା ଭିତର ଫାଙ୍କରେ ଦଲାଲମାନେ ସହଜରେ ଗଳିଯାଇ ଚାଷୀଙ୍କ ଲାଭରୁ ବାଟମାରଣା କରୁଛନ୍ତି। ଫଳରେ ରାଜ୍ୟ ବାହାର ବିଡର୍ସ, ସ୍ଥାନୀୟ ମିଲର୍ସ ଓ ଦଲାଲ ଅତ୍ୟଧିକ ଫାଇଦା ଉଠାଉଛନ୍ତି। ପ୍ରକୃତ ଚାଷୀ କୁଇଣ୍ଟାଲ ପିଛା ଗତବର୍ଷ ୭ ହଜାର ଟଙ୍କା ପାଇଥିବାବେଳେ ଚାଷୀଙ୍କଠାରୁ କପାକିଣି ଦଲାଲମାନେ କୁଇଣ୍ଟାଲ ପିଛା ୧୦ରୁ ୧୨ ହଜାର ଟଙ୍କା ପାଇଥିବା ଜଣାପଡିଛି। ବିଡର୍ସ ବ୍ୟବସ୍ଥା କରି କପା କ୍ରୟମୂଲ୍ୟ ବୃଦ୍ଧି କରିବାରେ ସଫଳ ହୋଇଥିଲେ ମଧ୍ୟ ପ୍ରଶାସନ ଦଲାଲଙ୍କ ସକ୍ରିୟତା ରୋକିବାରେ ଫେଲ ମାରିଛି। ବେଲପଡା ବ୍ଲକ ସିହିନୀ ଗାଁର ଚାଷୀ ରାଜେନ୍ଦ୍ର ବେହେରା କହିଛନ୍ତି ଯେ, ପୂର୍ବାପେକ୍ଷା ଗତବର୍ଷ କପା କୁଇଣ୍ଟାଲ ପିଛା ଅଧିକ ଟଙ୍କା ମିଳିଛି। ମାତ୍ର ମିଲର୍ସ ବଦଳରେ ସରକାର ନିଜେ ଚାଷୀଙ୍କଠାରୁ ମଣ୍ଡି ଜରିଆରେ ଅଧିକ ଟଙ୍କାରେ କିଣନ୍ତୁ। ଧାନ ପରି କପାର ମଣ୍ଡି ବ୍ୟବସ୍ଥା କରାଯାଉ।

ସରକାରଙ୍କ କପାକ୍ରୟ ନୀତିରେ ତ୍ରୁଟି ଏବଂ ଉଦାସୀନତା ଯୋଗୁ ଚାଷୀ ପ୍ରକୃତ ଲାଭରୁ ବଞ୍ଚିତ ହେଉଛନ୍ତି। ଚଳିତବର୍ଷ କଟନ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ସିସିଆଇ) ପକ୍ଷରୁ ସର୍ବନିମ୍ନ କପା ମୂଲ୍ୟ କୁଇଣ୍ଟାଲ ପିଛା ୬,୩୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ନଭେମ୍ବର ପ୍ରଥମ ସପ୍ତାହରୁ ବଲାଙ୍ଗୀର ସମେତ ଅନ୍ୟ ଜିଲାରେ କପା ଅମଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ହେଲେ ଏଯାଏ ଜିଲାରେ କପା କ୍ରୟ କମିଟି (ଡିଏଲ୍‌ପିସି) ବୈଠକ ବସିନାହିଁ। କପା ଅମଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ଏବେ ଗାଁ ଗାଁରେ ଦଲାଲ ବା ମଧ୍ୟସ୍ଥ ସକ୍ରିୟ ହୋଇଗଲେଣି। ବିଭିନ୍ନ ସ୍ଥାନରୁ ରାଜ୍ୟ ବାହାରକୁ କପା ଚାଲାଣ ଆରମ୍ଭ ହୋଇଗଲାଣି। ଦାଦନ ଶ୍ରମିକଙ୍କ ଭଳି କପାଚାଷରେ ବି ବଇନା ବା ଅଗ୍ରିମ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ। ବ୍ୟବସାୟୀ ଓ ଦଲାଲମାନେ ଚାଷୀଙ୍କୁ ଅଗ୍ରିମ ଟଙ୍କା, ମଞ୍ଜି, ସାର ଓ କୀଟନାଶକ ଦେଇ ଚୁକ୍ତି ଅନୁସାରେ କପାଚାଷ କରାଇଥାନ୍ତି। ଚଳିତବର୍ଷ ମଧ୍ୟ ଦଲାଲମାନେ ସେହି ପନ୍ଥାରେ ଚାଷୀଙ୍କଠାରୁ କପା ନେବା ଆରମ୍ଭ କରିଛନ୍ତି।

ସରକାରୀସ୍ତରରେ କପାଚାଷୀଙ୍କୁ ପ୍ରୋତ୍ସାହନ କଥା କୁହାଯାଉଥିଲେ ମଧ୍ୟ ଦଲାଲଙ୍କ ଶୋଷଣ ରୋକିବା ଦିଗରେ ବାସ୍ତବ ନିୟମ ନାହିଁ। ଏଭଳି ସ୍ଥିତିରେ ଚାଷୀ ଅପେକ୍ଷା ଦଲାଲମାନେ ଲାଭବାନ୍ ହେବା ଦେଖାଯାଉଛି। ବଲାଙ୍ଗୀର ଜିଲାରେ ମାତ୍ର ତିନୋଟି ଆର୍‌ଏମ୍‌ସି ରହିଛି। ଆର୍‌ଏମ୍‌ସି ବ୍ୟତୀତ ଅନ୍ୟସ୍ଥାନରେ ମଣ୍ଡି ଖୋଲାଯାଉନାହିଁ। ଏମ୍‌ଏସ୍‌ପିଠାରୁ ଢେର ଅଧିକ ଦରରେ କପାକ୍ରୟ ହେଉଥିବାରୁ ସିସିଆଇ ହସ୍ତକ୍ଷେପର ଆବଶ୍ୟକତା ପଡୁନାହିଁ। ଦଲାଲମାନେ ଏମ୍‌ଏସ୍‌ପିଠାରୁ ସାମାନ୍ୟ ଅଧିକ ଟଙ୍କା ଦେଇ ସିଧାସଳଖ ଚାଷୀଙ୍କଠାରୁ କପା କିଣିନେଉଛନ୍ତି। ଧାନଚାଷ ଭଳି କପାଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥା ନ ଥିବାରୁ କିଏ ଚାଷୀ କିଏ ଦଲାଲ ଚିହ୍ନିବା ମୁସ୍କିଲ। ଏଭଳି କ୍ଷେତ୍ରରେ ପ୍ରକୃତ ଚାଷୀଙ୍କୁ କପାର ଉଚିତ ମୂଲ୍ୟ ଓ ଲାଭ ମିଳିବା କଷ୍ଟକର ହୋଇପଡିଛି। ଏବେ ଅନ୍ତର୍ଜାତୀୟ ବଜାରରେ କପାମୂଲ୍ୟ ବୃଦ୍ଧି ଯୋଗୁ ଏମ୍‌ଏସ୍‌ପିଠାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ସରକାର ଏ ଦିଗରେ ଏବେଠୁ ସଜାଗ ନ ହେଲେ ରାଜ୍ୟର କପାଚାଷୀ ପ୍ରଭାବିତ ହେବା ଆଶଙ୍କା ଦେଖାଯାଇଛି। ଅପରପକ୍ଷରେ ରାଜ୍ୟ ବାହାରକୁ କପା ଚାଲିଯାଉଥିବାରୁ ରାଜ୍ୟର ଜିନିଂମିଲ୍ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ଦେଖାଯାଇଛି। ଏନେଇ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ କପାଚାଷୀଙ୍କୁ ଯେଉଁଭଳି ଅଧିକ ଆର୍ଥିକ ଲାଭ ମିଳିବ ସେ ଦିଗରେ ପ୍ରଶାସନ ବ୍ୟବସ୍ଥା କରୁଛି। ଚାଷୀ ଥରେ କପାର ମାର୍କେଟ ମୂଲ୍ୟ ସମ୍ପର୍କରେ ସଚେତନ ହୋଇଗଲେ ମଧ୍ୟସ୍ଥ ବା ବ୍ୟବସାୟୀ କେହି ତାଙ୍କୁ ଆଉ ଠକିପାରିବେ ନାହିଁ। ଏବେ କପା ଅଧିକ ମୂଲ୍ୟରେ ବିକ୍ରୟ ହେଉଛି। ଏହି ସମୟରେ ଚାଷୀ କିଭଳି ଅଧିକ ମୂଲ୍ୟ ପାଇବେ ସେ ଦିଗକୁ ପ୍ରାଥମିକତା ଦେଉଛୁ। ଏଦିଗରେ ଅନ୍ୟ କୌଣସି ସମସ୍ୟା ଉପୁଜିଲେ ତା'ର ସମାଧାନ ଦିଗରେ ଠୋସ୍ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ, ୨୦୦୬-୦୭ ମସିହା ତଥ୍ୟ ଅନୁଯାୟୀ ଅବିଭକ୍ତ କଳାହାଣ୍ଡି ଜିଲାରେ ୨୨ ହଜାର ୧୨୦ ହେକ୍ଟର, ବଲାଙ୍ଗୀର ଜିଲାରେ ୨୦ ହଜାର ୬ ଶହ ହେକ୍ଟର ଏବଂ ଅବିଭକ୍ତ କୋରାପୁଟ ଜିଲାରେ ୧୫ ହଜାର ୬୨୦ ହେକ୍ଟର ଜମିରେ କପାଚାଷ ହୋଇଥିଲା। ଚଳିତ ୨୦୨୨-୨୩ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ୭୦ ହଜାର ୭୮୦ ହେକ୍ଟର, ନୂଆପଡା ଜିଲାରେ ୧୫ ହଜାର ୬୨୯ ହେକ୍ଟର, ବଲାଙ୍ଗୀର ଜିଲାରେ ୬୨ ହଜାର ୪୩୩ ହେକ୍ଟର ଏବଂ ସୁବର୍ଣ୍ଣପୁର ଜିଲାରେ ୫ ହଜାର ୩୨୩ ହେକ୍ଟର, ବୌଦ୍ଧ ଜିଲାରେ ୫ ହଜାର ୩୪୧ ହେକ୍ଟର, ବରଗଡ ଜିଲାରେ ୨ ହଜାର ୭୯୫ ହେକ୍ଟର ଜମିରେ କପାଚାଷ କରାଯାଇଛି। ସେହିପରି ରାୟଗଡା ଜିଲାରେ ଚଳିତବର୍ଷ ୪୫ ହଜାର ୯୬୭ ହେକ୍ଟର, କୋରାପୁଟ ଜିଲାରେ ୧ ହଜାର ୬୩୫ ହେକ୍ଟର ଏବଂ ଗଜପତି ଜିଲାରେ ୨ ହଜାର ୩୭୮ ହେକ୍ଟର ଜମିରେ କପାଚାଷ କରାଯାଇଛି।

## ଏକମାତ୍ର ସୂତାକଳ ବନ୍ଦ: ଚାଷୀଙ୍କୁ ଭରସା ମହାରାଷ୍ଟ୍ର ବ୍ୟବସାୟୀ

**ସୋନପୁର, ୩।୧୧(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକର ଚାଷୀମାନେ ଅଣଜଳସେଚିତ ଓ ଢିପ ଜମିରେ କପା ଚାଷ କରୁଛନ୍ତି। ମହାରାଷ୍ଟ୍ରର ବ୍ୟବସାୟୀମାନେ ଏମ୍‌ଏସ୍‌ପିଠାରୁ ଅଧିକ ଦାମ୍ ଦେଇ କପା କିଣି ନେଉଥିବାରୁ ସ୍ଥାନୀୟ ଚାଷୀମାନେ ସେମାନଙ୍କୁ ଅଧିକ ଭରସା କରୁଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶରୁ ଆସି ସ୍ଥାୟୀ ବାସିନ୍ଦା ପାଲଟିଯାଇଥିବା ବହୁ ଚାଷୀ କପା ଉତ୍ପାଦନ କୌଶଳ ଶିଖିବା ପରେ ବୀରମହାରାଜପୁର ବ୍ଲକର ତେନ୍ତୁଳିମହଦା, ବଡଖମାର, ଆନନ୍ଦପୁର, ଜଟେସିଂହା, ବାଗବର, ମୁର୍ଷୁଣ୍ଡି, କେନ୍ଦୁଟିଆପାଲି, ବହଲପଦର, ଖଣ୍ଡହତା, ଦୁର୍ଜନତଏଲା, ଉଲୁଣ୍ଡା ବ୍ଲକର କଳାପଥର, ଯାଲୋଏ, ସୋନପୁର ଓ ତରଭା ବ୍ଲକରେ କପା ଚାଷ କରୁଛନ୍ତି। ଆନ୍ଧ୍ର ବ୍ୟବସାୟୀ ସ୍ଥାନୀୟ ଚାଷୀଙ୍କୁ କପା ମଞ୍ଜି ମଧ୍ୟ ଯୋଗାଉଛନ୍ତି।

ଚଳିତ ବର୍ଷ ଜିଲାର ୫, ୩୨୩ ହେକ୍ଟରରେ କପା ଚାଷ ହୋଇଥିଲା। ବୀରମହାରାଜପୁର ବ୍ଲକର ବଡ଼ଖମାରରେ ମାତ୍ର ଗୋଟିଏ କପା ମଣ୍ଡି ରହିଥିବାବେଳେ ଜିଲାର ଏକମାତ୍ର ସୂତାକଳ ବନ୍ଦ ହୋଇଯାଇଛି। ଏହାର ଫାଇଦା ନେଉଛନ୍ତି ବାହାର ବ୍ୟବସାୟୀ। ଗତବର୍ଷ ମହାରାଷ୍ଟ୍ରର ବ୍ୟବସାୟୀମାନେ କପା କୁଇଣ୍ଟାଲ ପିଛା ୯,୫୦୦ରୁ ୧୦ ହଜାର ଟଙ୍କା ଦେଇ କିଣିନେଇଥିଲେ। ଏ ବର୍ଷ ପ୍ରାୟ ୪୮ କୋଟି ୫୪ ଲକ୍ଷ ଟଙ୍କାର କପା ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଆନନ୍ଦପୁର ଗ୍ରାମର କପା ଚାଷୀ ସହଦେବ ମହାକୁର କୁହନ୍ତି, ଚଳିତବର୍ଷ ହେକ୍ଟର ପ୍ରତି ୧୫ କୁଇଣ୍ଟାଲରୁ ଅଧିକ କପା ଉତ୍ପାଦନ ହୋଇଛି। ଦର ଅଧିକ ରହିବ ବୋଲି ସେ ଆଶା ରଖିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ସିଂହ କୁହନ୍ତି, ବଡ଼ଖମାରରେ କପା ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ତାମିଲନାଡୁ ଓ ମହାରାଷ୍ଟ୍ରରେ କପାଚାଷ କ୍ଷତିଗ୍ରସ୍ତ ହୋଇଥିବାରୁ ସେଠାକାର ସୂତାକଳ ମାଲିକମାନେ ଓଡ଼ିଶା ଉପରେ ନିର୍ଭର କରିବେ। ସୁବର୍ଣ୍ଣପୁର ଜିଲାର କପା ଚାଷୀ ଏମ୍‌ଏସ୍‌ପିଠାରୁ ଅଧିକ ଦରରେ ଘରୋଇ ବ୍ୟବସାୟୀଙ୍କୁ କପା ବିକ୍ରି କରି ଅଧିକ ଲାଭ ପାଇବେ ବୋଲି ସେ କହିଛନ୍ତି।

## ଓଡ଼ିଶାର ଜମି, ଆନ୍ଧ୍ରର ବେପାର

**କନ୍ଧମାଳ, ୩।୧୦(ଆଦିତ୍ୟେଶ୍ୱର ମିଶ୍ର):** ଆନ୍ଧ୍ର ବ୍ୟବସାୟୀଙ୍କ ଆଖିରେ ଲାଖିଯାଇଛି କପାଚାଷର ଲାଭ। ସେମାନେ ଏବେ ଓଡ଼ିଶାରେ ଏହି ଅର୍ଥକରୀ ଫସଲ କରି ବେପାର ଆରମ୍ଭ କରିସାରିଲେଣି। ଏଥିଲାଗି ସେମାନେ ବାର୍ଷିକ ଏକର ପିଛା ୨ରୁ ୩ ହଜାର ଟଙ୍କା ମଧ୍ୟ ଦେଉଛନ୍ତି। ଏପରି କି ୩ରୁ ୫ ବର୍ଷିଆ ଏଗ୍ରିମେଣ୍ଟ କରୁଛନ୍ତି। ବୌଦ୍ଧ ଜିଲାର କନ୍ଧମାଳ ଓ ବୌଦ୍ଧ ବ୍ଲକରେ ଆନ୍ଧ୍ର ବ୍ୟବସାୟୀଙ୍କ ଏଭଳି ଦଖଲ ଏବେ ଚିନ୍ତାର କାରଣ ସାଜିଛି।

ଅନ୍ୟପଟେ କପାଚାଷ ପାଇଁ ପାରମ୍ପରିକ ହରଡ, ମୁଗ, ବିରି ଆଦି ଡାଲି ଜାତୀୟ ଫସଲ, ବାଦାମ, ରାଶି, ସୋରିଷ ପରି ତୈଳବୀଜ ଚାଷ ସାଂଘାତିକ ଭାବେ ହ୍ରାସ ପାଇଛି। ଦଶନ୍ଧି ତଳେ କନ୍ଧମାଳର ହରଡ଼ ଓ ଶଗଡାର ମୁଗକୁ ନେଇ ଯେଉଁ ପ୍ରସିଦ୍ଧି ଥିଲା, ତାହା ଆଉ ନାହିଁ। ଏତେ ସତ୍ତ୍ୱେ ପାରମ୍ପରିକ ଚାଷରୁ ଓହରି କପାଚାଷ କରୁଥିବା ଚାଷୀଙ୍କ ପାଇଁ ଜିଲାରେ ମଣ୍ଡି ବ୍ୟବସ୍ଥା ନାହିଁ। ଗତ ଖରିଫ୍ ଋତୁରେ ସୋନପୁରଠାରେ ଏକ ବେସରକାରୀ ମଣ୍ଡି ଖୋଲିଥିଲେ ବି ଅତିରିକ୍ତ କଟନୀ ଛଟନୀ ଚାଷୀଙ୍କୁ ବ୍ୟତିବ୍ୟସ୍ତ କରୁଛି। ସେହିପରି କପାଚାଷରେ ସାର ଓ କୀଟନାଶକ ଖର୍ଚ୍ଚ ଅନ୍ୟ ଫସଲଠାରୁ ଢେର ଅଧିକ। ସାଧାରଣ ଚାଷୀ ନିଜସ୍ୱ ସମ୍ବଳ ଅଭାବରୁ ସାହୁକାରଙ୍କ ପାଖରୁ ଦେଢ଼ଗୁଣା ଲଗାଣିରେ ସାର ଓ କୀଟନାଶକ ଆଣୁଥିବା ଦେଖିବାକୁ ମିଳୁଛି। କୃଷି ବିଭାଗ କପାଚାଷ ପ୍ରତି ଉଦାସୀନ ଥିବାରୁ ଚାଷୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

## ୧୫ରୁ ଖୋଲିବ ମଣ୍ଡି

**ଭବାନୀପାଟଣା,୩।୧୧(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାରେ ଆସନ୍ତା ୧୫ରୁ ଖୋଲିବ କପା ମଣ୍ଡି। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ଜିଲାର ୮ଟି ବ୍ଲକରେ ୭୦ ହଜାର ୭୮୦ହେକ୍ଟର ଚାଷ ଜମିରେ କପା ଚାଷ ହୋଇଛି। ଭବାନୀପାଟଣା ବ୍ଲକରେ ସର୍ବାଧିକ ୨୫ ହଜାର ୮ହେକ୍ଟରରେ ଚାଷ ହୋଇଛି। କେସିଙ୍ଗା ବ୍ଲକରେ ୧୫ହଜାର ୯୫୦, ନର୍ଲାରେ ୮୦୬୦, ଗୋଲାମୁଣ୍ଡାରେ ୧୫,୫୧୦, ଲାଞ୍ଜିଗଡରେ ୧୫୨୦, କର୍ଲାମୁଣ୍ଡାରେ ୬୧୦, ଏମ୍. ରାମପୁରରେ ୧୬୯୦, ଜୁନାଗଡ଼ରେ ୨୨୮୭ ଓ ଧର୍ମଗଡ଼ ବ୍ଲକରେ ୧୪୫ ହେକ୍ଟର ଚାଷଜମିରେ କପା ଚାଷ ହୋଇଛି। ଚଳିତ ବର୍ଷ କପାର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୬୩୮୦ ରହିଛି। ଭବାନୀପାଟଣା, କର୍ଲାପଡା, ଉଛଲା, କେସିଙ୍ଗା, ଉକ୍ରେଲା ଆଦି ସ୍ଥାନରେ କପା ମଣ୍ଡି ରହିଛି। ଜୁନାଗଡରେ ଖୁବ୍‌ଶୀଘ୍ର ମଣ୍ଡି ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

## ଇମ୍ରାନ୍ ଖାନ୍‌ଙ୍କୁ ହତ୍ୟା...

ପିଟିଆଇର ବରିଷ୍ଠ ନେତା ଅସାଦ ଓମାର କହିଛନ୍ତି, ଇମ୍ରାନ୍‌ଙ୍କ ଗୋଡ଼ରେ ଗୁଳି ବାଜିଛି। ଗୁଳିମାଡ଼ରେ ସିନେଟର ଫୈଜଲ ଜାଭେଦଙ୍କ ସମେତ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଇମ୍ରାନ୍‌ଙ୍କୁ ଚିକିତ୍ସା ପାଇଁ ଲାହୋରକୁ ସ୍ଥାନାନ୍ତର କରାଯାଉଛି। ଇମ୍ରାନ୍‌ଙ୍କ ବିରୋଧୀମାନେ ପାକିସ୍ତାନର ଉନ୍ନତି ହେଉ ବୋଲି ଚାହୁଁ ନ ଥିବାରୁ ଏଭଳି କାଣ୍ଡ ଭିଆଇଛନ୍ତି। ଏହା ଏକ ହତ୍ୟା ଉଦ୍ୟମ ବୋଲି ସେ କହିଛନ୍ତି। ଇତିମଧ୍ୟରେ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି। ପୋଲିସ ତାଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେଇ ପଚରାଉଚରା କରୁଛି। ୨୦ ବର୍ଷୀୟ ଅଭିଯୁକ୍ତ ହେଲେ ନାଭେଦ। ସେ ଇମ୍ରାନ୍‌ଙ୍କୁ ହତ୍ୟା କରିବାକୁ ଚାହୁଁଥିଲେ ବୋଲି ପୋଲିସ ଆଗରେ ମାନିଛନ୍ତି। ଇମ୍ରାନ୍ ଦେଶବାସୀଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଥିବାରୁ ତାଙ୍କୁ ସମ୍ପୃକ୍ତ ବନ୍ଧୁକଧାରୀ ହତ୍ୟା କରିବାକୁ ଚାହୁଁଥିବା ନେଇ ପୋଲିସ ସୂଚନା ଦେଇଛି। ଏହି ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ପିଟିଆଇ ଅଧ୍ୟକ୍ଷ ଇମ୍ରାନ୍ ଓ ଅନ୍ୟ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆମ ଦେଶର ରାଜନୀତିରେ ହିଂସାର କୌଣସି ସ୍ଥାନ ନାହିଁ ବୋଲି ଶେହବାଜ ଟୁଇଟ୍ କରିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ମଧ୍ୟ ଇମ୍ରାନ୍‌ଙ୍କ ଉପରେ ଆକ୍ରମଣକୁ ନିନ୍ଦା କରିଛନ୍ତି। ପ୍ରକାଶ ଯେ, ୨୦୦୭ରେ ବିଲାୱଲଙ୍କ ମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କୁ ରାୱଲପିଣ୍ଡିରେ ନିର୍ବାଚନ ପ୍ରଚାର ବେଳେ ଗୁଳିକରି ହତ୍ୟା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ରାହୁ ଓ ଚନ୍ଦ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସୁଫଳ ମିଳିବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ।

**ବୃଷ**

ଆପଣ କଥାବାର୍ତ୍ତାର ମଙ୍ଗଳଜନିତ କଠୋରତା ହେତୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ । ନୂତନ ଭାବରେ ନିର୍ମାଣ ହୋଇଥିବା ଗୃହସଜ୍ଜାରେ ମନୋନିବେଶ କରି ଖୁସି ହେବେ।

**ମିଥୁନ**

କର୍ମକ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିପାରିବେ ନାହିଁ। ପୁନଶ୍ଚ ଷଷ୍ଠାଧିପତିଙ୍କ ପ୍ରଭାବରେ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ସହକର୍ମୀଙ୍କ ପାଇଁ ନିଜେ ହଇରାଣ ହେବେ ଏବଂ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ପରିବାରରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି ।

**କର୍କଟ**

କେନ୍ଦ୍ରସ୍ଥ ଶନି ଓ ରାହୁଙ୍କ ସୁପ୍ରଭାବରୁ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ । କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରି ସଫଳତା ପାଇବେ। ସନ୍ତାନ ହେତୁକ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ**

ତୃତୀୟସ୍ଥ ଏକାଧିକ ଗ୍ରହଜନିତ ପାରିବାରିକ କ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଆଜିର ଫେରିବା ବାଟରେ କୌଣସି ଅପରିଚିତଙ୍କ ସହ ମିତ୍ରତା ସୃଷ୍ଟି କରିପାରନ୍ତି । କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା**

ଧନସ୍ଥାନରେ ଗ୍ରହଙ୍କ ସମାବେଶ ହେତୁ ଆର୍ଥିକ ଅନଟନ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ଦୁର୍ଭାବନା ବଢ଼ିଚାଲିବା ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ନୂତନ କର୍ମାରମ୍ଭରେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ସ୍ଥଗିତ କାମଟି ଜଣେ ବନ୍ଧୁଙ୍କ ସହଯୋଗରୁ ହାସଲ ହେବାର ଆଶା ରହିଛି।

**ତୁଳା**

ସପ୍ତମ ସ୍ଥାନକୁ ଏକାଧିକ ଗ୍ରହ ଦୃଷ୍ଟି ହେତୁ ବହୁ ଲୋକଙ୍କ ଉପସ୍ଥିତିରେ ପାରିବାରିକ ସମସ୍ୟାର ସମାଧାନ ହୋଇପାରେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କ୍ରୀଡ଼ା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ସଫଳ ହେବେ।

**ବିଛା**

ଅଷ୍ଟମସ୍ଥ ମଙ୍ଗଳଜନିତ ସମସ୍ୟା ଲାଗିରହିବ ଓ ପେଟ, ପିଠିରୋଗରେ କଷ୍ଟ ପାଇବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। କୌଣସି ଯୁବକଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ପିଲାମାନଙ୍କ ପାଇଁ ଗର୍ବ ଅନୁଭବ କରିବେ।

**ଧନୁ**

ଶନି ଦୃଷ୍ଟ ଗୁରୁଜନିତ ଯୋଜନାଗୁଡ଼ିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ । ସାମାଜିକ ସ୍ତରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ । ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ।

**ମକର**

କ୍ରନିକ ରୋଗଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ତଥାପି ସ୍ଥଗିତ ରହିଯାଇଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଲୋଚନା ସମୟରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କୁମ୍ଭ**

ଦୁଃସ୍ଥାନସ୍ଥ ଗ୍ରହଜନିତ ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ।

**ମୀନ**

କେନ୍ଦ୍ରସ୍ଥ ମଙ୍ଗଳଜନିତ କାରଣରୁ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଆଜି ଦିନ ମଧ୍ୟରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

ଆଜି ନଭେମ୍ବର ୪ ତାରିଖ ଶୁକ୍ରବାର, କାର୍ତ୍ତିକ ଶୁକ୍ଳପକ୍ଷର ସର୍ବସମ୍ମତ ଦେବୋତ୍ଥାପନୀ ବଡ଼ ଏକାଦଶୀ, ଶ୍ରୀମନ୍ଦିରରେ ଠିଆକିଆ ବେଶ, ଶରତ ରାସ ଆରମ୍ଭ, ଶରଣଂ, ଭୀଷ୍ମପଞ୍ଚକ ବା ବକପଞ୍ଚକ ଆରମ୍ଭ, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ-କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୨ ଗତେ ଘ.୦୬।୩୭ ମଧ୍ୟେ, ଘ.୦୭।୨୩ ଗତେ ଘ.୦୮।୪୧ ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୧୦।୦୫ ଗତେ ଘ.୧୧।୩୦ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

CAR SALE: 2015 Excellent condition Audi Q3 top model for sale Rs.- 12,80,000/- contact Owner- 9040026465 (BABU BHAI). D-1809




**SALE**

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 6371486390, 8114994259. D-1916

Duplex sale at Bhubaneswar @45 lakhs only- 9777433701, 9439206202. D-74144

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1883

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି । 7848882166. D-74142

Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685. D-1806

Office space 2175sqft. fully furnished office alongwith at 5, Janpath, Unit-3, Kharabela nagar behind Kalsi Petrolpump, Bhubaneswar -751001. Facilities available 12 split AC, 36 workstations, toilet, pantry, server room, lift, parking for 2wheelers. Security deposite for 6months rent at 4th floor. Contact -9437001845. D-73356

Luxurious 4BHK Duplex near Balianta Bazar. Land-1400, Construction- 2200- 85 Lakh. 9938219397, 9861022055. D-1885

Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452. D-73990

Developed Plot sale with 30ft. Road Demarcation, Boundarywall, Electricity infront of ASBM College, Chandaka, BBSR. Cost@ 1200/-per sqft. 9938867397. D-1921

Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658. D-74145

Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner- 9853926464. (BABU BABU). D-1808




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994

Newly open full body massage ladies and gents. 8327740003, 8093860513. D-73992

Relax, Refresh your body, Mind at Saikrupa Spa with best therapies. 8984068077. D-1863




Practitioners Registration- BAMS, BHMS, BUMS, D.Pharma, GNM.9893869473. D-1915




ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

**LOST**

ମୁଁ ସୁବ୍ରତ ରଞ୍ଜନ ମେହେର, ବୟସ-୩୦ବର୍ଷ, ନିବାସୀ ଶିବନଗର, ଧନୁପାଲି ଘୋଷଣା କରୁଛି ଯେ, ମୋର ଖାତା ନଂ.-୬୧୫/୭୫୫, ମୌଜା- ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.-୨ର ରେଜିଷ୍ଟ୍ରି ଦଲିଲ ନଂ.-୧୮୫୩/୧୯୯୬ ତା୨୦।୦୭।୨୦୨୨ରେ ଆମ୍ଭ ପାଖରୁ ହଜି ଯାଇଥିଲା। ଆମ୍ଭେ ତା୨୭।୦୭।୨୦୨୨ରେ ଧନୁପାଲି ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲୁ। ଏଣୁକରି ଯଦି କେହି ବି ସହୃଦୟ ବ୍ୟକ୍ତି ତାକୁ ପାଆନ୍ତି ତେବେ ନିମ୍ନ ଲିଖିତ ମୋବାଇଲ ନମ୍ବରରେ ସମ୍ପର୍କ କରିବେ। ଅଶ୍ୱିନୀ ଦେବତା (ଆଡ୍‌ଭୋକେଟ୍)। ମୋବାଇଲ ନଂ.- ୮୩୨୮୯୪୯୦୬୭. ଧ-୧୯୨୪

**AFFIDAVIT**

Affidavit before Notary, Berhampur I Runi Naik, D/o- Sudarsan Naik, At- Kendupadar, P.S.- Gangapur, Aska, Ganjam as per my HSC Certificate, all Education Certificate, Aadhaar Card also but I changed my name Runi Naik to Rupali Patra. Henceforth I shall be known as Rupali Patra for all purposes. D-1920

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା



# ବିଷ ବଳୟରେ ବିଶ୍ୱ




ସିଲ୍କେ ବୋଲମୋର
ପ୍ରତିଷ୍ଠାତା, ଇକୋ ଟ୍ରାକ୍ କନ୍ସଲ୍ଟିଂ

ଲୈଲା ଲିବେଟ୍ରାଉ
ପ୍ରତିଷ୍ଠାତା, ଥାର୍ଡ ସେକ୍ଟର

ବିଶ୍ୱରେ କୃଷିକ୍ଷେତ୍ରରେ କୀଟନାଶକ ବ୍ୟବହାର ବ୍ୟାପକ ହୋଇଛି। ଫସଲରୁ କୀଟ ନାଶ ହେଉଛି ସତ, କିନ୍ତୁ ଏହାର ଅବଶେଷ ସୂକ୍ଷ୍ମ କଣିକା ବାୟୁ, ଖାଦ୍ୟ ଏବଂ ପାନୀୟ ଜଳରେ ଦେଖିବାକୁ ମିଳୁଛି । ଏହା ଆମ ଶରୀର ମଧ୍ୟକୁ ପ୍ରବେଶ କରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ମୃତ୍ୟୁର କାରଣ ପାଲଟୁଥିବା ପ୍ରମାଣିତ ହୋଇଛି। ତଥ୍ୟରୁ ଜଣାପଡ଼ିଛି ଯେ, ତୃଣନାଶକ, ପୋକନାଶକ ଏବଂ ଫିମ୍ପି ବା ରୋଗନାଶକ ବ୍ୟବହାର ଯୋଗୁ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨୦,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୩୮ କୋଟି ୫୦ ଲକ୍ଷ ଲୋକ ପଏଜନିଂ ସମସ୍ୟାର ଶିକାର ହେଉଛନ୍ତି। କୀଟନାଶକ ପ୍ରଭାବ ଦଶନ୍ଧି ଦଶନ୍ଧି ଧରି ରହି ମାଟିର ଉର୍ବରତା କମାଉଛି ଓ ତୃଣନାଶକ ପ୍ରତିରୋଧୀ ଘାସ ଉଦ୍ଭବ ହୋଇ ଜୈବବିବିଧତା ପ୍ରତି ବିପଦ ସୃଷ୍ଟି କରୁଛି। କୀଟନାଶକର ଉକ୍ତ ନକାରାତ୍ମକ ପ୍ରଭାବ ସତ୍ତ୍ୱେ ଶିଳ୍ପଭିତ୍ତିକ କୃଷି ଏବେ ମଧ୍ୟ ଏହାର ବ୍ୟବହାର ଉପରେ ନିର୍ଭରଶୀଳ। ୨୦୧୭ରେ ବର୍ଷକରେ ବିଶ୍ୱସ୍ତରରେ କୀଟନାଶକ ପ୍ରୟୋଗ ୪ ମିଲିୟନ ଟନ୍‌କୁ ବୃଦ୍ଧିପାଇଥିଲା ଓ ୧୯୯୦ ତୁଳନାରେ ଏହି ବୃଦ୍ଧି ହାର ପାଖାପାଖି ୮୧%। କୀଟନାଶକ ଉତ୍ପାଦକମାନେ ବହୁ ସମୟରେ ଦାବି କରନ୍ତି ଯେ, ବୈଶ୍ୱିକ କ୍ଷୁଧା ଦୂର କରିବାରେ ସେମାନଙ୍କ ଉତ୍ପାଦର ଗୁରୁତ୍ୱ ରହିଛି। କିନ୍ତୁ ଏବେସୁଦ୍ଧା ବିଶ୍ୱ ଜନସଂଖ୍ୟାର ୧୦% ଅର୍ଥାତ୍ ପ୍ରାୟ ୮୨ କୋଟି ୮୦ ଲକ୍ଷ ଲୋକ ପ୍ରତିଦିନ ରାତିରେ ଭୋକରେ ଶୋଉଛନ୍ତି। ଅତ୍ୟଧିକ କୀଟନାଶକ ପ୍ରୟୋଗକୁ ନେଇ ସେମାନଙ୍କ ଦାବିର ଯଥାର୍ଥତା ପ୍ରତିପାଦିତ ହୋଇପାରିନାହିଁ।

କୋଭିଡ୍–୧୯ ମହାମାରୀ, ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଉଭା ହୋଇଛି ବିଶ୍ୱ ଖାଦ୍ୟ ସଙ୍କଟ। ଏହା ସ୍ପଷ୍ଟ କରିଛି ଯେ, ଆଶଙ୍କାରେ ଥିବା ଖାଦ୍ୟ ବ୍ୟବସ୍ଥାଗୁଡ଼ିକର ଜରୁରୀ ପରିବର୍ତ୍ତନର ଆବଶ୍ୟକ। କୃଷିରେ ଟ୍ରାକ୍ଟର, ଅନ୍ୟ କୃଷି ସରଞ୍ଜାମ, କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ବିଶ୍ୱରେ ପାରମ୍ପରିକ କୃଷିକୁ ବ୍ୟୟବହୁଳ କରିଛି। ଅତୀତରେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ଏହା ଉପରେ ସବ୍‌ସିଡି ପ୍ରଦାନ କରିଥିଲେ। କିନ୍ତୁ ମୁଦ୍ରାସ୍ଫୀତି ବୃଦ୍ଧି ସବ୍‌ସିଡିଗୁଡ଼ିକୁ ଅଧିକ ମହଙ୍ଗା କରିଦେଇଛି ଓ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ଶୀଘ୍ର ବୃଦ୍ଧି ଘଟାଇଛି। ଏଣୁ ପରିବେଶ ସହନୀୟ ଖାଦ୍ୟ ଉତ୍ପାଦନ ପାଇଁ ବିଷାକ୍ତ କୀଟନାଶକ ବ୍ୟବହାର କମ୍ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଥମ ପଦକ୍ଷେପ। ୟୁରୋପୀୟ ସଂଘ( ଇୟୁ) ତା'ର ନୂତନ ସବୁଜ ଚୁକ୍ତିର ଅଂଶ ଭାବେ 'ଫାର୍ମ ଟୁ ଫ୍ରକ୍ ଷ୍ଟ୍ରାଟେଜି' ଗ୍ରହଣ କରିଛି। ଏହାଦ୍ୱାରା ୨୦୩୦ ସୁଦ୍ଧା କୀଟନାଶକ ବ୍ୟବହାର ଓ ତତ୍‌ଜନିତ ବିପଦ ୫୦% ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। କିଛି ବର୍ଷ ତଳେ ଇୟୁ ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜୈବବିବିଧତାକୁ ନଷ୍ଟ କରୁଥିବା ବହୁ ବିପଜ୍ଜନକ କୀଟନାଶକକୁ ବନ୍ଦ କରିଥିଲା।



ଏହିସବୁ ଘାତକ କୀଟନାଶକର ପରିବେଶ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ଉପରେ କି ବିପଦ ରହିଛି ସେ ସମ୍ପର୍କରେ ହିନ୍‌ରିଚ ବୋଲ୍ ଫାଉଣ୍ଡେଶନ ଦ୍ୱାରା ପ୍ରସ୍ତୁତ ପେଷ୍ଟିସାଇଡ୍ ଆଟ୍‌ଲାସ ପ୍ରକାଶ କରିଛି। ବିଶେଷକରି, ସୋୟାବିନ୍, ମକା, ଆଖୁ ଏବଂ ଅଙ୍ଗୁର ଚାଷରେ ଗ୍ଲାଇଫସ୍‌ଫେଟ, ଇମିଡାକ୍ଲୋପ୍ରିଡ ଏବଂ କାର୍ବେଣ୍ଡାଜିମ ଭଳି ବିଷାକ୍ତ ତୃଣନାଶକ ଓ ପୋକନାଶକର ବ୍ୟାପକ ପ୍ରୟୋଗ ହେଉଥିବା କହିଛି। ଏହିସବୁ ବିପଜ୍ଜନକ କୀଟନାଶକ ମଧ୍ୟରୁ ଅନେକର ବ୍ୟବହାରକୁ ୟୁରୋପରେ ବନ୍ଦ କରାଯାଇଛି। କିନ୍ତୁ ବିଶ୍ୱର ପାଞ୍ଚଟି ବୃହତ୍ କୀଟନାଶକ ଉତ୍ପାଦକମାନଙ୍କର ବିକ୍ରି ହେଉଥିବା କୀଟନାଶକଗୁଡ଼ିକରେ ଏଗୁଡ଼ିକର ଭାଗ ଏକ ତୃତୀୟାଂଶରୁ ଅଧିକ। ଏପରିକି ବିଏଏସ୍‌ଏଫ୍, ବେୟର ଏବଂ ସିଙ୍ଗେଣ୍ଟା ଭଳି ୟୁରୋପୀୟ କମ୍ପାନୀଗୁଡ଼ିକ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ବିକ୍ରି କରିଆସୁଛନ୍ତି।

ବହୁ ପୂର୍ବରୁ ଜାତିସଂଘ ଅତ୍ୟଧିକ ବିପଜ୍ଜନକ କୀଟନାଶକ ବ୍ୟବହାରକୁ ଏକ ବୈଶ୍ୱିକ ମାନବ ଅଧିକାର ସମସ୍ୟା ବୋଲି କହିଛି। ଜାତିସଂଘ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ବିଷାକ୍ତ ଦ୍ରବ୍ୟ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଲୋକଙ୍କର ଖାଦ୍ୟ ଓ ସ୍ୱାସ୍ଥ୍ୟ ଅଧିକାର ଏବଂ ଏକ ସ୍ୱଚ୍ଛ ପରିବେଶ ପ୍ରତି ବିପଦ। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ବିଷାକ୍ତ କୀଟନାଶକଜନିତ ଅସୁସ୍ଥତାର ଶିକାର ହେଉଛନ୍ତି। ଦୁର୍ବଳ ପରିବେଶ ଓ ସୁରକ୍ଷାଗତ ନିୟମ ଥିବା ବିକାଶଶୀଳ ଦେଶଗୁଡ଼ିକରେ ବିପଜ୍ଜନକ କୀଟନାଶକ ମୁଖ୍ୟତଃ କୃଷକମାନଙ୍କର ଅଧିକ କ୍ଷତିକରୁଛି। କାରଣ କ୍ଷୁଦ୍ର ନାମମାତ୍ର ଚାଷୀମାନେ କେମିକାଲ କୀଟନାଶକର ବିପଦ ସମ୍ପର୍କରେ ସଚେତନ ନୁହନ୍ତି। ଏଣୁ କୀଟନାଶକ ବ୍ୟବହାରଜନିତ ବିପଦ କିଭଳି ହ୍ରାସ କରିବାକୁ ହେବ ସେ ସମ୍ପର୍କରେ ସୂଚନା ଯୋଗାଇଦେବା ଜରୁରୀ। ଏହାସହ ସୁରକ୍ଷାର ବିକଳ୍ପ ଗ୍ରହଣ କରିବାରେ କୃଷକମାନଙ୍କୁ ସକ୍ଷମ କରାଯିବା ଦରକାର। କିନ୍ତୁ ସଚେତନତା ଅଭିଯାନ ବିପଜ୍ଜନକ କୀଟନାଶକର ପ୍ରଭାବ ଦୂର କରିବାରେ ସମ୍ଭାବନା କମ୍। ଉଦାହରଣ ସ୍ୱରୂପ, କେନିଆରେ ଅତ୍ୟଧିକ ବିପଜ୍ଜନକ ଭାବେ ବର୍ଗୀକୃତ ସକ୍ରିୟ ଉପାଦାନ ବିଶିଷ୍ଟ କୀଟନାଶକର ୭୬% ବ୍ୟବହାର ହେଉଛି ଏବଂ ୟୁରୋପରେ ଏହାକୁ ବନ୍ଦ କରାଯାଇଥିବାବେଳେ ଏହାର ପ୍ରାୟ ଅଧା ପ୍ରୟୋଗ କରାଯାଉଛି। ଅଧିକାଂଶ କୃଷକମାନଙ୍କର ଜମି ଦୁଇଏକରରୁ କମ୍ ଏବଂ ପାଖାପାଖି ଲାଗି ରହିଥିବାରୁ ସୁରକ୍ଷା ପଦ୍ଧତି କାର୍ଯ୍ୟକାରୀ କରିବା ଅସମ୍ଭବ ହୋଇଥାଏ। ସେହିଭଳି ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦାମ ବହୁତ ବେଶି ଓ ବହୁ ସମୟରେ ଏହା ମିଳେ ନାହିଁ କିମ୍ବା ଉଷ୍ମ ପରିବେଶ ପାଇଁ ଉପଯୋଗୀ ହୋଇ ନ ଥାଏ।

କୀଟନାଶକକୁ ନେଇ ରହିଥିବା ଡବଲ ଷ୍ଟାଣ୍ଡାର୍ଡ ବା ବିଭିନ୍ନ ଦେଶରେ ଭୁଲ୍ ବାଟରେ ପ୍ରଚଳିତ ନିୟମକୁ ଦୂର କରିବା ଲାଗି ବହୁଦିନ ହେଲା ସିଭିଲ ସୋସାଇଟି ସଂଗଠନଗୁଡ଼ିକ ଦାବି କରିଆସୁଛନ୍ତି। ସୌଭାଗ୍ୟବଶତଃ,ୟୁରୋପୀୟ ନିୟାମକମାନେ ଏହାକୁ ବନ୍ଦ କରିବା ଲାଗି ଦୃଢ଼ ପଦକ୍ଷେପ ନେଇଛନ୍ତି। ଦୁଇବର୍ଷ ପୂର୍ବେ ସୁଇଜରଲାଣ୍ଡ ୫ଟି ଅତ୍ୟଧିକ ବିଷାକ୍ତ କୀଟନାଶକର ରପ୍ତନି ଉପରେ ପ୍ରତିବନ୍ଧକ ଲଗାଇଥିଲା। ଫ୍ରାନ୍ସରେ ଏସବୁର ଉତ୍ପାଦନ ,ଗଚ୍ଛିତ ଏବଂ ଇୟୁ ଦ୍ୱାରା ପ୍ରତିବନ୍ଧିତ କୀଟନାଶକଗୁଡ଼ିକର ରପ୍ତାନି ବନ୍ଦକରିବା ଲାଗି ଏକ ନିୟମ ଜାନୁୟାରୀରେ ଲାଗୁ କରାଯାଇଥିଲା। ନିକଟରେ ଜର୍ମାନୀ ମଧ୍ୟ ବିପଜ୍ଜନକ କୀଟନାଶକଗୁଡ଼ିକର ରପ୍ତାନି ବନ୍ଦ କରିବା ଲାଗି ଆଇନ ପାସ୍ କରିବା ଲାଗି ତା'ର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରିଛି। ଆମଦାନିକାରୀ ଦେଶସବୁ ମଧ୍ୟ ଉଚିତ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ଟ୍ୟୁନିସିଆ, ମେକ୍ସିକୋ ଏବଂ ପାଲେଷ୍ଟାଇନ ସରକାର ରପ୍ତାନିକାରୀ କିମ୍ବା ଉତ୍ପାଦନକାରୀ ଦେଶରେ ନିଷେଧ କରାଯାଇଥିବା କୀଟନାଶକ ଆମଦାନୀ ବନ୍ଦ କରିଛନ୍ତି। ତେବେ ସେପ୍ଟେମ୍ବରରେ ଦକ୍ଷିଣ ଆଫ୍ରିକା ପର୍ଯ୍ୟାୟକ୍ରମରେ ୨୦୧୪ ସୁଦ୍ଧା ଅତ୍ୟଧିକ ବିପଜ୍ଜନକ କୀଟନାଶକ ହଟାଇ ଦେବା ଲାଗି ଘୋଷଣା କରିଛି।

କୀଟନାଶକ ବ୍ୟବହାର ହ୍ରାସ କରିବା ପାଇଁ ଏଭଳି ସବୁ କଟକଣା ମହତ୍ତ୍ୱପୂର୍ଣ୍ଣ ହୋଇଥିବାବେଳେ ବିଭିନ୍ନ ଦେଶର ସରକାର ମଧ୍ୟ ସୁରକ୍ଷିତ ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଚିତ। ଆଗ୍ରୋଇକୋଲୋଜି ଅର୍ଥାତ୍ କୃଷି ଉତ୍ପାଦନ ପ୍ରଣାଳୀ ସହ ସମ୍ବନ୍ଧିତ ପରିବେଶୀୟ ବ୍ୟବସ୍ଥାର ଅଧ୍ୟୟନ କେବଳ ଜୀବଜଗତର କ୍ଷତି କରୁଥିବା କୀଟନାଶକର ବିଷ ବଳୟକୁ ଦୂର କରିବ ନାହିଁ ବରଂ ବ୍ୟାପକ ଭାବେ ଏହା କୃଷିକୁ ବହୁମୁଖୀ କରିବ। ଏହା ମଧ୍ୟ କୃଷିର ପ୍ରକୃତି ଆଧାରିତ କାର୍ଯ୍ୟକଳାପଗୁଡ଼ିକୁ ବୃଦ୍ଧି କରିବା ଏବଂ ଏହାର ସାମର୍ଥ୍ୟକୁ ଦୃଢ କରିବା ସହ ଖାଦ୍ୟ ଉତ୍ପାଦନକାରୀମାନଙ୍କୁ ଆର୍ଥିକ ଓ ରାଜନୈତିକ ଦୃଷ୍ଟିକୋଣରୁ ସଶକ୍ତ କରିପାରିବ। ବିଶ୍ୱରେ ଦେଖାଦେଇଥିବା କ୍ଷୁଧା ସମସ୍ୟା ଆମ ଖାଦ୍ୟ ଯୋଗାଣର ଦୁର୍ବଳତାକୁ ସାମ୍ନାକୁ ଆଣିଛି। ଏହା ବ୍ୟତୀତ ନିରପେକ୍ଷ ଓ ପ୍ରକୃତି ଆଧାରିତ ଖାଦ୍ୟ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ରହିଥିବା ପ୍ରକାଶ କରିଛି।

## ବିପଦରେ ବନ୍ୟଜନ୍ତୁ



ବିକାଶ ଚନ୍ଦ୍ର ବେହେରା

ସାରା ବିଶ୍ୱରେ ଏବେ ବିଭିନ୍ନ କଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। କିନ୍ତୁ ସବୁଠାରୁ ଚୁପକିନା ଆମ ଆଖି ଆଢୁଆଳରେ ଯାହା ଘଟୁଛି କିନ୍ତୁ ଆମର ସେଥିପ୍ରତି ନିଘା ନାହିଁ। ତାହା ହେଉଛି ନିରୀହ ବନ୍ୟଜନ୍ତୁଙ୍କ ସଂଖ୍ୟା କମିଯିବା। ଏ କଥାଟା ଆମେ କହିଲେ ବା ଲେଖିଦେଲେ ଯେତିକି ସହଜ ତାହା ପ୍ରକୃତରେ ସେତିକି ସହଜ ନୁହେଁ। କାହିଁକି ନା ପ୍ରଖ୍ୟାତ ଦାର୍ଶନିକ ସକ୍ରେଟିସ କହିଥିଲେ, 'ଯେଉଁ ଦିନ ପୃଥିବୀ ପୃଷ୍ଠରୁ ମହୁମାଛି ସମ୍ପୂର୍ଣ୍ଣ ଲୋପ ପାଇଯିବେ ସେହି ଦିନଠାରୁ ଅଳ୍ପ କିଛିକାଳ ଭିତରେ ପୃଥିବୀରେ ପ୍ରଳୟ ଆସିଯିବ।' ହଁ, ଆଜ୍ଞା ଏକଥା ସତ ଯେ ଆମ ପୃଥିବୀର ସମସ୍ତ ବ୍ୟବସ୍ଥା ସର୍ବଦା ପରସ୍ପର ଉପରେ ନିର୍ଭରଶୀଳ। ପରିବେଶୀୟ ପରିସଂସ୍ଥାନ ତଥା ପରିବେଶ ଅନ୍ତର୍ଗତ ଜୀବଜନ୍ତୁ ସମସ୍ତେ ପରସ୍ପର ନିର୍ଭରଶୀଳ। ପ୍ରତ୍ୟେକ ଜୀବଜନ୍ତୁଙ୍କର କିଛି ନା କିଛି ଅବଦାନ ରହିଛି ଏହି ପରିବେଶ ଉପରେ। ଆପଣ ଜାଣିଛନ୍ତି କି ମାଛି କେବଳ ରୋଗଜୀବାଣୁ ସୃଷ୍ଟି କରେ ନାହିଁ, ସେ କଫି ଗଛ ଫୁଲର ପରାଗ ସଙ୍ଗମରେ ସହାୟତା କରିଥାଏ।

ଏବେ କୀଟଠାରୁ ପତଙ୍ଗ, ପଶୁପକ୍ଷୀ ସମସ୍ତେ ବିପଦରେ। ମଣିଷ ନିଜର ଆତ୍ମଚରିତାର୍ଥ ନିମନ୍ତେ ଯେଉଁ କାର୍ଯ୍ୟ କରୁଛି ତାହା ବନ୍ୟଜନ୍ତୁଙ୍କ ଜୀବନ ଉପରେ ବିପଦ ନେଇ ଆସୁଛି। ସେଥିମଧ୍ୟରୁ ଜଙ୍ଗଲ କ୍ଷୟ ଅନ୍ୟତମ। ମାନବଙ୍କ ଆଧୁନିକ ଜୀବନଶୈଳୀ, ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଏବଂ ଶିଳ୍ପାୟନ ଦିନକୁ ଦିନ ବନ୍ୟଜନ୍ତୁଙ୍କ ପାଇଁ ବିପଦ ନେଇଆସୁଛି। ଯାହା ଫଳରେ ଜୀବଜନ୍ତୁଙ୍କ ବାସୋପଯୋଗୀ ଘଞ୍ଚ ଜଙ୍ଗଲ କ୍ଷୟ ହେଉଛି। ଖାଦ୍ୟ ତଥା ପାନୀୟ ଅଭାବ ମଧ୍ୟ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟିକାରୀ କାରକ। ଏସବୁ ହିଁ ବନ୍ୟଜନ୍ତୁଙ୍କ ସଂଖ୍ୟା କମିଯିବା ପଛର ବଡ଼ କାରଣ। ସବୁଠାରୁ ବଡ଼ କାରଣ ହେଲା ବନ୍ୟଜନ୍ତୁ ଶିକାର। ନିଜର ଅତ୍ୟାଧୁନିକ ଜୀବନଶୈଳୀର ଉନ୍ନତି ପାଇଁ ମଣିଷ ଯେଉଁଭଳି ଉପାୟ ଆପଣେଇ ବନ୍ୟଜନ୍ତୁଙ୍କ ଶିକାର କରୁଛି, ଦିନ ଆସିବ ଏ ପୃଥିବୀ ବନ୍ୟଜନ୍ତୁ ଶୂନ୍ୟ ହୋଇଯିବ। ୱାର୍ଲ୍ଡ ୱାଇଲ୍ଡ ଲାଇଫ ଫଣ୍ଡ ସଂସ୍ଥା ପକ୍ଷରୁ ସଦ୍ୟ ପ୍ରକାଶିତ ଲିଭିଙ୍ଗ ପ୍ଲାନେଟ ରିପୋର୍ଟ ନାମକ ଏକ ତଥ୍ୟ ଅନୁଯାୟୀ ଗତ ୪୮ ବର୍ଷ ଭିତରେ ବନ୍ୟଜନ୍ତୁଙ୍କ ସଂଖ୍ୟା ୬୯ ପ୍ରତିଶତ ହ୍ରାସ ପାଇଲାଣି। ପ୍ରାୟ ୫୨୩୦ ପ୍ରଜାତିର ପ୍ରାୟ ୩୨୦୦୦ ବନ୍ୟଜନ୍ତୁଙ୍କୁ ନେଇ ହୋଇଥିବା ଏହି ସର୍ଭେ, ଲିଭିଙ୍ଗ ପ୍ଲାନେଟ ଇଣ୍ଡେକ୍ସ ରିପୋର୍ଟରେ ଦର୍ଶାଇଛି ଯେ ଏହା ଉଷ୍ମ ମଣ୍ଡଳୀୟ ଅଞ୍ଚଳରେ ବସବାସ କରୁଥିବା ମେରୁଦଣ୍ଡୀ ବନ୍ୟଜନ୍ତୁ ସଂଖ୍ୟା ବିପୁଳ ହାରରେ ହ୍ରାସ ପାଉଛି। ଆଫ୍ରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୬୬ ପ୍ରତିଶତ, ସେହି ମଧୁରଜଳ ଅଞ୍ଚଳରେ ବାସକରୁଥିବା ବନ୍ୟଜନ୍ତୁଙ୍କ ସଂଖ୍ୟା ୮୩ ପ୍ରତିଶତ କମିଛି। ତେବେ ଏହି ରିପୋର୍ଟ ଅନୁଯାୟୀ ବନ୍ୟଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଇବାର ମୁଖ୍ୟ କାରଣଗୁଡ଼ିକ ହେଉଛି ବାସସ୍ଥଳୀ ନଷ୍ଟ ହେବା, ଶିକାର, କ୍ଷତିକାରକ ପ୍ରଜାତି, ଖାଦ୍ୟାଭାବ, ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ରୋଗ।

ଅନ୍ତର୍ଜାତୀୟ ସଂସ୍ଥା ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ନିର୍ଦ୍ଦେଶକ ମାର୍କୋ ଲାମ୍ବର୍ଟିନିଙ୍କ ମତରେ ଆମେ ଏବେ ଦୁଇଗୁଣା ଜରୁରିକାଳୀନ ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଯାହା ଫଳରେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ଓ ଜୈବ ବିବିଧତା କ୍ଷୟ ବର୍ତ୍ତମାନ ଏବଂ ଉତ୍ତରପିଢ଼ିଙ୍କ ପାଇଁ ଏହା ବିନାଶକାରୀ ସାବ୍ୟସ୍ତ ହେବ। ହିମାଳୟ ଅଞ୍ଚଳ ଏବଂ ପାଶ୍ଚାତ୍ୟ ଘାଟଗୁଡିକ ସବୁଠାରୁ ଅସୁରକ୍ଷିତ ରେଜିଓ ମଧ୍ୟରେ ଅଛନ୍ତି ।

ଜୈବ ବିବିଧତା ହ୍ରାସ ପାଇଁ ଭାରତରେ ତାପମାତ୍ରା ବୃଦ୍ଧି ହିଁ ମୁଖ୍ୟ କାରଣ। ୧୯୭୦ରୁ ୨୦୧୮ ମଧ୍ୟରେ ମହୁମାଛି ଏବଂ ପ୍ରାୟ ୧୭ ପ୍ରଜାତିର ମଧୁର ଜଳ କଇଁଛ ଆଦିଙ୍କ ସଂଖ୍ୟା ହ୍ରାସ ପାଉଛି। ଖାଲି ସେତିକି ନୁହେଁ ହାତୀ, ବାଘ ଏବଂ ଅନ୍ୟାନ୍ୟ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଶିକାର ମଧ୍ୟ ଭାରତରେ ଏବେ ଗଭୀର ଚିନ୍ତାର କାରଣ ପାଲଟିଛି। ସେହିପରି ଓଡ଼ିଶାରେ ମଧ୍ୟ ସମାନ ପରିସ୍ଥିତି। ବନ୍ୟଜନ୍ତୁ ସଂରକ୍ଷଣ ଏବେ କେବଳ କାଗଜ କଲମରେ ସୀମିତ ରହିଛି। କିନ୍ତୁ ଜଙ୍ଗଲ ଅଧିକାରୀ ଏବଂ ସୁରକ୍ଷା ବଳୟ ଭେଦକରି ଶିକାରୀ ନିଜର ଶିକାର ଅଟିରେ କରିପାରୁଛି। ଏଥିପାଇଁ ଅସାଧୁ ବ୍ୟକ୍ତି ଏବଂ ଅଧିକାରୀମାନେ ମୁଖ୍ୟତଃ ଦାୟୀ। ବର୍ତ୍ତମାନ କୃଷିଜମିର ବ୍ୟବହାର ୪୧ ପ୍ରତିଶତ ଏବଂ ବନ୍ୟଜନ୍ତୁ ୪୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛନ୍ତି। ଜୈବ ବିବିଧତା ହ୍ରାସ ଏବଂ ଜଳବାୟୁ ସଙ୍କଟକୁ ଦ୍ୱିପାକ୍ଷିକ ପ୍ରସଙ୍ଗ ଭାବେ ବିବେଚନା କରିବା ପରିବର୍ତ୍ତେ ଐକିକ ଭାବରେ ସମାଧାନ କରାଯିବା ଉଚିତ। ପ୍ରକୃତିର ସକାରାତ୍ମକ ଭବିଷ୍ୟତ ପାଇଁ ଏହା ନିତାନ୍ତ ଜରୁରୀ। ଆମେ କିପରି ଉତ୍ପାଦନ କରୁ, କିପରି ବ୍ୟବହାର କରୁ, କିପରି ଆମେ ସମ୍ପାଦନା କରୁ, କିପରି ଅର୍ଥନୈତିକ ବିକାଶ ଚାହୁଁ ସେଥିପ୍ରତି ଧ୍ୟାନ ଦେବା ମଧ୍ୟ ଆବଶ୍ୟକ।

କଟକ, ମୋ– ୮୯୧୭୪୨୬୧୩୭

## ଏଇ ଭାରତରେ

ଜୀବନରେ ବହୁ ସଂଘର୍ଷକୁ ସାମ୍ନା କରି ଅନେକଙ୍କ ଜୀବନରେଖା ପାଲଟିଛନ୍ତି ପ୍ରସେନ୍‌ଜିତ ମଣ୍ଡଳ। ସେ 'ସୁନ୍ଦରବନ ଫାଉଣ୍ଡେଶନ' ଗଢ଼ି ସୁନ୍ଦରବନର ବାଲି ଦ୍ୱୀପରେ ଲୋକମାନଙ୍କ ଜୀବନର ଆଶାବାଡ଼ି ପାଲଟିଛନ୍ତି। ସୁନ୍ଦରବନରେ ରହି ତାଙ୍କ ପରିବାର ଜୀବିକା ପାଇଁ ବହୁ କଷ୍ଟ ସହିଛନ୍ତି ଓ ତାଙ୍କ ଜୀବନ ମଧ୍ୟ ଅଭାବରେ କଟିଥିଲା। ପ୍ରସେନ୍‌ଜିତ୍ ସ୍କୁଲ ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ଲାଭ କରିବାକୁ କୋଲକାତାକୁ ଯାଇଥିଲେ। ଏହି ସମୟରେ ସେ ବିଭିନ୍ନ ଜାଗାରେ କାମ କରି ପଢ଼ା ଖର୍ଚ୍ଚ ପୂରଣ କରିବା ସହ ଘର ଚଳିବା ଲାଗି ଟଙ୍କା ପଠାଉଥିଲେ। ପରେ ସେ ସ୍ନାତକୋତ୍ତର ଡିଗ୍ରୀ ଓ କମ୍ପ୍ୟୁଟର ଶିକ୍ଷା ଶେଷ କରି ବାଲି ଦ୍ୱୀପରେ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ଘରକୁ ଫେରି ଆସିଥିଲେ ୨୦୧୬ରେ। ପରେ ସୁନ୍ଦରବନ ଫାଉଣ୍ଡେଶନ ଗଠନ କରି ଲୋକମାନଙ୍କୁ ଜୀବିକା ଯୋଗାଇବା ସହ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ବର୍ଷକୁ ପାଖାପାଖି ୬୦୦ ଲୋକ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ଏକ ପ୍ରି ପ୍ରାଇମେରୀ ସ୍କୁଲ ଖୋଲିଛନ୍ତି ; ଯେଉଁଥିରେ ୬୦ ପିଲା ପଢୁଛନ୍ତି। ସେ ୧ ଲକ୍ଷରୁ ଊର୍ଦ୍ଧ୍ୱ ମାନ୍‌ଗ୍ରୋଭ୍ ଗଛ ରୋପଣ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୪ ନଭେମ୍ବର ୧୯୯୭

- ଭିଏତ୍‌ନାମର ଦକ୍ଷିଣାଞ୍ଚଳରେ ପ୍ରବଳ ଘୂର୍ଣ୍ଣିବାତ୍ୟା ପ୍ରବାହିତ ହେବା ଫଳରେ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଇଥିବା ୨୦୦ ମତ୍ସ୍ୟଜୀବୀ ନିଖୋଜ।
- ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ବନଓ୍ୱାରୀଲାଲ୍ ହଂସାରିଆଙ୍କ ୬୬ ବର୍ଷ ବୟସରେ ପରଲୋକ।
- ଗିରଫ ଭୟରେ ଆତ୍ମଗୋପନ କରିଥିବା ଏବଂ ଆତ୍ମସମର୍ପଣ କରିବାକୁ ମନାକରୁଥିବା ଜଙ୍ଗଲ ଦସ୍ୟୁ ବୀରାପ୍ପାନଙ୍କୁ ଧରିବା ଲାଗି ତାମିଲନାଡୁ ଓ କର୍ନାଟକ ସରକାରଙ୍କ ପକ୍ଷରୁ ମିଳିତ କମାଣ୍ଡ ଗଠନ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | 6 | |
| | 5 | | | | 8 | 4 | | |
| | | 4 | 6 | | 1 | 8 | | 5 |
| | 2 | | | | | | 5 | |
| | | | | | 9 | | | 8 |
| | 4 | 8 | | 6 | | | 9 | |
| | 9 | 2 | | | | | | |
| | 8 | | 7 | | | 3 | | |
| | | 3 | 5 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 7 | 6 | 2 | 9 | 5 | 3 |
| 9 | 7 | 6 | 4 | 3 | 5 | 1 | 2 | 8 |
| 2 | 3 | 5 | 9 | 8 | 1 | 7 | 6 | 4 |
| 5 | 9 | 7 | 8 | 4 | 6 | 2 | 3 | 1 |
| 3 | 6 | 2 | 5 | 1 | 7 | 4 | 8 | 9 |
| 8 | 4 | 1 | 3 | 2 | 9 | 6 | 7 | 5 |
| 1 | 5 | 4 | 2 | 7 | 3 | 8 | 9 | 6 |
| 7 | 8 | 3 | 6 | 9 | 4 | 5 | 1 | 2 |
| 6 | 2 | 9 | 1 | 5 | 8 | 3 | 4 | 7 |

ଗତକାଲିର ଉତ୍ତର

# ସାମାଜିକ ଅବ୍ୟବସ୍ଥା



ଡ.ମୌସୁମୀ ପରିଡ଼ା

ଦେଶର ସାର୍ବଭୌମତା, ଅଖଣ୍ଡତା, ଗଣତାନ୍ତ୍ରିକ ମୂଲ୍ୟବୋଧ ବିପଦସଂକୁଳ ହୋଇପଡିଛି। ମୂଳ ସମସ୍ୟା ଗୁରୁତ୍ୱହୀନ ଓ ଉପେକ୍ଷିତ। ମୂଲ୍ୟହୀନ କଥାକୁ ରୋଚକ କରି ମୁଖ୍ୟ ଓ ଜରୁରୀ ସମସ୍ୟାକୁ ନିଷ୍କ୍ରିୟ କରିଦିଆଯାଉଛି। କିଛି ଅପ୍ରାସଙ୍ଗିକ କଥା ଯାହା ସମାଜକୁ କଳୁଷିତ କରିବାକୁ ଯଥେଷ୍ଟ ସେସବୁ ଆଜିକାଲି ବୈଦ୍ୟୁତିକ ଗଣମାଧ୍ୟମର ମୁଖ୍ୟ ପ୍ରସଙ୍ଗ, ଯାହା ଯୁବପିଢ଼ିକୁ ଅବାଟକୁ ନେଉଛି। ଏଭଳି ଖବର ପରିବେଷଣ ଦ୍ୱାରା ସମାଜ ଏବେ ଧ୍ୱଂସମୁଖୀ।

ପରିବେଶ ପ୍ରଦୂଷଣ ପରି ସାମାଜିକ ପ୍ରଦୂଷଣ ଓ ନୀତିଆଦର୍ଶ ବିହୀନ ମାନସିକତା ବର୍ତ୍ତମାନର ପ୍ରମୁଖ ସମସ୍ୟା। ଏହାର ପ୍ରଭାବରୁ କିପରି ସମାଜକୁ ରୋକାଯାଇପାରିବ, ତାହା ଚିନ୍ତାର ବିଷୟ। ଆଗପରି ଲୋକମାନେ ନୀତିନିଷ୍ଠତାରେ ଅନୁପ୍ରାଣିତ ହୋଇ ସମାଜକୁ ଦିଗ୍‌ଦର୍ଶନ ଦେବା ଜରୁରୀ ଭାବନ୍ତି ନାହିଁ। ପାଠପଢ଼ା ପରେ ଭଲ ଚାକିରି ମିଳିଗଲେ ସୀମିତ ରହିଯାଉଛି ବ୍ୟକ୍ତିଚେତନା। ଚେତନାର ସ୍ଫୁରଣରେ ଆତ୍ମିକ ବିକାଶ ହୁଏ ସିନା ଆର୍ଥିକ ବିକାଶ ହୁଏନାହିଁ। ଏଥିପାଇଁ ଆଗ୍ରହ ସୃଷ୍ଟି ହୁଅନ୍ତା ଯଦି ବ୍ୟକ୍ତିଗତ ସ୍ତରରେ ମେଧାକୁ ଅଗ୍ରାଧିକାର ମିଳନ୍ତା। ସେଥିରେ ବି ବୈଷମ୍ୟ! ଫଳରେ ବ୍ୟକ୍ତିର ଦୃଷ୍ଟି ଓ ପରିସର ସୀମିତ ହୋଇଯାଉଛି।

ଏକାନ୍ନବର୍ତ୍ତୀ ପରିବାରର ସ୍ୱାମୀ ସ୍ତ୍ରୀ ଉଭୟ ଚାକିରିଆ ହେଲେ ସେମାନେ ମାନସିକ ସ୍ତରରେ ଦୁଇ ପ୍ରକାରର ଜୀବନ ବଞ୍ଚନ୍ତି। ଯେହେତୁ ମଣିଷ ସାମାଜିକ ଓ ପାରିବାରିକ ପ୍ରାଣୀ ସେଥିପାଇଁ ସେ ଏକାକୀତ୍ୱକୁ ଗ୍ରହଣ କରିପାରେନାହିଁ। ଅଳ୍ପ ସମୟ ଭିତରେ ମାନସିକ ଅବସାଦ ସୃଷ୍ଟି ହୁଏ। ସେହି ଚିରାଚରିତ ଜୀବନ ଭିତରେ ବଞ୍ଚିବାର ସତେଜତା, ସମ୍ପର୍କର ନିଗୂଢ଼ତା ଫିକା ପଡ଼ିଆସେ। ଯେଉଁଠି ଦାମ୍ପତ୍ୟ ସମ୍ପର୍କରେ ଦୂରତା ସୃଷ୍ଟି ହୁଏ ସେଠାରେ ତୃତୀୟ ଲୋକର ଅଭ୍ୟୁଦୟ ହେବା ଆଶ୍ଚର୍ଯ୍ୟଜନକ ନୁହେଁ। ଫଳରେ ପରିବାର ଭାଙ୍ଗିଯାଏ।

ନିଜେ ଗଢିଥିବା ଅତ୍ୟାଧୁନିକ ଓ ଉଦାରଭିତ୍ତିକ ଜୀବନଶୈଳୀ ଅସଂଖ୍ୟ ଦୁଃସ୍ଥିତିକୁ ନିମନ୍ତ୍ରଣ କରିଛି। ପ୍ରଚଳିତ ବିଧିବ୍ୟବସ୍ଥା ସମାଜ ସହିତ ପାରିବାରିକ ସମ୍ପର୍କକୁ ମଧ୍ୟ କ୍ଷୀଣ କରୁଛି। ଆର୍ଥିକ ଅଭିବୃଦ୍ଧି ପାଇଁ ଯେକୌଣସି ସାଲିସ୍ କରିବାକୁ ପ୍ରସ୍ତୁତ ଥିବା ଲୋକେ ଭୌତିକ ସୁଖ ପାଇଁ ଆତ୍ମିକ ସୁଖକୁ ପାଦରେ ଆଡ଼େଇଦିଅନ୍ତି। ପାଶ୍ଚାତ୍ୟଧର୍ମିତା ଲୋକଙ୍କୁ ଏଭଳି ଆଚ୍ଛନ୍ନ କରିରଖିଛି ଯେ ସେଠୁ ମୁକୁଳିବା ପରିବର୍ତ୍ତେ ଫସିବାକୁ ପ୍ରତିଦ୍ୱନ୍ଦ୍ୱିତା। ଫଳରେ ବିଶ୍ୱାସ ବଦଳରେ ପ୍ରତାରଣା। ଏଭଳି ବ୍ୟବସ୍ଥା ମଣିଷର ନୈତିକତା ଓ ଆବେଗପ୍ରବଣତାକୁ ମାରିଦେବାକୁ ପ୍ରୋତ୍ସାହିତ କରୁଛି।

ବିଚ୍ଛିନ୍ନତାବାଦୀ ଆନ୍ଦୋଳନ, ଆର୍ଥିକ ବ୍ୟବସ୍ଥା, ଆତ୍ମହତ୍ୟାପ୍ରବଣତା ସାମାଜିକ ପ୍ରଦୂଷଣର ଗୋଟେ ଲେଖା ଉଦାହରଣ। ସମାଜରେ ବୈଷମ୍ୟବାଦ ଆଗରୁ ଯେପରି ଥିଲା ଏବେ ମଧ୍ୟ ସେହିପରି ଫଳବତ୍ତର, କେବଳ ପାତ୍ର ବଦଳିଛନ୍ତି। ଧନୀଲୋକେ ଧନୀ ହେବାରେ ବ୍ୟସ୍ତ, ନିମ୍ନ ମଧ୍ୟବିତ୍ତ ଓ ଦରିଦ୍ରମାନେ ଅଳସୁଆମିରେ ପୀଡ଼ିତ, ଟିକସଦେଉଥିବା ଲୋକେ ବାସ୍ତବରେ ପ୍ରତାରିତ। ଗୋଟେ ପ୍ରକାରର ଚାକିରିରେ ଦରମାର ତାରତମ୍ୟ, ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ଉପରେ ମହଙ୍ଗା ମାଡ଼ ସମାଜର ମେରୁଦଣ୍ଡକୁ ଭାଙ୍ଗିସାରିଲାଣି।



ସମସ୍ତେ ସମାଜର ଅଂଶ। ମଣିଷ ସମାଜ ଦ୍ୱାରା ପ୍ରଭାବିତ ହୋଇ ସମାଜକୁ ଅନୁକରଣ କରେ। ଲୋକମାନଙ୍କୁ ଭଲ ଘଟଣା ଅପେକ୍ଷା ମନ୍ଦ ଘଟଣା ବେଶି ଆକୃଷ୍ଟ କରେ। ଦରବୃଦ୍ଧି, ଖାଦ୍ୟପେୟର ମାନ ହ୍ରାସ, ଟିକସ ବ୍ୟବସ୍ଥା, ଅହେତୁକ ବିଜୁଳି ଦରବୃଦ୍ଧି, ଆଞ୍ଚଳିକ ବିଭେଦ, ବେକାରି ସମସ୍ୟା, ତ୍ରୁଟିଯୁକ୍ତ ଶିକ୍ଷା ବ୍ୟବସ୍ଥା ଏସବୁ ପାଇଁ ପିଲାମାନେ ଅନ୍ୟ ରାଜ୍ୟମୁହାଁ। ଅଖଣ୍ଡତା ଏବେ ବିପଜ୍ଜନକ ସ୍ଥିତିରେ ଏସବୁ ଗୁରୁତର ପ୍ରସଙ୍ଗ ଲୋକମାନଙ୍କ ପାଇଁ ଗୌଣ ହୋଇପଡିବା ପରିତାପର ବିଷୟ। ସେଥିପାଇଁ ପ୍ରତିବାଦ ନାହିଁ, କ୍ଷୋଭ ନାହିଁ।

ଫିଲ୍ମହୀରୋଙ୍କ ବ୍ୟକ୍ତିଗତ ଜୀବନ, ମଟନ ଦୋକାନ ଭଙ୍ଗା ଘଟଣା, ଅଟୋବାଲାର ଅନୈତିକ ସମ୍ପର୍କ, ଶାଶୁଘର ଆଗରେ ମାସ ମାସ ଧରି ବସିରହିବା, ଆଜେବାଜେ ରିଲ୍ ବନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚିତ ହେବାର ଶସ୍ତା ମାନସିକତା ଆଜିକାଲିର ଜନସାଧାରଣଙ୍କ ପାଇଁ ରୋଚକ ବିଷୟ। ସେପଟେ ନିଜ ପିଲା ଅବାଟକୁ ଗଲାଣି ସେସବୁର ହେଜ ନାହିଁ। ଆଶ୍ଚର୍ଯ୍ୟର କଥା ଅନାବଶ୍ୟକ ରିଲ୍ ବନେଇ 'ଅ' ଅକ୍ଷର ବିବର୍ଜିତ ଲୋକେ ଭଲ ରୋଜଗାର କରୁଛନ୍ତି ୟୁ ଟ୍ୟୁବ୍ ପରି ସାମାଜିକ ଗଣମାଧ୍ୟମରୁ। ଅର୍ଥ ଉପାର୍ଜନର ସହଜ ସ୍ରୋତକୁ କୋଟିକୋଟି ଲୋକ ଅନୁକରଣ କରୁଛନ୍ତି; ଯାହା ବାସ୍ତବରେ ଯୁବବର୍ଗଙ୍କୁ ବିପଥଗାମୀ କରାଉଛି। ଫଳରେ ପିଲା ନା ପଢ଼ିବାକୁ ଚାହୁଁଛି ନା ଦେଶର ଅଭିବୃଦ୍ଧିରେ ସାମିଲ୍ ରହିବାକୁ କର୍ତ୍ତବ୍ୟ ମନେକରୁଛି। କୋଡ଼ିଆ ବନିବାର ସରଳ ସୂତ୍ରଟି ଏବେ ତା' ହାତରେ। ଦେଶ ଗଢ଼ିବାକୁ ସେ କାହିଁ ଚାହିଁବ ?

ସମାଜର ବିକଳ ଚିତ୍ର ଆଖିସାମ୍ନାରେ ଅଥଚ ସମାଧାନର ବାଟ ନାହିଁ। ଚନ୍ଦ୍ରରେ ଜାଗା କରିବାକୁ ବସିଲେଣି ପୃଥିବୀବାସୀ। ଦ୍ରୁତଗତିରେ ଆଧୁନିକତା ଗ୍ରାସିଗଲାଣି ଦେଶକୁ। ଅଥଚ କିଛି ଗାଁକୁ ବିଜୁଳି ବତି ଯାଇନାହିଁ। କିଛି ପାହାଡ଼ଘେରା ଗାଁ ପାଇଁ ସଡ଼କ ନିର୍ମାଣ ହୋଇନାହିଁ। ପାଣି ପାଇଁ ଯିବାକୁ ପଡୁଛି କୋଶଦୂର। ଏତେସବୁ ଅବ୍ୟବସ୍ଥା କାହା ମନରେ ଭାବାନ୍ତର ସୃଷ୍ଟି କରୁନାହିଁ, ବିଚିତ୍ର! ଅସଂଖ୍ୟ ସମସ୍ୟା ସମାଜର ଅବ୍ୟବସ୍ଥାକୁ ପ୍ରମାଣିତ କରେ।

ଏସବୁ ଅବ୍ୟବସ୍ଥାରେ ଦିନକୁଦିନ ମାନବୀୟ ଅଧୋଗତି ହୋଇଚାଲିଛି। ପିଲାମାନେ ଅବାଟରେ ଅଥଚ ବାପାମାଆଙ୍କ ପାଖେ ଖବର ନାହିଁ। ଘରେ ପହଞ୍ଚିଛି ପିଲାର ହାତଲେଖା ଶେଷ ଚିଠି। ପିଲା ପଢ଼ିବାକୁ ଯାଇ ଆତ୍ମହତ୍ୟା କରୁଛି; ଯାହାର କାରଣ ମିଳିପାରୁନି। ନ୍ୟାୟ ପାଇବାକୁ ବୋହୂ ଶାଶୁଘର ପିଣ୍ଡାରେ ମାସମାସ ଧରି ବସିରହୁଛି। ନ୍ୟାୟ ପାଇବାର ବାଟ ଏଭଳି ହେଲେ ନ୍ୟାୟାଳୟର ଆବଶ୍ୟକତା କ'ଣ!

ତାଳି ଗୋଟିଏ ହାତରେ ବାଜେନାହିଁ। କୌଣସି ବ୍ୟକ୍ତିର ସତ୍‌କର୍ମ ବା ଦୁଷ୍କର୍ମର ପ୍ରତିଫଳନ ସମାଜ ଉପରେ ପଡ଼େ। ଅବଶ୍ୟ ଆଜିକାଲି ନୀତି ଆଦର୍ଶର କଥା ଗୁରୁତ୍ୱହୀନ। ବହିକଥା ବହିରେ ରହିଯାଉଛି, ଆଚରଣରେ ପରିଲକ୍ଷିତ ହେଉନାହିଁ। ସମାଜ ଧୀରେଧୀରେ ଅସୁସ୍ଥ ହେବାରେ ଲାଗିଛି। ଏଥିପାଇଁ ଲୋକେ ସଚେତନ ହୁଅନ୍ତୁ। ଅରାଜକତାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଆଇନ୍‌କାନୁନ୍ ବଦଳିବା ଦରକାର। ସାମାଜିକ ବିଧିବ୍ୟବସ୍ଥା ଭୁଶୁଡିପଡ଼ିବା ପୂର୍ବରୁ ଆଚରଣରେ ଲଗାମ୍ କଷାହେଉ; ଯାହାଫଳରେ ସାମାଜିକ ପ୍ରଦୂଷଣକୁ କିଛିମାତ୍ରାରେ ରୋକିହେବ।

ମୋ:୯୪୩୭୩୧୭୦୨୬

## ପାଠକ ଶ୍ରେଷ୍ଠ ବିଚାରକ

### ରେଡ୍ ଜୋନ୍‌ରେ ଘର

ମହାଶୟ,

ନିୟମ ମୁତାବକ ୟେଲୋ ବା ହଳଦିଆ ଚିହ୍ନିତ ଜାଗାରେ ଘର ପାଇଁ ଅନୁମତି ଥିବାବେଳେ ରେଡ୍ ଜୋନ୍ ଚିହ୍ନିତ ଅଞ୍ଚଳରେ ଘର ବା କୌଣସି ନିର୍ମାଣ ପାଇଁ ଅନୁମତି ନ ଥାଏ। ମାତ୍ର କଟକ ସହରରେ ଏବେ ସମସ୍ତ ରେଡ୍ ଜୋନ୍‌କୁ ଅବରୋଧ କରାଯାଇ ଘର ନିର୍ମାଣ କରାଯାଇଛି। ନଦୀକୂଳ, ପଠା, ପ୍ରାକୃତିକ ଜଳାଧାର, ଜଳାଶୟ ସବୁ କିଛି ପୋତି ଦିଆଯାଇଛି। ରେଡ୍ ଜୋନ୍ ଅବରୋଧ ଯୋଗୁ କଟକରେ ଏବେ ବର୍ଷାଜଳ ନିଷ୍କାସନ ସମସ୍ୟା ବଢ଼ିବାରେ ଲାଗିଛି। ଏଥିସହିତ ସିଡିଏ ମ୍ୟାପ ବାହାରେ ସହର ଉପକଣ୍ଠରେ ଥିବା ଚାଷଜମି ବା ଚକଜମିର କିସମ ପରିବର୍ତ୍ତନ କରାଯାଇ ସେଠାରେ ବି ଘର ଗଢ଼ିଉଠୁଛି। ୪୨ ମୌଜା, କନ୍ଦରପୁର, ପାଗା ପର୍ଯ୍ୟନ୍ତ ଥିବା ଚାଷଜମି ଏବେ ବିଲ୍ଡରଙ୍କ ହାତକୁ ଚାଲିଯାଉଛି। ଫଳରେ କଟକ ମହାନଗର ଅଞ୍ଚଳରେ ଓଡିଏ (ଓଡ଼ିଶା ଡେଭଲପମେଣ୍ଟ ଆକ୍ଟ ୧୯୮୨)ର ପରିପାଳନ କରାଯାଉ ନ ଥିବା ସ୍ପଷ୍ଟ ହୋଇଛି। ଏହାର ଖୋଲାଖୋଲି ଉଲ୍ଲଂଘନ ମଧ୍ୟ କରାଯାଉଛି। ସିଡିଏ (କଟକ ଉନ୍ନୟନ କର୍ତ୍ତୃପକ୍ଷ) ଏହି ନିୟମର କାର୍ଯ୍ୟକାରିତାକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସିଡିଏର ଟାଉନ ପ୍ଲାନିଂ ବିଭାଗ ଏ କ୍ଷେତ୍ରରେ ତା'ର ଦାୟିତ୍ୱ ଭୁଲିଯାଇଛି। ଏହାର ତଦାରଖ କରିବାକୁ କେହି ପଦକ୍ଷେପ ନେଉନାହାନ୍ତି। ମହାନଦୀ ବିହାର, ବିଡ଼ାନାସୀ, ସିଡିଏ ଅଞ୍ଚଳରେ ସମାନ ସ୍ଥିତି ଉପୁଜିଛି। ୪୨ମୌଜା, ଖାନନଗର, ନେତାଜୀ ନଗର, ପୋପରଡ଼ା, ସାର୍ଦ୍ଦୋଳ, ବିଦ୍ୟାଧରପୁର, ଜଗତପୁର, ଖଇରା, ନରାଜ, ମୁଣ୍ଡଳୀ ଅଞ୍ଚଳରେ ନଦୀପଠା, ଯୋର ନାଳକୁ ଅବରୋଧ କରି ଘର ନିର୍ମାଣ କରାଯାଉଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗକୁ କଟକରେ ଗୁରୁତର ସ୍ଥିତି ସୃଷ୍ଟି ହେବ।

–ଡ. ରାଜକିଶୋର ମିଶ୍ର, କଳାବିକାଶ କେନ୍ଦ୍ର ମାର୍ଗ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଥେ ଘାଟେ ଯେତେ ଦେଖିଲି ମଧର ଚାହାଣୀ
ମନେ ନାହିଁ
କଣ୍ଟେ ଜାଗିଲା କୁତ୍ସିତ ଯେତେ କାହାଣୀ
ଦୂରେ ଚାହିଁ।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଧାମନଗର ବ୍ଲକ ପାଳସାହିର ୨୪୩ ନଂ. ବୁଥ୍‌ରେ ଭୋଟ୍ ଦେବାକୁ ଧାଡ଼ିରେ ଛିଡ଼ା ହୋଇଛନ୍ତି ମହିଳା ଭୋଟର।

# ମିଥ୍ୟା ଏକ୍‌ଜିଟ୍ ପୋଲ୍ କରି ଭ୍ରମିତ କରୁଛି ବିଜେଡି

**ସିଇଓଙ୍କୁ ଅଭିଯୋଗ କଲା ଭାଜପା**

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଧାମନଗର ଉପନିର୍ବାଚନ ଜିତିବା ଲାଗି ବିଜେଡି ଏବେ ସାମାଜିକ ଗଣମାଧ୍ୟମ ଜରିଆରେ ଭୋଟରଙ୍କୁ ଭ୍ରମିତ କରୁଛି। ପୂର୍ବରୁ ବିଜେଡି ପ୍ରଶାସନିକ ଅଧିକାରୀ, ଏସ୍‌ଏଚ୍‌ଜି, ଏମ୍‌ବିକେ, ସିଆର୍‌ପି ମାଧ୍ୟମରେ ଟଙ୍କା ବଣ୍ଟନକରି ଭୋଟରଙ୍କୁ ବିଚଳିତ କରିବାର ସମସ୍ତ ଅପଚେଷ୍ଟା କରିଥିଲା। ଏନେଇ ଭାଜପା ସମସ୍ତ ତଥ୍ୟ ଓ ପ୍ରମାଣ ସହ ସିଇଓଙ୍କ ପାଖରେ ଫେରାଦ ହୋଇଥିଲା। ସିଇଓ ମଧ୍ୟ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଶାସକ ଦଳ ନ ସୁଧୁରି ପୁଣି ବିଜେଡି ନେତ୍ରୀ ସ୍ୱର୍ଣ୍ଣଲତା ନାୟକ ଏକ ମିଥ୍ୟା ଏକଜିଟ୍ ପୋଲର 'ବିଜେଡି ଜିତୁଛି ଧାମନଗର' ଡିଜାଇନ ବନାଇ ତାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରାଉଥିବା ଭାଜପା ଅଭିଯୋଗ କରିଛି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅଭିଯୋଗପତ୍ର ଦେଇଛି। ନିର୍ବାଚନ ପ୍ରଚାର ଗତ ୧ ତାରିଖ ସନ୍ଧ୍ୟାରୁ ସରିବା ପରେ କୌଣସି ପ୍ରକାର ଏକ୍‌ଜିଟ୍ ପୋଲ୍ ହେଇପାରିବନାହିଁ ବୋଲି ସ୍ପଷ୍ଟ ନିୟମ ଥିବା ମଧ୍ୟରେ ବିଜେଡି ତା'ର ପୁରୁଣା କାରନାମା ଜାରି ରଖୁଛି। ମିଥ୍ୟା ଅଡିଓ, ଭିଡିଓ ପ୍ରସ୍ତୁତ କରି ମତଦାତାଙ୍କୁ ଭ୍ରମିତ କରୁଛନ୍ତି ଯେଉଁଥିରେ ଶାସକ ଦଳ ସଫଳ ହେବ ନାହିଁ। ଧାମନଗର ନିର୍ବାଚନମଣ୍ଡଳୀର ନିର୍ବାଚନ ନିୟମକୁ ବିଜେଡି ଖୋଲାଖୋଲି ଉଲ୍ଲଂଘନ କରୁଛି। ଏହି ଅଞ୍ଚଳରେ ମୁକ୍ତ, ନିରପେକ୍ଷ ଉପନିର୍ବାଚନ କରିବାକୁ ଭାଜପା ସିଇଓଙ୍କୁ ଦାବି କରିଛି। ଏନେଇ ତୁରନ୍ତ ସାଇବର କ୍ରାଇମ୍ ବିଭାଗ ଓ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଏହାର ଦାୟିତ୍ୱ ନେଇ ତଦନ୍ତକରି ଏ ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ଦାବି କରିଛି।

# ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୁଣ୍ଡ ଫାଟିଲା



ଆକ୍ରମଣର ଶିକାର ହୋଇଥିବା ସୁଶାନ୍ତ କୁମାର ଦାସ।

**ଧାମନଗର ଉପନିର୍ବାଚନ**

■ବିଜେଡିକୁ ଭୋଟ୍ ଦେବା ଲାଗି ଚାପ ପକାଇଥିଲେ



ଧାମନଗର କଟସାହିର ୨୧ ନଂ. ବୁଥ୍‌ରେ ଦୁଇଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି।

ଭଦ୍ରକ ଅଫିସ, ୩।୧୧

ଧାମନବର ଉପନିର୍ବାଚନ ଲାଗି ଗୁରୁବାର ଅନୁଷ୍ଠିତ ମତଦାନ ସମୟରେ ତିହିଡ଼ି ବ୍ଲକର ୩୯ ନଂ. ବୁଥ୍ ଗୁଆମାଳ ଉଚ୍ଚ ବିଦ୍ୟାଳୟରେ ନିର୍ବାଚନୀ ହିଂସା ଘଟିଛି। ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୁଣ୍ଡ ଫାଟିଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ତିହିଡ଼ି ଥାନା ଅଧୀନ ଗୁଆମାଳ ପଞ୍ଚାୟତ ଗଣ୍ଡପଦା ବେହେରାସାହି ଗ୍ରାମର ସୁଶାନ୍ତ କୁମାର ଦାସ। ସେ ତାଙ୍କ ମା'ଙ୍କୁ ନେଇ ଭୋଟ୍ ଦେବାକୁ ମତଦାନ କେନ୍ଦ୍ରକୁ ଯାଇଥିଲେ। ବୁଥ୍ ପରିସରରେ ଭୋଟ୍ ଦେବାକୁ ଧାଡ଼ିରେ ଠିଆ ହୋଇଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଡାକି ନିକଟସ୍ଥ କେନାଲ ବନ୍ଧକୁ ନେଇଯାଇଥିଲେ। ସେଠାରେ ୩ ଜଣ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ବିଜେଡିକୁ ଭୋଟ୍ ଦେବା ପାଇଁ ସେମାନେ ତାଙ୍କୁ ଚାପ ପକାଇବା ସହ ଆକ୍ରମଣ କରିଥିବା ସୁଶାନ୍ତ କହିଛନ୍ତି। ତିହିଡ଼ି ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଏନେଇ ସୁଶାନ୍ତ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଦଳୀୟ ପୋଷ୍ଟର ଲାଗିଥିବା ଗାଡ଼ିରେ ଭୋଟ ଦେବାକୁ ଆସିଲେ ଅବନ୍ତୀ

ଭଦ୍ରକ ଅଫିସ,୩।୧୧

ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସ ଉପନିର୍ବାଚନ ପାଇଁ ଗୁରୁବାର ଭୋଟ ଦେବାକୁ କାଁପଡ଼ା ମତଦାନ କେନ୍ଦ୍ରକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ସହ ବିଜେଡିର ଶଙ୍ଖ ଚିହ୍ନ ପୋଷ୍ଟର ଲାଗିଥିବା ଗାଡ଼ିରେ ସେ ବୁଥ୍‌କୁ ଆସିଥିବାରୁ ବିବାଦ ଦେଖାଦେଇଛି। ଅବନ୍ତୀ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ବିରୋଧୀମାନେ ଅଭିଯୋଗ ଆଣିଥିଲେ। ବୁଥ୍‌ରେ ଉପସ୍ଥିତ ପୋଲିସ ଉକ୍ତ ଗାଡ଼ିକୁ ବାହାରକୁ ନେବାକୁ କହିଥିଲେ। ପରେ ଡ୍ରାଇଭର ଗାଡ଼ିକୁ ୧୦୦ ମିଟର ଦୂରକୁ ନେଇଯାଇଥିଲେ। ଅନ୍ୟପଟେ ଅବନ୍ତୀ କହିଛନ୍ତି, ଗାଡ଼ିରେ ପୂର୍ବରୁ ପୋଷ୍ଟର ଲାଗିଥିଲା। ସେ ସେହି ଗାଡ଼ିରେ ଭୋଟ୍ ଦେବାକୁ ପଳାଇ ଆସିଛନ୍ତି। ତେବେ ଆଚରଣ ବିଧି ଉଲ୍ଲଂଘନ ନେଇ ତାଙ୍କର କୌଣସି ଉଦ୍ଦେଶ୍ୟ ନ ଥିଲା।




ବୁଥ୍ ପରିସରରେ ବିଜେଡି ପୋଷ୍ଟର ଲାଗିଥିବା ଗାଡ଼ି।

# ଫୁଲନଖରାରୁ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

**ଭ୍ରଷ୍ଟାଚାରୀ କେନ୍ଦ୍ର, ରାଜ୍ୟ ସରକାରଙ୍କୁ ହଟାଇବା ଏହି ଯାତ୍ରାର ମୂଳ ଲକ୍ଷ୍ୟ: ପିସିସି ସଭାପତି**

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିରଠାରୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ରାଜ୍ୟ କଂଗ୍ରେସର ଭାରତ ଯୋଡ଼ୋ-ଓଡ଼ିଶା ପରିବର୍ତ୍ତନ ଯାତ୍ରାର ଦ୍ୱିତୀୟ ଦିବସ ଆରମ୍ଭ ହୋଇଥିଲା। କଟକ ଜିଲା ସୀମାରେ ନଖରାଛକ ପୂର୍ବରୁ କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ଏବଂ କଟକ ନଗର ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ମହାପାତ୍ର ପିସିସି ସଭାପତିଙ୍କୁ ସ୍ୱାଗତ କରିବା ସହ ପଦଯାତ୍ରୀଙ୍କ ସହିତ ସାମିଲ ହୋଇଥିଲେ। ବହୁ ସଂଖ୍ୟାରେ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତା ଏହି ଭାରତ ଯୋଡ଼ୋ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇଥିଲେ। ପୀରବଜାରସ୍ଥିତ ଦରଘାରେ ଚାଦର ଚଢ଼ାଇ ଏବଂ ନିକଟସ୍ଥ ହନୁମାନ ମନ୍ଦିରରେ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବର୍ଗ ପୂଜାର୍ଚ୍ଚନା ଓ ପ୍ରାର୍ଥନାକରି ଆଶୀର୍ବାଦ ଭିକ୍ଷା କରିଥିଲେ। ତେଲଙ୍ଗାପେଣ୍ଠ ଓ ପ୍ରତାପନଗରୀଠାରେ ପଟ୍ଟନାୟକଙ୍କୁ ସାଧାରଣ ଜନତା ତଥା କଟକ ଜିଲା କଂଗ୍ରେସ ନେତୃବୃନ୍ଦ ସ୍ୱାଗତ କରିବା ସହିତ ପଦଯାତ୍ରାରେ ଯୋଗଦେଇଥିଲେ। ପ୍ରଥମାର୍ଦ୍ଧରେ ଏହି ପଦଯାତ୍ରା ୧୨ କି.ମି. ଅତିକ୍ରମ କରି କଟକ ଗୋପାଳପୁରଠାରେ ମଧ୍ୟାହ୍ନଭୋଜନ ପାଇଁ ବିରତି ନେଇଥିଲେ। ଅପରାହ୍ନରେ ପଦଯାତ୍ରା ଆରମ୍ଭ ହୋଇ ଏହା ଜଗତପୁର ଛକଠାରେ ପହଞ୍ଚିବା ପରେ ଦ୍ୱିତୀୟ ଦିନର ଯାତ୍ରା ଶେଷ ହୋଇଥିଲା। ରାସ୍ତାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ନେତୃବର୍ଗ, ଆଇନଜୀବୀ, କୃଷକ, ଶ୍ରମିକ ଓ ସାମାଜିକ କର୍ମୀମାନଙ୍କୁ ଭେଟି ପିସିସି ସଭାପତି ଆଲୋଚନା କରିଥିଲେ। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ଭାରତ ଯୋଡ଼ୋ ପରିବର୍ତ୍ତନ ଯାତ୍ରାର ମୂଳ ଉଦ୍ଦେଶ୍ୟ ଓଡ଼ିଶାରେ ଦୀର୍ଘ ୨୨ ବର୍ଷ ଓ କେନ୍ଦ୍ରର ୮ବର୍ଷର ଏକ ଭ୍ରଷ୍ଟାଚାରୀ, ଗଣତନ୍ତ୍ର ଓ ସମ୍ବିଧାନ ବିରୋଧୀ ସରକାର ବିରୋଧରେ ଜନସଚେତନତା କରିବା। ଏ ରାଜ୍ୟର ଯୁବକ ଆଜି ଦିଶାହୀନ। କୃଷକ,ଶ୍ରମିକ, ସ୍ୱଳ୍ପଆୟକାରୀ ବର୍ଗ, ମଧ୍ୟବିତ୍ତ ଆୟକାରୀ ବର୍ଗ ଉପେକ୍ଷିତ ଓ ଅତ୍ୟାଚାରିତ। ମହିଳାମାନେ ଅସୁରକ୍ଷିତ। ହଜାର ହଜାର ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ୨୨ ବର୍ଷରେ ଗୋଟିଏ ବି କୃଷିଭିତ୍ତିକ ଶିଳ୍ପ ହୋଇପାରିଲା ନାହିଁ। ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ୮୨.୭୯ ପଇସାରେ ପହଞ୍ଚିଲାଣି। ତଥାପି ନରେନ୍ଦ୍ର ମୋଦି ନିଜକୁ ବିଶ୍ୱଗୁରୁ ବୋଲି ବୋଲାଉଛନ୍ତି। ଦୀର୍ଘ ୮ବର୍ଷ ଧରି ଆତ୍ମପ୍ରଚାର ଓ ହିଂସା, ଦ୍ୱେଷ, ଘୃଣା, ସାମ୍ପ୍ରଦାୟିକତା ସୃଷ୍ଟି କରି ଭାରତକୁ ଭାଗ ଭାଗକରିବା ଛଡ଼ା ଅନ୍ୟ କିଛି କରାଯାଇ ନାହିଁ ବୋଲି ପିସିସି ସଭାପତି କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ସନ୍ତୋଷ ସିଂ ସାଲୁଜା, ଭୁଜବଳ ମାଝି, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ବନ୍ଦିତା ପରିଡ଼ା, ସ୍ମୃତିରଞ୍ଜନ ଲେଙ୍କା, ୟାସିର ନୱାଜ, ନକୁଳ ନାୟକ, ବିଭୂତି ମିଶ୍ର, ବିଶ୍ୱଜିତ ଦାଶ, ରଜନୀ ମହାନ୍ତି, ଆକ୍ୟୁବ ଖାନ, ମଧୁମିତା ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ସୁଶାନ୍ତ ତ୍ରିପାଠୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।



କଟକ ଗୋପାଳପୁରଠାରୁ ଜଗତ୍‌ପୁର ଶିଖରପୁର ଦେଇ ଯାଉଥିବା ଭାରତ ଯୋଡ଼ୋ ପଦଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ।

# ପୋଲିଂ ଅଧିକାରୀଙ୍କ ମୃତ୍ୟୁ

■ ମୃତକଙ୍କ ପରିବାରକୁ ମିଳିବ ୧୫ ଲକ୍ଷ ଟଙ୍କା
■ ଘୋଷଣା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଧାମନଗର/ଭଦ୍ରକ ଅଫିସ,୩।୧୧(ଡି.ଏନ୍.ଏ.)

ଧାମନଗର ଉପନିର୍ବାଚନ ପାଇଁ ନିୟୋଜିତ ପ୍ରଥମ ପୋଲିଂ ଅଧିକାରୀ ନଟବର ମୁଣ୍ଡା(୪୦)ଙ୍କ ଗୁରୁବାର ସକାଳେ ମୃତ୍ୟୁ ଘଟିଛି। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି। ମୃତ ନଟବରଙ୍କ ଘର ଭଦ୍ରକ ବ୍ଲକର ବାଗୁରାଇ ଅଞ୍ଚଳରେ। ଓଲଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନଟବରଙ୍କୁ ଧାମନଗର ଦୋବଲ ଜୋନ୍ ଅଧୀନ ଆନନ୍ଦପୁର ପଞ୍ଚାୟତ ୧୩୯ ନଂ. ବୁଥ୍‌ର ପ୍ରଥମ ପୋଲିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ଗତ ୧ ତାରିଖରେ ପୋଲିଂ ପାର୍ଟି ସହ ସେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବୁଥ୍‌ରେ ପହଞ୍ଚିଥିଲେ। ପୋଲିଂ ବୁଥ୍‌କୁ ଯିବା ସମୟରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ବୁଧବାର ଝାଡ଼ାବାନ୍ତି ହୋଇ ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ ସକାଳେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ବୁଥ୍‌ରେ ପହଞ୍ଚିବା ପରେ ନଟବର ଅସୁସ୍ଥ ଥିବା ଜାଣିବାରୁ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯିବା ସହ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଥିଲା। ତେବେ ମୃତ ନଟବରଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି।

# ତେଲଙ୍ଗାନାର ମୁନୁଗୋଡେରେ ସର୍ବାଧିକ ୭୭% ଭୋଟିଂ

**୭ ଆସନରେ ଉପନିର୍ବାଚନ**

■ଅନ୍ଧେରୀ(ଇଷ୍ଟ)ରେ ସର୍ବନିମ୍ନ ୩୧% ମତଦାନ



ନୂଆଦିଲ୍ଲୀ,୩।୧୧

ଓଡ଼ିଶାର ଧାମନଗର ସମେତ ୬ ରାଜ୍ୟର ୭ ଆସନରେ ଗୁରୁବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ରର ଅନ୍ଧେରୀ(ଇଷ୍ଟ)ରେ ସର୍ବନିମ୍ନ ୩୧.୭୪ ପ୍ରତିଶତ ମତଦାନ ହୋଇଥିବାବେଳେ ତେଲଙ୍ଗାନାର ମୁନୁଗୋଡେ ଆସନରେ ସର୍ବାଧିକ ୭୭.୫୫ ପ୍ରତିଶତ ଭୋଟି ହୋଇଛି। ବିହାରର ମୋକମାରେ ୫୩.୪୫ ପ୍ରତିଶତ ଭୋଟିଂ ହୋଇଥିବା ଗୋପାଳଗଞ୍ଜରେ ୫୧.୪୮%, ହରିୟାଣାର ଆଦାମପୁରରେ ୭୫.୨୫%, ଉତ୍ତରପ୍ରଦେଶର ଗୋଲା ଗୋକରନାଥରେ ୫୫.୬୮% ଏବଂ ଓଡ଼ିଶାର ଧାମନଗରରେ ୬୬.୬୩ ପ୍ରତିଶତ ମତଦାନ ହୋଇଛି। ଉପରୋକ୍ତ ୭ ଆସନ ମଧ୍ୟରୁ ୩ଟି ଭାଜପା ହାତରେ ଥିବାବେଳେ ୨ଟିରେ କଂଗ୍ରେସ ବିଧାୟକ ଓ ଶିବସେନା ଏବଂ ଆର୍‌ଜେଡି ହାତରେ ଗୋଟିଏ ଲେଖାଏ ଆସନ ରହିଥିଲା।

ବିହାରର ଦୁଇ ଆସନରେ ଏଥର ଭାଜପା ଏବଂ ଆର୍‌ଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ହରିୟାଣାରେ ଭାଜପାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ, ଆଇଏନ୍‌ଏଲ୍‌ଡି ଏବଂ ଏଏପି ରହିଛନ୍ତି। ତେଲଙ୍ଗାନାରେ ଭାଜପା ସହ ଟିଆର୍‌ଏସ୍ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଉତ୍ତରପ୍ରଦେଶରେ ଭାଜପା-ଏସ୍‌ପି ଲଢ଼େଇ ହେଉଛି। ସେହିପରି ଓଡ଼ିଶାରେ ଶାସକ ବିଜେଡି ସହିତ ଭାଜପାର ଜୋର୍‌ଦାର ଲଢ଼େଇ ହୋଇଛି। ଆସନ୍ତା ୬ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

ଉତ୍ତରପ୍ରଦେଶରେ ଶାସକ ଭାଜପା କର୍ମୀମାନେ କେତେକ ପୋଲିଂ ବୁଥ୍‌କୁ ଦଖଲ କରିଥିବା ସମାଜବାଦୀ ପାର୍ଟି ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ଜିଲାପାଳ ମହେନ୍ଦ୍ର ବାହାଦୁର ସିଂ ଏହାକୁ ଖଣ୍ଡନ କରିଛନ୍ତି। କେତେକ ଭୋଟ କେନ୍ଦ୍ରରେ ପୋଲିସ ଅନାବଶ୍ୟକ ଭାବେ ଲାଠିଚାଳନା କରିବାରୁ ଭୋଟିଂ ବାଧାପ୍ରାପ୍ତ ହୋଇଥିଲା ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଅଭିଯୋଗ କରିଛନ୍ତି। ଭାଜପାର ଜଣେ ବିଧାୟକ ଟଙ୍କା ଧରି ବୁଲିବା ଘଟଣାର ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ବିହାରରେ ନୀତୀଶ କୁମାର ଭାଜପା ସହ ସମ୍ପର୍କ ଛିନ୍ନ କରି ମହାଗଠବନ୍ଧନ ସରକାରର ନେତୃତ୍ୱ ନେବା ପରେ ପ୍ରଥମ ଥର ପାଇଁ ରାଜ୍ୟ ନିର୍ବାଚନୀ ପରୀକ୍ଷାର ସମ୍ମୁଖୀନ ହୋଇଛି। ଅନ୍ଧେରୀ (ଇଷ୍ଟ) ଆସନରୁ ଭାଜପା ଓହରିଯିବା ପରେ ଶିବସେନା ପ୍ରାର୍ଥୀ ରୁତୁଜା ଲାଟ୍‌କେ ଜିତିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଥିବା ବେଳେ ସେଠାରେ ସର୍ବନିମ୍ନ ଭୋଟିଂ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୪ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ବିଦ୍ୟାଳୟ ନିକଟରେ ଗତିନିରୋଧୀ ବ୍ୟବସ୍ଥା ଦାବି

ରଘୁନାଥପୁର,୩।୧୧(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ କଟକ-ପାରାଦୀପ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଗୋପାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଗତି ନିରୋଧୀ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ସ୍କୁଲ ପରିଚାଳନା କମିଟି ସଭାପତି କେଦାରନାଥ ସାହୁଙ୍କ କହିବା ଅନୁଯାୟୀ, ଏହି ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା । ବିଦ୍ୟାଳୟରେ ୧୬୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ପ୍ରାୟ ସମସ୍ତେ ଏହି ରାସ୍ତା ଦେଇ ସ୍କୁଲକୁ ଆସିଥାନ୍ତି। ମାତ୍ର ସ୍କୁଲ ଫାଟକ ନିକଟରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହା ମଧ୍ୟରେ ଦୁର୍ଘଟଣାରେ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏହା ଅଭିଭାବକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବହୁ ମା'ବାପା ସ୍କୁଲକୁ ଆସି ଏହାର ସୁବ୍ୟବସ୍ଥା କରିବାକୁ ମତ ରଖିବା ସହ ଆବଶ୍ୟକସ୍ଥଳେ ନିଜ ପିଲାଙ୍କୁ ଅନ୍ୟତ୍ର ପଢ଼ାଇବା ପାଇଁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର, ଆରକ୍ଷୀ ଅଧୀକ୍ଷକ ଓ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଛି ବୋଲି ସ୍ଥାନୀୟ ସରପଞ୍ଚ ନଳିନୀ ପ୍ରଭା ମୁଦୁଲି, ସସ୍ମିତା ବେହେରା, ଜୟନ୍ତୀ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲାପାଳ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଅବକାରୀ ବିଭାଗର ଚଢ଼ାଉ, ଦେଶୀ ମଦ ଜବତ

ରାଜକନିକା,୩।୧୧(ଡି.ଏନ.ଏ.) : ରାଜକନିକା ଥାନା ଅଞ୍ଚଳରେ ବେଧଡ଼କ ଭାବେ ଚାଲିଛି ଚୋରା ଦେଶୀ ମଦ ବେପାର। ଅବକାରୀ ବିଭାଗର ଇନ୍ସପେକ୍ଟର କାମଲଲୋଚନ ପାଇକରାୟଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ହେଲେ ଓଲାଭର ବଜାରରେ ବାଇକ୍ (ନଂ. ଓଡି ୨୨ ବି ୧୮୭୩) ଡ଼ିକିରେ ଦେଶୀ ମଦ ଆସ୍କା ଫୋର୍ଟି ରଖି ଜଣେ ଚୋରା ମଦ ବେପାରୀ ବେପାର ଚଳାଇଥିଲା। ବେପାରୀ ଜଣ ଚଢାଉ ଦେଖି ଦୌଡ଼ି ପଳାଇଥିଲେ। ଅବକାରୀ ବିଭାଗର ଅଧିକାରୀମନେ ବାଇକ୍‌କୁ ଜବତ କରିବା ସହ ୨୨ଟି ଦେଶୀ ମଦ ବୋତଲ ଜବତ କରିଥିଲେ। ଚଢ଼ାଉରେ ଓ ଆଇଆଇସି ଟୁକୁନା ପ୍ରଧାନ ଓ କନଷ୍ଟେବଲ ପ୍ରଶାନ୍ତ କୁମାର ଘଡ଼ାଇ ସାମିଲ ଥିଲେ। ପଟ୍ଟମୁଣ୍ଡାଇ ଅବକାରୀ ଇନ୍ସପେକ୍ଟର ପାଇକରାୟ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କେନ୍ଦ୍ରାପଡ଼ା କେନାଲର ଦାନପୁର ଲକ୍ ପୋଲ ବିପଦସଙ୍କୁଳ

ଡେରାବିଶ, ୩।୧୧(ସ୍ୱ.ପ୍ର.)


ଜରାଜୀର୍ଣ୍ଣ ଅବସ୍ଥାରେ କେନାଲ ଉପରେ ଥିବା ଲକ୍ ପୋଲ।

ବ୍ରିଟିସ୍ ସରକାର ଅମଳରୁ ନୌବାଣିଜ୍ୟ କାରବାର ଓ ଜଳସେଚନ ସୁବିଧା ପାଇଁ ଡେରାବିଶ ବ୍ଲକ ଅଧୀନ ଦାନପୁରଠାରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ଲକ୍ ପୋଲ ନିର୍ମିତ ହୋଇଥିଲା। ଏହା ମଧ୍ୟରେ ୭୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଛି। ନୌବାଣିଜ୍ୟ କାରବାର ମଧ୍ୟ ବନ୍ଦ ହୋଇଯାଇଛି। ଏହି କେନାଲଟି କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଜରାଜୀର୍ଣ୍ଣ ହୋଇପଡ଼ିଥିବା ଏହି ଲକ୍ ପୋଲକୁ ଜଳସମ୍ପଦ ବିଭାଗ ତରଫରୁ କୌଣସି ଦୃଷ୍ଟି ଦିଆଯାଉ ନ ଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଲୁଣା ନଦୀର ଦାନପୁରଠାରେ ନିର୍ମିତ ସେତୁକୁ ଏହି ଲକ୍ ପୋଲ ଦେଇ ରାସ୍ତା ସଂଯୋଗ କରାଯାଇଛି। କିନ୍ତୁ ପୂର୍ତ୍ତ ବିଭାଗ ଏହି ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବାରୁ ଜଳସମ୍ପଦ ଲକ୍ ପୋଲର ମରାମତିରୁ ସମ୍ପୂର୍ଣ୍ଣ ଓହରି ଯାଇଛି। ପୋଲର ଅବସ୍ଥା ଏଭଳି ହୋଇଛି ପିଲାରରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ଏହି ପୋଲ ଦେଇ ଲୁଣାନଦୀର ବାଲିଘାଟରୁ ଶତାଧିକ ବାଲି ବୋଝେଇ ଟ୍ରକ, ଯାତ୍ରୀବାହୀ ବସ୍ ସମେତ ଡେରାବିଶ, ଗରଦପୁର, ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ଅଧିବାସୀଙ୍କ ପାଇଁ ପୋଲ ସମ୍ପୂର୍ଣ୍ଣ ବିପଦ ପାଲଟିଛି। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଲୁଣାନଦୀର ସେତୁ ଓ କେନ୍ଦ୍ରାପଡ଼ା କେନାଲରେ ନିର୍ମିତ ସେତୁକୁ ୨୦୧୬ରେ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ମାତ୍ର କେନାଲରେ ନିର୍ମିତ ପୋଲକୁ ସଂଯୋଗକରଣ ରାସ୍ତାର ସ୍ଥାନଟି ନ୍ୟାୟାଳୟରେ ବିଚାରାଧୀନ ଅଛି। ରାସ୍ତା ନିର୍ମାଣ ପାଇଁ ବିଳମ୍ବ ହେଉଥିବା ନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ଦାସ କହିଛନ୍ତି। ଅପରପକ୍ଷରେ ବିପଦସଙ୍କୁଳ ଥିବା ଲକ୍ ପୋଲଟି ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ କହିଛନ୍ତି। ଏହି ଲକ୍ ପୋଲଟି ତୁରନ୍ତ ନିର୍ମାଣ କରା ନ ଗଲେ କିମ୍ବା ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାରେ ବିଳମ୍ବ ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ପ୍ରଧାନ ଚେତାବନୀ ଦେଇଛନ୍ତି।

**ଜଳ ସମ୍ପଦ, ପୂର୍ତ୍ତ ବିଭାଗ ସାଜିଛି ନୀରବଦ୍ରଷ୍ଟା**



### କଣ୍ଡିଆହାଟରେ ୨ଦିନ ବ୍ୟାପୀ ନାଟକ ପ୍ରତିଯୋଗିତା

ରାଜକନିକା,୩।୧୧(ଡି.ଏନ.ଏ.)

ରାଜକନିକା ବ୍ଲକର କଣ୍ଡିଆହାଟରେ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ଅଶୋକ କୁମାର ଯେନା। ପ୍ରତିଯୋଗିତାରେ ସଞ୍ଜୟ, ଅଶୋକ, ପ୍ରସାନ୍ତ, ଯୁଗଲ, ଲୁଲୁ, ଅରୁ, ଦାଣ୍ଡିଆ, ହାପି, ପଶା, ନିରୋଦ, ପପୁ, ନାରି ଭୂମିକାରେ ମାମା, ଗୀତା, ଟିଂକି ଅଭିନୟ କରିଥିଲେ। ୨ ଦିନ ବ୍ୟାପି ନାଟକ ପ୍ରତିଯୋଗିତାରେ ପ୍ରଥମ ଦିନରେ ଦୌପଦୀ ଲେଖୁଛି ମହାଭାରତ ଅଭିନୟ ହୋଇଥିଲା। ସଞ୍ଜୟ ଦାଶ ନାଟକ ପରିଚାଳନା କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ମୁଖ୍ୟବକ୍ତା କେନ୍ଦ୍ରାପଡ଼ା ଜିଲା ପରିଷଦ ସଭ୍ୟା ପ୍ରବିଣା ଦାସ, ସମ୍ମାନିତ ଅତିଥି ଚରପଡା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅୟସ ସାମଲ ଓ ହାଟସାହି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦେବଦତ୍ତ ଦାସ ଯୋଗଦେଇଥିଲେ।

# ସୁରଭି ହିଁ ଲୁକ୍କାୟିତ ପ୍ରତିଭା ଚୟନର ଶ୍ରେଷ୍ଠ ମାଧ୍ୟମ

ଆଳି,୩।୧୧(ଡି.ଏନ.ଏ.)


ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସୁରଭି ହିଁ ଛାତ୍ରୀଛାତ୍ରଙ୍କ ଲୁକାୟିତ ପ୍ରତିଭା ଆବିଷ୍କାରର ଶ୍ରେଷ୍ଠ ମାଧ୍ୟମ ବୋଲି ଆଳି ବ୍ଲକ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଗୁରୁବାର ସିଙ୍ଗିରି ପଞ୍ଚାୟତ ଦହିସାହି ଚକ୍ରଧର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ହୋଇଥିବା କ୍ଲଷ୍ଟରସ୍ତରୀୟ ସୁରଭିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଏଠାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଆଳି ବ୍ଲକ ଅଧୀନରେ ଥିବା ୧୭ଟି କ୍ଲଷ୍ଟରରୁ ପ୍ରତ୍ୟେକ ବିଭାଗରେ ୧୭ଜଣ ପ୍ରତିଯୋଗୀ ଏଥିରେ ରହିଥିଲେ। ଏହାକୁ ସିଙ୍ଗିରି ସରପଞ୍ଚ ଅକ୍ଷୟ କୁମାର ଦାସ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଏସ.କେ.ସି. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରାଧନା ଦାଶ, ସମ୍ମାନିତ ଅତିଥି ସହ ଶିକ୍ଷା ଅଧିକାରୀ ଉଦକର ସାମଲ, ପ୍ରାକ୍ତନ ଶିକ୍ଷା ଅଧିକାରୀ ଗୋବନ୍ଦ ଚନ୍ଦ୍ର ପରିଡା, ପ୍ରାକ୍ତନ ସହ ଶିକ୍ଷା ଅଧିକାରୀ ରମାକାନ୍ତ ମହାପାତ୍ର, ଚକ୍ରଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ସହଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ସିଙ୍ଗିରି ପଂଚାୟତ ସମିତିସଭ୍ୟ ପ୍ରତାପ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଲେ, ଏବେ ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି। ଛୋଟ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି ତା'ର ଏକ ଅଂଶ ବିଶେଷ। ଶିକ୍ଷା ଏବେ ଆଉ ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହା ପ୍ରସ୍ଫୁଟିତ ହୋଇ ତାର ସୁରଭିରେ ସମସ୍ତଙ୍କୁ ଚମତ୍କୃତ କରିବ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ସ୍ୱାଗତିକା ରାଉତ, ସିଙ୍ଗିରି ସରପଞ୍ଚ ଦାସ, ସମିତିସଭ୍ୟ ବାରିକ, ଜିଲା ଶିକ୍ଷା ପ୍ରଶିକ୍ଷଣର ପ୍ରଶିକ୍ଷକ ଲୋପାମୁଦ୍ରା ପଣ୍ଡା, ଚକ୍ରଧର ଉଚ୍ଚ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ସତ୍ୟରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ପିଲାମାନଙ୍କୁ ଅନେକ ଶିକ୍ଷଣୀୟ କଥାମାନ କହିଥିଲେ। ଶେଷରେ ମୁଖ୍ୟଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ କ୍ଲଷ୍ଟରର ସିଆରସିସି ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷା ଅଧିକାରୀ ହୁମାୟୁନ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ।

# ପାଟକୁରାରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପାଟକୁରା, ୩।୧୧ (ଡି.ଏନ.ଏ.)

ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରିବା ସହ ସେମାନେ କିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ପ୍ରତିଷ୍ଠା ହୋଇପାରିବେ ସେନେଇ ଆୟୋଜିତ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗରଦପୁର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ପାଟକୁରା ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଳୟ ପାଣିଙ୍କ ସଭାପତିତ୍ୱରେ ଗରଦପୁର ବିଡିଓ ଧର୍ମ ରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିଶୁ କିପରି ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କାର୍ଯ୍ୟ କରିବ ସେନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ବିଇଓ ଅଜୟ କୁମାର ସେଠୀ, ବିଆରସିସି ଗତିକୃଷ୍ଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନୋରଞ୍ଜନ ପଟ୍ଟନାୟକ, ବଳଦେବ ଉପାଧ୍ୟାୟ ପ୍ରମୁଖ ସମ୍ମାନିତ ଅତିଥି, ଶିକ୍ଷକ ନୃସିଂହ ସେନାପତି ଅତିଥି ପରିଚୟ ଓ ଶିକ୍ଷକ ରାଜା ମହାରାଜା ଧନ୍ୟବାଦ ଦେଇଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଦ୍ୱାରା ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ବିକାଶ ପାଇଁ ପରିବହନକୁ ଗୁରୁତ୍ୱ, ଡ୍ରାଇଭର ଅବହେଳିତ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଡ୍ରାଇଭର ସଂଘର କର୍ମମାନେ।

କେନ୍ଦ୍ରାପଡ଼ା ଅଫିସ, ୩।୧୧

ଦେଶର ପରିଚାଳନାରେ ପରିବହନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚକ ନ ଗଡିଲେ ଦେଶର ବିକାଶ ବନ୍ଦ ହୋଇଯିବ। ପିଇବା ପାଣିଠାରୁ ଆରମ୍ଭ କରି ଜୀବନ ବଞ୍ଚାଇବା ଔଷଧ, ସାମଗ୍ରୀ ପରିବହନରେ ଗାଡି ଚାଳକ ସଦାସର୍ବଦା ନିଜର କର୍ତ୍ତବ୍ୟ କରି ଚାଲିଥାନ୍ତି। ଦେଶ ବିକାଶରେ ଏହି ଗାଡିଚାଳକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ସଦାସର୍ବଦା ଅବହେଳାର ଶିକାର ହେଉଥିବା ଡ୍ରାଇଭର ସଂଘର କର୍ମକର୍ତ୍ତାଙ୍କ ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀ ଗୁରୁବାର ପ୍ରକାଶ କରିଛନ୍ତି। ସହରର ଟାଉନ ବଳରାମପୁରସ୍ଥ ଏକ କଲ୍ୟାଣମଣ୍ଡପରେ ଏହି ସମ୍ମିଳନୀ ଓଡ଼ିଶା ଡ୍ରାଇଭର ମହାସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ଜିଲା କର୍ମକର୍ତ୍ତା ରଞ୍ଜନ କୁମାର ଦାସ, ରଞ୍ଜନ ମହାନ୍ତି, ମହମ୍ମଦ ଆଜମଲ, ପ୍ରକାଶ ଚନ୍ଦ୍ର ଦାସ, ସତ୍ୟବ୍ରତ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଏ ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ କହିଥିଲେ ଯେ, ଗାଡି ଡ୍ରାଇଭରଙ୍କ ଆୟ ସୀମିତ। ତେବେ ସମସ୍ୟା ଅନେକ ଅଛି। ସମସ୍ୟା ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଏହାର ସମାଧାନ ନ ହେବାରୁ ମହାସଂଘ ପକ୍ଷରୁ ବଡଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ପ୍ରାଣ ହରାଉଥିବା ଡ୍ରାଇଭରଙ୍କୁ ୨୦ ଲକ୍ଷ ଟଙ୍କର ବୀମାଭୁକ୍ତ କରାଇବା ସହ ଅକର୍ମଣ୍ୟଙ୍କୁ ଅନ୍ୟୂନ୍ୟ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ୫୫ ବର୍ଷରେ ପେନ୍‌ସନ ବ୍ୟବସ୍ଥା, ସାମାଜିକ ସୁରକ୍ଷା, ପାର୍କିଂ ସ୍ଥାନ ଓ ଶୌଚାଳୟ ସୁବିଧା, ଆବସ ଗୃହ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ, ଲାଇସେନ୍ସ ପାଇଁ ଧାର୍ଯ୍ୟ ଦର କମ୍ କରିବା, ଡ୍ରାଇଭରଙ୍କୁ ଦେଶର ଦ୍ୱିତିୟ ସୈନିକର ମାନ୍ୟତା ଆଦି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦାବିଗୁଡିକ ପୂରଣ ନ ହେଲେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ପରିବହନ ଗାଡି ଆଗାମୀଦିନରେ ରୋକାଯିବ ବୋଲି ସେମାନେ ପ୍ରକାଶ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ୯ ଦଫା ଦାବି ସମ୍ବଳିତ ଦାବିପତ୍ରକୁ ଏଡିଏମ୍‌ଙ୍କ ଦ୍ୱାରା ପ୍ରେରଣ କରାଯାଇଥିବା କର୍ମକର୍ତ୍ତା ସେକ୍ ମୁସ୍ତାକିମ ପ୍ରକାଶ କରିଛନ୍ତି।

**ଡ୍ରାଇଭର ସଂଘର ଖବରଦାତା ସମ୍ମିଳନୀ**

### ଦୁର୍ଘଟଣା, ଜଣେ ମୃତ

ପାରାଦୀପ,୩।୧୧(ସ୍ୱ.ପ୍ର.)

ପାରାଦୀପ ଲକ୍‌ଥାନା ସମ୍ମୁଖ ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ଗ୍ୟାସ ବୋଝେଇ ଟ୍ରେଲର ସହ ବାଇକ ଆରୋହୀଙ୍କ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁନାରାମ ବିଶ୍ୱାଳ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ସିରିଙ୍ଗିପୁର ଗ୍ରାମରେ। ପୋଲିସ ମୃତଦେହ ଜବତ କରି ବିଜୁ ମେମୋରିଆଲ ହସ୍ପିଟାଲରେ ରଖିଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରେଲର ଗାଡ଼ିକୁ ଜବତ କରି ଚାଳକଙ୍କୁ ଅଟକ ରଖିଛି।

# ଭରିଗଦା କୃଷି ସମବାୟ ସମିତି: ସଭାପତି ହେଲେ ବସନ୍ତ

ରାଜକନିକା,୩।୧୧ (ଡି.ଏନ.ଏ.)

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ହେଲା ନିର୍ବାଚନ**

ରାଜକନିକା ବ୍ଲକର ଭରିଗଦା କୃଷି ସମବାୟ ସମିତିର ସଭାପତି ନିର୍ବାଚନ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗୁରୁବାର ହୋଇଯାଇଛି। ଏହି କୃଷି ସମବାୟ ସମିତିରେ ୧୫ଜଣ ବୋର୍ଡ ମେମ୍ବର ଭୋଟ ଦେଇଥିଲେ। ସଭାପତି ନିର୍ବାଚନରେ ବସନ୍ତ ମଲିକ ୧୦ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିର୍ମଳ ଜେନା ୫ ଖଣ୍ଡ ଭୋଟ ପାଇଥିଲେ। ବସନ୍ତ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି କୃଷି ସମବାୟ ସମିତି ସଭାପତି ପଦବୀ ଲାଗି ଦୀର୍ଘଦିନ ହେବ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଚକାପାଞ୍ଝା ଲାଗି ରହିଥିଲା। ନିର୍ବାଚନ ଲାଗି ମାମଲା ହାଇକୋର୍ଟ ଦାୟର କରଯାଇଥିଲା। ସୂଚନା ଅନୁସାରେ, ଭରିଗଦା କୃଷି ସମବାୟ ସମିତିର ନିର୍ବାଚନ ୪।୭।୨୦୨୨କୁ ଧାର୍ଯ୍ୟ କରାଯାଇଥିଲା। ହେଲେ ନିର୍ବାଚନ ଅଧିକାରୀ ଅସୁସ୍ଥତା ଦର୍ଶାଇ ଆସି ନ ଥିଲେ। ଫଳରେ ନିର୍ବାଚନ ବନ୍ଦ ରହିଥିଲା। ନିର୍ବାଚନ କରାଇବା ଲାଗି ବସନ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଦେଇଥିଲେ ୧୪।୯।୨୨ରେ ନିର୍ବାଚନ ଲାଗି ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ନିର୍ବାଚନ ଅଧିକାରୀ ମୃତ୍ୟୁଞ୍ଜୟ ଦାସ ଦେହ ଅସୁସ୍ଥତା ଦର୍ଶାଇ ରହି ଯାଇଥିଲେ। ଫଳରେ ନିର୍ବାଚନ ବନ୍ଦ ରହିଥିଲା। ନିର୍ବାଚନ ବନ୍ଦ କାରଣରୁ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ମୃତ୍ୟୁଞ୍ଜୟଙ୍କୁ ନିଲମ୍ବିତ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗୁରୁବାର ନିର୍ବାଚନ ହୋଇଥିଲା। ସତ୍ୟ ଓ ନ୍ୟାୟର ବିଜୟ ହୋଇଛି ବୋଲି ନବନିର୍ବାଚିତ ହୋଇଥିବା ସଭାପତି ବସନ୍ତ ସହ ଏହି ବିଜୟ ଲାଗି ବରୁଣାଡିଆ ଓ ଭରିଗଦା ପଞ୍ଚାୟତର କୃଷକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପ୍ରତିଭାର ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମ ଲୋଡ଼ା

କେନ୍ଦ୍ରାପଡା ଅଫିସ, ୩।୧୧

କେନ୍ଦ୍ରାପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଭରତପୁର ପଞ୍ଚାୟତ ମେହେନ୍ଦିପୁରସ୍ଥିତ ଲାଲ ବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ ମହୋତ୍ସବରେ ବିଇଓ ପାବନୀ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ମାନସ ଭୂଷଣ, ପଣ୍ଡିତ ହୃଷୀକେଶ ରଥ, ଏବିଇଓ ବନ୍ଦନା ସ୍ୱାଇଁ, କୁମୁଦିନୀ ଦେଇ, ଶିକ୍ଷାବିତ ଶାରଦା ପ୍ରସନ୍ନ ରାଉତ, ସମିତିସଭ୍ୟା ପ୍ରଣତି ବେହେରା, ସିଆରସିସି ଶୈଳେନ କୁମାର ପରିଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁଙ୍କ ପ୍ରତିଭା ବିକାଶରେ ଅଭିଭାବକଙ୍କଠାରୁ ଆରମ୍ଭ କରି ଶିକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉଦ୍ୟମ ଲୋଡା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସେମାନେ କହିଥିଲେ ଯେ, ପ୍ରତ୍ୟେକ ଶିଶୁର କିଛି ହେଲେ ପ୍ରତିଭା ଅଛି। ଏହାକୁ ଚିହ୍ନଟ ସହ ବିକାଶର ଆବଶ୍ୟକତା ଅଛି। ପ୍ରାଚୀନ ସମୟର ଗୁରୁକୂଳ ପରମ୍ପରା ହେଉ ଅଥବା ଆଧୁନିକ ଶିକ୍ଷାରେ ଗୁଣାତ୍ମକମାନ ପ୍ରକାଶ ପାଇଁ ଉଦ୍ୟମ ଚାଲିଛି। ଏହି ଅବସରରେ ବ୍ଲକସ୍ତରର ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ, ପଣ୍ଡିତ ପ୍ରତାପ କୁମାର ପତି, ପ୍ରକାଶ କୁମାର ବେହେରା, ଜୟଶ୍ରୀ ମମତା ଦାସ, ସସ୍ମିତା ନାୟକ, ନାରାୟଣ ଜେନା, ସଦାଶିବ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଶିଶୁ ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ବ୍ଲକସ୍ତରୀୟ ଶିଶୁ ମହୋତ୍ସବ**

## ସଂକ୍ଷେପରେ

### ଘରପୋଡ଼ି ଅଭିଯୋଗ

ପାରାଦୀପ, ୩।୧୧(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ଅନ୍ତର୍ଗତ କତକୁଲା ଗ୍ରାମରେ ଗୁରୁବାର ଘରପୋଡି ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ କରିଛି। ଘର ମାଲିକ ସଂଯୁକ୍ତା ମହାପାତ୍ର (୫୧)ଅଭିଯୋଗ ଅନୁଯାୟୀ, ପଡ଼ୋଶୀ ତାଙ୍କ ଘର ପୋଡ଼ିବାକୁ ଉଦ୍ୟମ କରିଛନ୍ତି। ସମ୍ପୃକ୍ତ ପଡ଼ୋଶୀ ଗତ ୧୫ ବର୍ଷ ହେଲା ତାଙ୍କ ପାଖ ଘରେ ରହୁଛନ୍ତି। ଉକ୍ତ ପଡ଼ୋଶୀଙ୍କ ଜଣେ ସଉତୁଣୀ ଦୁଇଦିନ ହେଲା ଆସି ସଂଯୁକ୍ତା ଘରେ ବସା ଉଠା କରୁଥିବାରୁ ଅଭିଯୁକ୍ତ ରାଗିଯାଇ ତାଙ୍କ ଘରେ ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଥାନାଧିକାରୀ ସବ୍ୟସାଚୀ ରାଉତ କୁହନ୍ତି, ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବ୍ରାଉନସୁଗାର ଜବତ: ୨ ଗିରଫ

ପାରାଦୀପ, (ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ପୋଲିସ ଗୁରୁବାର ୧୬.୬୯ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ନଗଦ ୫୩ ହଜାର ଟଙ୍କା ଓ ଗୋଟିଏ ବାଇକ ଜବତ ହୋଇଛି। ସେମାନେ ହେଲେ ସୁମନ୍ତ କୁମାର ସାହୁ ଓ ଚନ୍ଦ୍ରଶେଖର ପାଣି। ଅଭିଯୁକ୍ତ ଦ୍ୱୟ ଅଠରବାଙ୍କି ଲକପଡା ଠାରେ ଏହି ବେପାର କରୁଥିବା ବେଳେ ପୋଲିସ ଚଢ଼ାଉ କରି ଧରିଥିଲା।

# ବଢୁଛି ଡେଙ୍ଗୁ ରୋଗୀ ସଂଖ୍ୟା, ଲୋକେ ଭୟଭୀତ

ଜଗତ୍‌ସିଂହପୁର ଅଫିସ, ୩।୧୧

ଜଗତସିଂହପୁର ଜିଲାରେ ଡେଙ୍ଗୁ ରୋଗୀ ସଂଖ୍ୟା ବଢୁଛି। ଗତ ଜାନୁୟାରୀରୁ ଏପର୍ଯନ୍ତ ଏହି ସଂଖ୍ୟା ବଢି ୩୦୫ରେ ପହଞ୍ଚିଲାଣି । ଲୋକେ ସଚେତନ ନ ହେଲେ ପରିସ୍ଥିତି ବିଗିଡିବା ଆଶଙ୍କା ରହିଛି। ବିଶେଷକରି ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ଜରୁରୀ। କେବଳ ଲୋକେ ନୁହନ୍ତି ଜିଲା ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ ସଙ୍ଗଠନ, କ୍ଲବ ଓ ସରକାରୀ କଳ ଆଦି ଦାୟିତ୍ୱବାନ ନ ହେଲେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ସରକାରୀ ଭାବେ ଦେଖିଲେ ୨୦୧୪ରୁ ଇତିମଧ୍ୟରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୨୦୧୪ ଓ ୨୦୧୬ରେ ୨ ଲେଖାଏଁ, ୨୦୧୮ରେ ୧ ଓ ୨୦୧୯ରେ ଜଣ ଲେଖାଏ ରୋଗୀଙ୍କ ମୃତ୍ୟୁ ଘଟିଛି । ଚଳିତବର୍ଷ ନିକଟସ୍ଥ ଚାନ୍ଦୁରା ଓ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଏରଡ଼ଙ୍ଗ ଫତେପୁର ଗ୍ରାମର ମୋଟ ୨ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଏ ପରିସ୍ଥିତିରେ ମଶାରୀ ଉପରେ ଧ୍ୟାନ ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପଡିବ।

ଜିଲା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ, ଜୋତ ସମେତ ଆଖପାଖ ଅଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ରଘୁନାଥପୁର ବ୍ଲକ ଏରଡ଼ଙ୍ଗା ଫତେପୁର ଗ୍ରାମରେ ସଂକ୍ରମଣ ବଢି ଚାଲିଛି। ଏହି ଗାଁର କେତେଜଣ ବ୍ୟକ୍ତି କହିଛନ୍ତି, ଡେଙ୍ଗୁରେ ଆକ୍ରାନ୍ତ ହୋଇ ଗ୍ରାମର ରବି ରାଉତଙ୍କ ମୃତ୍ୟୁ ଘଟିଛି। ଏଥିସହ ୧୦/୧୨ ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଡେଙ୍ଗୁରେ ଆକ୍ରାନ୍ତ ଥିବା ବୈରାଗୀ ଚରଣ ପ୍ରଧାନଙ୍କୁ ଅବହେଳା କରାଯାଇଥିବା ତାଙ୍କ ଭାଇ ସୂଚନା ଦେଇଛନ୍ତି। ଜଗତ୍‌ସିଂହପୁର ସହରରୁ ଇତିମଧ୍ୟରେ ୧୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ସାରିଲେଣି। ଅନେକ ଗାଁ ଛାଡି ବନ୍ଧୁବାନ୍ଧବ କିମ୍ବା ଅନ୍ୟ ବିକଳ୍ପ ସ୍ଥାନକୁ ଅସ୍ଥାୟୀ ଭାବେ ଚାଲି ଯାଉଥିବା ଜଣାଯାଇଛି । କିନ୍ତୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଡେଙ୍ଗୁ ନ ହେବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଛି। ଏଡିଏମ୍‌ଓ ପ୍ରମୋଦ କୁମାର ବାରିକ କହିଛନ୍ତି, ଅନେକ ସମୟରେ ରୋଗୀମାନେ ପରିସ୍ଥିତି ବାଧ ନ କଲେ ଡାକ୍ତରଖାନା ଯାଉନାହାନ୍ତି । ତେଣୁ ଡେଙ୍ଗୁ ଲକ୍ଷଣ ଅର୍ଥାତ୍ ଆଣ୍ଠୁ, ଗଣ୍ଠି ବିନ୍ଧା, ଶରୀରର ଠାଏ ଠାଏ ନାଲି ଦାଗ ଦେଖାଦେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ଯାଇ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଲୋକେ ଖାଲି ଦେହରେ ବୁଲିବା ଅନୁଚିତ। ଗାଁରେ କୌଣସି ସ୍ଥାନରେ ପ୍ଲାଷ୍ଟିକ, ସଢ଼େଇ, ନନ୍ଦ ଆଦିରେ ପାଣି ଜମି ରହିଥିଲେ ସେଗୁଡିକୁ ଖାଲି କରାଯିବା ଉଚିତ୍ ଲୋକେ ଯେ ପର୍ଯ୍ୟନ୍ତ ନିଜେ ସଚେତନ ନ ହେବେ ସେ ପର୍ଯନ୍ତ ଡେଙ୍ଗୁକୁ ପ୍ରତିହତ କରିବା ସମ୍ଭବ ନୁହେଁ । ତଥାପି ଲୋକଙ୍କୁ ବାରମ୍ବାର ବୁଝାଇ ପରିବେଶ ପରିଷ୍କାର ପରିଚ୍ଛନ ରଖିବାକୁ ପରାମର୍ଶ ଦିଆଯାଉଛି । ଡାକ୍ତରଖାନାରେ ଆଡମିଶନ କରାଯାଉ ନ ଥିବା ଅଭିଯୋଗ ଉପରେ କହିଥିଲେ, ଆବଶ୍ୟକ ନ ପଡିଲେ ତାହା ସମ୍ଭବ ହେଉନି। ଏବର୍ଷ ୨ ଜଣଙ୍କର ଡେଙ୍ଗୁରେ ମୃତ୍ୟୁ ସମ୍ପର୍କରେ କୌଣସି ସୂଚନା ଆସିନାହିଁ । ଆଶା, ଅଙ୍ଗନୱାଡ଼ି, ଏଏନ୍‌ଏମ୍ ଆଦି ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ସମ୍ବେଦନଶୀଳ ଅଞ୍ଚଳରେ ଆଣ୍ଟି ଲାର୍ଭାଲ ସ୍ପ୍ରେ କରାଯାଉଛି। ଚଳିତବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ବାଲିକୁଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ୪୩, ବିରିଡ଼ି ୫, ଏରସମା ୧୨, କୁଜଙ୍ଗ ୧୮, ମଣ୍ଡାସାହି ୧୦୭, ମଣିଜଙ୍ଗା ୨୫, ନାଉଗାଁ ୪୯, ରଘୁନାଥପୁର ୩୧, ଜଗତ୍‌ସିଂହପୁର ପୌର ପରିଷଦ ୧୩ ଓ ପାରାଦୀପ ପୌର ପରିଷଦ ଅଞ୍ଚଳରେ ୨ ଏହିପରି ମୋଟ ୩୦୫ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୫୧ ଜଣ ସୁସ୍ଥ ହୋଇ ସାରିଲେଣି । ୧୫ ଜଣଙ୍କୁ ଭୁଲ ଠିକଣା ଯୋଗୁ ଚିହ୍ନଟ କରାଯାଇ ପାରୁନାହିଁ । କିନ୍ତୁ ବିପଦ ଟଳିନାହିଁ । ଏ ମାସ ଲୋକଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡିବ । ଲକ୍ଷଣ ଦେଖାଦେଲେ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପାରାଦୀପ ପୌରାଞ୍ଚଳରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଥମେ ଏଲିସା ପରୀକ୍ଷା କରିନେବା ଜରୁରୀ। ତା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ରହିଲେ ଡେଙ୍ଗୁ ଜୀବନ ପ୍ରତି ବିପଦ ସୃଷ୍ଟି କରିବ ନାହିଁ । ସୂଚନାଯୋଗ୍ୟ , ୨୦୧୧ରେ ଡେଙ୍ଗୁ ରୋଗୀ ସଂଖ୍ୟା ୨୨ ଥିଲା । କିନ୍ତୁ ୨୦୧୨ରେ ଏହି ସଂଖ୍ୟା ୧୨କୁ ଖସି ଆସିଥିଲା। ୨୦୧୩ରେ ୨୬୩ ଓ ୨୦୧୪ରେ ୧୦୫୧କୁ ବୃଦ୍ଧି ପାଇ ରେକର୍ଡ ଛୁଇଁଥିଲା । ୨୦୧୫ରେ ୩୯୩, ୨୦୧୬ରେ ୩୩୩, ୨୦୧୭ରେ ୨୩୫, ୨୦୧୮ରେ ୧୦୫୬ ଓ ୨୦୧୯ରେ ୨୪୯ ହୋଇଥିଲା । ତେବେ କରୋନା ସଂକ୍ରମଣ ସମୟରେ ଅର୍ଥାତ୍ ୨୦୨୦ରେ ଡେଙ୍ଗୁ ରୋଗୀ ସଂଖ୍ୟା ମାତ୍ର ୮ ଥିବାବେଳେ ୨୦୨୧ରେ ୩୦୦କୁ ଛୁଇଁଥିଲା ।



ଅପରିଷ୍କାର ପାଣି ଥିବା ସ୍ଥାନରେ ସ୍ପ୍ରେ କରାଯାଉଛି।

**ଜଗତ୍‌ସିଂହପୁର ଜିଲା**
- ରୋଗୀ ସଂଖ୍ୟା ୩୦୫ରେ ପହଞ୍ଚିଲା।
- ଜଗତ୍‌ସିଂହପୁର ବ୍ଲକ ଓ ପୌରାଞ୍ଚଳରେ ସର୍ବାଧିକ ୧୨୦ ଚିହ୍ନଟ

# ମରାମତି ସତ୍ତ୍ୱେ ପାଠପଢ଼ା ନେଇ ଅନିଶ୍ଚିତତା

ରଘୁନାଥପୁର,୩।୧୧(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରାଢଙ୍ଗ ଉଚ୍ଚ ବିଦ୍ୟାଳୟର ୩ ଶ୍ରେଣୀଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଗତ ୫ ବର୍ଷ ତଳୁ ଉକ୍ତ ଗୃହରେ ଶିକ୍ଷାଦାନ ବନ୍ଦ ରହିଛି। ଗୋଟିଏ ଛାତ ତଳେ ଥିବା ଉକ୍ତ ଶ୍ରେୀଣୀଗୃହଗୁଡ଼ିକରୁ ଗୋଟିଏ ବଖରା ମରାମତି ସତ୍ତ୍ୱେ ଉକ୍ତ ଗୃହରେ ପାଠପଢ଼ା ନେଇ ଅନିଶ୍ଚିତତା ଦେଖାଦେଇଛି। କାରଣ ଅନ୍ୟ ଦୁଇ ବଖରା ଶ୍ରେଣୀଗୃହର ବିଭିନ୍ନ ସ୍ଥାନରେ କାନ୍ଥ ଫାଟି ଆଁ କରିଛି। ଛାତରୁ ପାଣି ଲିକ୍ କରି ପ୍ଲାଷ୍ଟର ଖଣ୍ଡ ସବୁ ଝୁଲି ରହିଛି। ଏଣୁ ଗୋଟିଏ ଛାତ ତଳେ ମରାମତି କରାଯାଇଥିବା ଉକ୍ତ ଗୃହରେ ଛାତ୍ରୀଛାତ୍ରମାନେ ବସି ପାଠପଢିବା ନିରାପଦ ନୁହେଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଉକ୍ତ ସ୍କୁଲଟି ସରକାରୀ ହୋଇ ନ ଥିବାରୁ ଅନୁଦାନ ପାଇବାରୁ ବଞ୍ଚିତ ହୋଇଛି। ବ୍ଲକ ଏସ୍‌ଏଫସି ଟଙ୍କାରେ ୨ ଲକ୍ଷ ଟଙ୍କା ଅନୁଦାନରେ ଉକ୍ତ ଗୃହକୁ ମରାମତି କରାଯାଇଛି। ଆଗାମୀ ଦିନରେ ପୁଣି ଅନୁଦାନ ମିଳିଲେ ଉପରୋକ୍ତ ୨ ଶ୍ରେଣୀଗୃହକୁ ମରାମତି କରାଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସୁଶାନ୍ତ ଜେନା କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତି କୁହନ୍ତି, ବର୍ତ୍ତମାନ ଯେଉଁଠି ପିଲାମାନେ ବସି ପାଠପଢୁଛନ୍ତି ସେ ଗୃହର ମରାମତି କରିବା ଜରୁରୀ ହୋଇପଡ଼ିଛି। ତେବେ ମରାମତି ହୋଇଥିବା ଗୃହରେ ପାଠପଢ଼ାଯିବା ସମ୍ପର୍କରେ ଏସ୍‌ଏମଡିସିର ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। କେଉଁଠୁ ଅନୁଦାନ ଆସି ମାତ୍ର ଗୋଟିଏ ବଖରା ଗୃହକୁ ମରାମତି କରାଯାଇଛି ସେ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି ସ୍ଥାନୀୟ ସରପଞ୍ଚ ସୁଶୀଳ ବାରିକ ପ୍ରକାଶ କରିଛନ୍ତି। ଉପରୋକ୍ତ ଶ୍ରେଣୀଗୃହ ପିଲାଙ୍କ ପାଠପଢିବା ପାଇଁ ନିରାପଦ ନୁହେଁ ବୋଲି ସ୍କୁଲ ତଦାରଖ ଦାୟିତ୍ୱରେ ଥିବା ସିଆରସିସି ତରୁଣ କୁମାର ଜେନା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସେ ଅବଗତ କରାଇବେ ବୋଲି କହିଛନ୍ତି।



ମରାମତି ହୋଇଥିବା ଗୃହକୁ ଲାଗିଥିବା ଅସୁରକ୍ଷିତ ଶ୍ରେଣୀଗୃହ ।

**ରଘୁନାଥପୁର ବ୍ଲକ ରାଢଙ୍ଗ ଉଚ୍ଚ ବିଦ୍ୟାଳୟ**
- ଜରାଜୀର୍ଣ୍ଣ ଅବସ୍ଥାରେ ୩ ଶ୍ରେଣୀଗୃହ

# ତହସିଲଦାରଙ୍କ ବୁଝାଶୁଝା ପରେ ସତ୍ୟାଗ୍ରହ ସ୍ଥଗିତ



ତହସିଲାଦାର ରୂପାଲିକା ଦାଶ ଓ ଅନ୍ୟ ଅଧିକାରୀଙ୍କ ସହ ସତ୍ୟାଗ୍ରହ କରୁଥିବା ଆନ୍ଦୋଳନକାରୀମାନେ।

ରଘୁନାଥପୁର,୩।୧୧(ଡି.ଏନ୍.ଏ.)

ବର୍ତ୍ତମାନ ସମୟରେ ଭାରତରେ ଦ୍ରୁତ ଅଭିବୃଦ୍ଧି କରୁଥିବା ଲଜିଷ୍ଟିକ୍ସ ଶିଳ୍ପରେ କାରବାର କରିବା ପାଇଁ ଉଭୟ ସ୍ୱଦେଶୀ ଓ ବିଦେଶୀ କମ୍ପାନୀଗୁଡ଼ିକ ଆଗ୍ରହ ପ୍ରକାଶ କରିଛନ୍ତି। ଏପରିକି ସିଙ୍ଗାପୁରର ସୋଭେରାନ ୱେଲ୍‌ଥ ଫଣ୍ଡ ଜିଆଇସି ଏବଂ ଇଏସ୍‌ଆର୍ ଗ୍ରୁପ୍ ଭାରତରେ ଲଜିଷ୍ଟିକ୍ସ ଏବଂ ଶିଳ୍ପ ସମ୍ପଦର ଅଧିଗ୍ରହଣ ପାଇଁ ୬୦୦ ମିଲିୟନ ଆମେରିକୀୟ ଡଲାର ବା ପ୍ରାୟ ୫ହଜାର କୋଟି ଟଙ୍କାର ପାଣ୍ଠି ପ୍ରତିଷ୍ଠା ନେଇ ଉଭୟ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି ଜିଆଇସି ଏବଂ ଇଏସ୍‌ଆର୍ ୮୦:୨୦ ଅନୁପାତରେ ଉକ୍ତ ରଣନୈତିକ ବୁଝାମଣା ନେଇ ଗୁରୁବାର ଘୋଷଣା କରିଛନ୍ତି। ସେହିଭଳି ଉଭୟ କମ୍ପାନୀ ଏହା ଜରିଆରେ ୬୦ କୋଟି ଡଲାରର ପାଣ୍ଠି ପ୍ରତିଷ୍ଠା କରାଯିବ ଏବଂ ଭବିଷ୍ୟତରେ ସମ୍ପତ୍ତି ଅଧିଗ୍ରହଣ କରାଯିବ ନେଇ ଆଶା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଇଏସ୍‌ଆର୍ ସହ ପ୍ରତିଷ୍ଠାତା ଏବଂ ସହ-ସିଇଓ ଷ୍ଟୁଆର୍ଟ ଗିବ୍‌ସନ ଏବଂ ଫଜେଫରୀ ସେନ କହିଛନ୍ତି, ଇଏସ୍‌ଆର୍‌ର ନୂଆ ଆର୍ଥିକ ରିୟଲ ଇଷ୍ଟେଟ୍ ମଞ୍ଚର ବିସ୍ତାର ପାଇଁ ପୁଞ୍ଜିଗତ ସହଭାଗିତାର ସମର୍ଥନ ଗୁରୁତ୍ୱପୂର୍ଣ୍ଣ । ଏପରିକି ଭାରତରେ ଲଜିଷ୍ଟିକ୍ସ କ୍ଷେତ୍ରରେ ବୃଦ୍ଧିର ଲାଭ ନେବା ପାଇଁ ଜିଆଇସି ସହ କାମ କରିବାକୁ ଆମେ ବେଶ୍ ଉତ୍ସାହିତ ।

## ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୩।୧୧**

କ୍ରମାଗତ ୨ଦିନ ଲାଗି ଷ୍ଟକ୍ ବଜାରର କାରବାର ହ୍ରାସ ପାଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୦ (୬୯.୬୮) ପଏଣ୍ଟ ଖସି ୬୦,୮୩୬ (୬୦,୮୩୬.୪୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୩୦ (୩୦.୧୫) ପଏଣ୍ଟ ହ୍ରାସ ଘଟି ୧୮,୦୫୩ (୧୮,୦୫୨.୭୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ନଭେମ୍ବର ୨୫ରୁ ୪ଦିନିଆ ଇଣ୍ଡୋପ୍ଲାସ୍-୨୨




**ଭୁବନେଶ୍ୱର,୩।୧୧**

ଇଣ୍ଡିଆନ୍ ପ୍ଲାଷ୍ଟିକ୍‌ସ ଫେଡେରେଶନ (ଆଇପିଏଫ୍) ପକ୍ଷରୁ ନଭେମ୍ବର ୨୫ରୁ ଏକ ୪ ଦିନିଆ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ପ୍ରଦର୍ଶନୀ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଇପିଏଫ୍‌ର ତ୍ରୈବାର୍ଷିକ ପ୍ରଦର୍ଶନୀ ଅବସରରେ 'ଇଣ୍ଡୋପ୍ଲାସ୍-୨୦୨୨'ର ଆୟୋଜନ କୋଲକାତାଠାରେ କରାଯାଉଛି। ଉକ୍ତ ପ୍ରଦର୍ଶନୀ ନୂଆ କରି ନିର୍ମାଣ ହୋଇଥିବା ବିଶ୍ୱ ବାଙ୍ଗ୍‌ଲା ମେଳା ପ୍ରାଙ୍ଗଣଠାରେ ୨୦୨୨ ନଭେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ଆୟୋଜନ ହେବ। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ପ୍ରଦର୍ଶନୀର ୯ମ ସଂସ୍କରଣ ଯାହା ସମଗ୍ର ପ୍ଲାଷ୍ଟିକ୍ ଶିଳ୍ପକୁ ଗୋଟିଏ ଛାତ ତଳେ ଏକାଠି କରିବ।

ଏ ସମ୍ପର୍କରେ ଇଣ୍ଡୋପ୍ଲାସ୍-୨୦୨୨ର ଅଧ୍ୟକ୍ଷ ପ୍ରଦୀପ ନାୟାର କହିଛନ୍ତି, ଉକ୍ତ ପ୍ରଦର୍ଶନୀଗୁଡିକ ଅର୍ଥନୀତିକୁ ତ୍ୱରାନ୍ୱିତ କରିଥାନ୍ତି। ଭାରତ ହେଉଛି ପ୍ଲାଷ୍ଟିକ୍ ପାଇଁ ୩ୟ ସର୍ବବୃହତ୍ ଅନ୍ତର୍ଜାତୀୟ ବଜାର। ବର୍ଦ୍ଧିତ ଅର୍ଥନୀତି ଓ ସହାୟକ ସରକାରୀ ନୀତିଗୁଡିକ ଭାରତକୁ ଏକ ପଲିମର୍ ସୁପର ପାୱାରରେ ପରିଣତ କରିଛି, କିନ୍ତୁ ସର୍ବୋତ୍ତମତା ଆସିବା ବାକି ରହିଛି। ଆମେ ଏଠାକୁ ସୁଯୋଗଗୁଡିକୁ ଉନ୍ମୋଚନ କରିବା ଓ ତାହା ଉପରେ ପୁଞ୍ଜି ହାସଲ କରିବା ପାଇଁ ଆସିଛୁ। ସେହିଭଳି ଇଣ୍ଡିଆନ ପ୍ଲାଷ୍ଟିକ ଫେଡେରେଶନର ଅଧ୍ୟକ୍ଷ ଶିଶିର ଜଲାନ କହିଛନ୍ତି, ଏକ ବଜାର ଭାବେ ପୂର୍ବାଞ୍ଚଳ ଭାରତ ପଲିମର ଶିଳ୍ପର ଅଭିବୃଦ୍ଧି ଦୃଷ୍ଟିରୁ ଦେଶର ଅବଶିଷ୍ଟ ଭାଗକୁ ପଛରେ ପକାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଦର୍ଶନୀ ଆୟୋଜନକାରୀ କମିଟିର ସଦସ୍ୟ ଅନିଲ କୁମାର ଏବଂ ସ୍ୱସ୍ତିକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏସ୍‌ଏଲ୍‌ର ୨ୟ ତ୍ରୈମାସିକ ଫଳାଫଳ

JINDAL STAINLESS

**ଭୁବନେଶ୍ୱର,୩।୧୧**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ପରିଚାଳନା ବୋର୍ଡର ସୁପାରିସକ୍ରମେ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ପରିଚାଳନା ବୈଠକରେ ଗତ ୩ ମାସର ଅଣ ସମୀକ୍ଷିତ ଆର୍ଥିକ ଫଳାଫଳ ବିଷୟରେ ମଧ୍ୟ ବିସ୍ତୃତ ସୂଚନା ଦିଆଯାଇଛି। ବିଶେଷକରି ୨୦୨୨-୨୩ କ୍ୟୁ୨ରେ କମ୍ପାନୀର ଷ୍ଟାଣ୍ଡାଲୋନ ରାଜସ୍ୱ, ଇବିଆଇଟିଡିଏ ଓ ପିଏଟି ଯଥାକ୍ରମରେ ୫,୪୪୨ କୋଟି, ୪୧୧ କୋଟି ଓ ୧୮୯ କୋଟି ଟଙ୍କା ରହିଥିଲା ବେଳେ କମ୍ପାନୀ ୨,୭୦,୩୬୦ ମେଟ୍ରିକ ଟନ ବିକ୍ରୟ ପରିମାଣକୁ ମଧ୍ୟ ରେକର୍ଡ କରିଛି। ଫଳରେ କନ୍‌ସୋଲିଡେଟେଡ୍ ଭିତ୍ତିରେ ୨୦୨୨-୨୩ କ୍ୟୁ୨ ରେ ମଧ୍ୟ ଜେଏସ୍‌ଏଲ୍‌ର ରାଜସ୍ୱ ୫,୬୦୫ କୋଟି ରହିଥିଲା ବେଳେ ଇବିଆଇଟିଡିଏ ୩୫୮ କୋଟି ଓ ପିଏଟି ୧୫୨ କୋଟି ରେକର୍ଡ କରିଛି। ସେହିଭଳି ଘରୋଇ ଦୃଷ୍ଟିକୋଣରୁ ଶେଷ ଉପଭୋକ୍ତାଗୁଡ଼ିକର ଚାହିଦା ଅଧିକ ରହିଥିଲା। ବିଶେଷକରି ବିକ୍ରୟ ଯୋଜନାରେ ଜେଏସ୍‌ଏଲ୍ ଚମତ୍କାରିତା ସହ କମ୍ପାନୀ ତା'ର ଘରୋଇ ବିକ୍ରୟ ଉପରେ ମଧ୍ୟ ଅଧିକ ଧ୍ୟାନ ଦେଇଥିଲା। ଫଳସ୍ୱରୂପ ୨୦୨୨-୨୩କ୍ୟୁ୨ ରେ ମୋଟ ବିକ୍ରୟ ପରିମାଣ ୯୫% ଘରୋଇ ଗ୍ରାହକଙ୍କୁ ଯୋଗାଇଥିଲା। ସେହିପରି ୨୦୨୨-୨୩ କ୍ୟୁ୨ ରେ ଅଟୋମୋବାଇଲ କ୍ଷେତ୍ରରେ ଚାହିଦା ସ୍ଥିର ରହିଥିବାରୁ କ୍ୟୁଓକ୍ୟୁ ଆଧାରରେ ପ୍ରାୟ ୨୮% ଅଭିବୃଦ୍ଧି ପଞ୍ଜୀକରଣ କରିଛି। କମ୍ପାନୀ ନୂଆ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଗ୍ରେଡ୍ ଯୋଗେ ୪୩୨ଟି ଉତ୍ପାଦକୁ ବିଦ୍ୟମାନ ଗ୍ରେଡ୍ ସହ ୪୩୬ ଏଲ୍ ଓ ୪୩୯ ଅଟୋମେଜରକୁ ଯୋଗାଇଛି। ସେହିପରି ମାଲ ପରିବହନରେ ଏହାର ବ୍ୟବସାୟର ଅଂଶ ବୃଦ୍ଧି ପାଇଁ ଭାରତୀୟ ରେଳପଥ ନିଜର ଅଗ୍ରଗତି ଜାରି ରଖିଛି। ୨୦୨୨-୨୩ କ୍ୟୁ୨ ରେ ଜେଏସ୍‌ଏଲ୍ ରେଳ ୱାଗନ ସେଗ୍‌ମେଣ୍ଟରେ ମଧ୍ୟ ୨୫% ଅଭିବୃଦ୍ଧି କରିଛି। ଆଗକୁ ବନ୍ଦେ ଭାରତ ଟ୍ରେନ୍‌ସେଟ ରେଳପଥ ପାଇଁ ଏକ ପ୍ରମୁଖ ଧ୍ୟାନକେନ୍ଦ୍ର ହୋଇ ରହିବ। ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ମେଟ୍ରୋ ପ୍ରକଳ୍ପ ପାଇଁ ଆଗାମୀ ୫ବର୍ଷ ମଧ୍ୟରେ ୮୦,୦୦୦ କୋଟି ଟଙ୍କାର ବିନିଯୋଗ ହେବ।

## ମାରୁତି ସୁଜୁକିର ନୂଆ ଗ୍ରାଣ୍ଡ୍ ଭିଟାରାର ଅନାବରଣ ଉତ୍ସବ




**ଭୁବନେଶ୍ୱର,୩।୧୧**

ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ଗ୍ରାଣ୍ଡ୍ ଭିଟାରା'ର ସର୍ବଭାରତୀୟ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏପରିକି ଗୁରୁବାର ଭୁବନେଶ୍ୱରସ୍ଥିତ ଗଜପତିନଗରଠାରେ ଏମ୍‌ଏସ୍‌ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ତୁସି ମୋଟର୍ସ ନେକ୍ସା ଶୋ'ରୁମ୍ ପକ୍ଷରୁ ଉକ୍ତ ଯାନର ଅନାବରଣ ସାଙ୍ଗକୁ ଗ୍ରାହକ ଡେଲିଭର ମଧ୍ୟ କରାଯାଇଛି। ଏହି ଅବସରରେ ବଲିଉଡ୍ ଅଭିନେତ୍ରୀ ନୀଲମ୍ କୋଠାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଛନ୍ତି। ସେହିଭଳି ଏହାର ପ୍ରଥମ ୧୫ ଗ୍ରାହକଙ୍କୁ ମଧ୍ୟ ସେ ଚାବି ହସ୍ତାନ୍ତର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଆଇଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଏବଂ ତୁସି ମୋଟର୍ସର ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ ଓ ପରିଚାଳନା ନିର୍ଦ୍ଦେଶିକା ପ୍ରୀତିପଲ୍ଲବୀ ପଟ୍ଟନାୟକଙ୍କ ସମେତ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ତୁସି ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନୂଆ କାର୍, ସର୍ଭିସ୍ ଏବଂ ସ୍ପେୟାର କ୍ରୟ କ୍ଷେତ୍ରରେ ମଧ୍ୟ ଏକ କାର୍ଡର ଶୁଭାରମ୍ଭ କରାଯାଇଛି। ଅପରପକ୍ଷରେ ଉକ୍ତ ଯାନରେ ଗ୍ରାହକ ନେକ୍ସାର ସିଗ୍ନେଚର୍ ଡିଜାଇନ ସହ ଆକର୍ଷଣୀୟ ପାୱାର ଟ୍ରେନ୍ ବିକଳ୍ପ ରହିଛି। ଏହାର ବଜାର ମୂଲ୍ୟ ୧୦.୪୫ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୧୭.୫ ଲକ୍ଷ ଟଙ୍କାରେ ରହିଛି।

## ଜିଓ ୫ଜି କୁ 'କ୍ଲାଉଡ୍ ନେଟିଭ୍ ଆୱାର୍ଡ'

**ମୁମ୍ବାଇ,୩।୧୧**




ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଜିଓକୁ ଆଉ ଏକ ସମ୍ମାନ ମିଳିଛି। ଏପରିକି ଲଣ୍ଡନଠାରେ ଆୟୋଜିତ ୱାର୍ଲ୍ଡ କମ୍ୟୁନିକେଶନ ଆୱାର୍ଡର ୨୪ତମ ସଂସ୍କରଣରେ ଜିଓ ୫ ଜି ପ୍ଲାଟ୍‌ଫର୍ମସକୁ 'କ୍ଲାଉଡ୍ ନେଟିଭ୍ ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି ଟେଲିକମ୍ ଶିଳ୍ପରେ କାର୍ଯ୍ୟ କରୁଥିବା ଦେଶ ବିଦେଶର ବହୁ ପ୍ରତିଷ୍ଠିତ କମ୍ପାନୀର ଅଧିକାରୀମାନେ ମଧ୍ୟ ଉକ୍ତ ପୁରସ୍କାର ବିତରଣ ସମାରୋହରେ ସାମିଲ ଥିଲେ। ସେହିଭଳି ଜିଓ ପ୍ଲାଟ୍‌ଫର୍ମସର କମ୍ବୋ ୫ଜି-୪ଜି କୋର୍ ନେଟ୍‌ୱର୍କ ସଲ୍ୟୁସନ୍ସ ପାଇଁ କ୍ଲାଉଡ୍ ନେଟିଭ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଜୟୀ ସମାଧାନକୁ ବ୍ୟବହାର କରି ରିଲାଏନ୍ସ ଜିଓ ଭାରତରେ ୫ଜି ସେବାର ଶୁଭାରମ୍ଭ କରୁଛି। ଜିଓ ପକ୍ଷରୁ ବିଭିନ୍ନ ସହରରେ ବ୍ୟବହାରକାରୀମାନଙ୍କୁ ନେଇ ୫ଜିର ବିଟା ପରୀକ୍ଷଣ ଆରମ୍ଭ କରାଯାଉଛି। ଗ୍ରାହକମାନଙ୍କ ଚାହିଦାକୁ ଦ୍ରୁତଗତିରେ ପୂରଣକରିବା ଲାଗି ଟେଲିକମ୍ କମ୍ପାନୀଗୁଡ଼ିକ ନିମନ୍ତେ ଏଭଳି ଏକ ସମାଧାନର ଆବଶ୍ୟକତା ରହିଛି, ଯାହାକୁ ଅତ୍ୟଧିକ ବ୍ୟାପକ କରାଯାଇପାରିବ ଏବଂ ତାହା ଆକର୍ଷଣୀୟ ହେବା ସହ ଶୀଘ୍ର ଅପ୍‌ଡେଟ୍ କରାଯାଇପାରୁଛି।

## ଫୁର୍‌ସତ



## ଅକ୍ଷୟଙ୍କ ମରାଠୀ ଡେବ୍ୟୁ

**ମୁମ୍ବାଇ:** ବି-ଟାଉନର ପ୍ରସିଦ୍ଧ କଳାକାର ଅକ୍ଷୟ କୁମାର ମରାଠୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ନିର୍ଦ୍ଦେଶକ ମହେଶ ମଞ୍ଜରେକରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଭେଦାତ୍ ମରାଠେ ବୀର ଦୌଡଲେ ସାତ' ସିନେମାରେ ଅକ୍ଷୟ ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ନଜରକୁ ଆସିବେ। ଫିଲ୍ମ ନିର୍ମାତା ବସିମ୍ କ୍ୟୁରେଶିଙ୍କ ଏହି ସିନେମା ଶିବାଜୀ ମହାରାଜଙ୍କ ଅସାଧାରଣ ବାହାଦୁରି ଉପରେ ଆଧାରିତ। ବୁଧବାର ଏକ କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ମହାରାଷ୍ଟ୍ର ନବନିର୍ମାଣ ସେନାର ମୁଖ୍ୟ ରାଜ୍ ଠାକରେ ଏବଂ ବଲିଉଡ୍ ଷ୍ଟାର ସଲମାନ୍ ଖାଁଙ୍କ ଉପସ୍ଥିତିରେ ଏହି ଫିଲ୍ମର ଘୋଷଣା କରାଯାଇଛି। ଏନେଇ ଅକ୍ଷୟ କହିଛନ୍ତି, ଶିବାଜୀଙ୍କ ଏହି ଭୂମିକା ପାଇଁ ତାଙ୍କ ସ୍ୱପ୍ନ ସତ ହେବାକୁ ଯାଉଛି। ଶିବାଜୀ ମହାରାଜଙ୍କ ଚରିତ୍ରକୁ ବଡ଼ ପରଦାରେ ଦର୍ଶାଇବା ତାଙ୍କ ପାଇଁ ବଡ ଦାୟିତ୍ୱ ରହିବ। ଏହି ଗୁରୁ ଦାୟିତ୍ୱକୁ ସମ୍ଭାଳିବା ପାଇଁ ସେ ତାଙ୍କର ସମ୍ପୂର୍ଣ୍ଣ ଏଫର୍ଟ ଦେବା ସହ ସେ ଏଥିରେ ଖୁସି ଥିବା କହିଛନ୍ତି। ମୁଭିରେ ଜୟ ଦୁଧାନେ, ଉତ୍କର୍ଷ ସିନ୍ଦେ, ବିଶାଲ ନିକମ, ବିରାଟ ମଡ୍‌କେ, ହାର୍ଦ୍ଦିକ ଯୋଶୀ, ସତ୍ୟା, ନବାବ ଖାଁ, ପ୍ରବୀଣ ତାର୍‌ଡେଙ୍କ ଭଳି କଳାକାରଙ୍କୁ ଦେଖିବାକୁ ମିଳିବ। ଆସନ୍ତା ବର୍ଷ ଦୀପାବଳିରେ ଏହି ସିନେମା ମରାଠୀ, ହିନ୍ଦୀ, ତାମିଲ, ତେଲୁଗୁ ୪ଟି ଭାଷାରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ।

## 'ଭାରତକୁ ହରାଇଲେ ଜିମ୍ବାୱେ ଖେଳାଳିଙ୍କୁ ବାହାହେବି'

### ଟୁଇଟ୍ କରି ଟ୍ରୋଲ୍ ପାକ୍ ଅଭିନେତ୍ରୀ

**ନୂଆଦିଲ୍ଲୀ:** ଏବେ ଟି-୨୦ ବିଶ୍ୱ କପ୍ ଚାଲୁଥିବାବେଳେ ଜଣେ ପାକିସ୍ତାନୀ ଅଭିନେତ୍ରୀଙ୍କ ବିବାଦୀୟ ଟୁଇଟ୍ ସାମ୍ନାକୁ ଆସିଛି। ଅଭିନେତ୍ରୀ ଶେହର ସିନୱାରୀ ତାଙ୍କ ଟୁଇଟ୍‌ରେ ଭାରତ ଏବଂ ଜିମ୍ବାୱେ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ବାବଦରେ ଟିପ୍ପଣୀ ଦେଇଛନ୍ତି। ସେ ଲେଖିଛନ୍ତି, ଭାରତ ଏବଂ ଜିମ୍ବାୱେ ମଧ୍ୟରେ ହେବାକୁ ଥିବା ମ୍ୟାଚରେ ଯଦି ଭାରତ ହାରିଯାଏ, ତେବେ ସେ ଜିମ୍ବାୱେର ଜଣେ କ୍ରିକେଟରଙ୍କୁ ବିବାହ କରିବେ। ତାଙ୍କ ଏହି ଟୁଇଟ୍ ନେଇ ସେ ଟ୍ରୋଲ ହୋଇଛନ୍ତି। ତେବେ ତୁମର ବିବାହ ହୋଇ ପାରିବନି ବୋଲି ଜଣେ ୟୁଜର ତାଙ୍କ ଟୁଇଟ୍‌ରେ କମେଣ୍ଟ କରିଛନ୍ତି। ଭାରତ ବାଂଲାଦେଶକୁ ହରାଇଲେ ସେ ତାଙ୍କ ଟୁଇଟର ଆକାଉଣ୍ଟ ଡିଲିଟ୍ କରିଦେବେ ବୋଲି ସିନୱାରୀଙ୍କ ପୂର୍ବରୁ ଏକ ଟୁଇଟ୍ କରିଥିବା ନେଇ ଆଉ ଜଣେ ୟୁଜର ତାଙ୍କୁ ଟ୍ରୋଲ କରିଛନ୍ତି। ଏପରି ଅନେକ ୟୁଜର ତାଙ୍କୁ ବିଭିନ୍ନ ପ୍ରକାରର ଟ୍ରୋଲ କରିଥିବା ଦେଖିବାକୁ ମିଳିଛି। ତେବେ ରବିବାର ଭାରତ ଏବଂ ଜିମ୍ବାୱେ ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି। ଏଥିପାଇଁ ଅନେକେ ଉତ୍ସାହିତ ଅଛନ୍ତି।



## ପ୍ରେମିକା ଗାଲରେ ପ୍ରେମିକ



**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଟାଟୁ କରିବା ଏକ ଫ୍ୟାଶନ ପାଲଟିଗଲାଣି। ତେବେ ଅନେକେ ନିଜ ଦେହରେ ବିଭିନ୍ନ ପ୍ରକାରର ଟାଟୁ କରୁଥିବା ଦେଖିବାକୁ ମିଳୁଛି। ପ୍ରେମୀ ଯୁଗଳ ମଧ୍ୟ ପରସ୍ପରଙ୍କ ନାମ ଲେଖୁଛନ୍ତି। ତେବେ ଏଠାରେ ଏକ ଅଜବ ଟାଟୁ ଦେଖିବାକୁ ମିଳିଛି। ମହିଳା ଜଣଙ୍କ ଗାଲରେ ତାଙ୍କ ପୁରୁଷ ବନ୍ଧୁଙ୍କ ଚେହେରାର ଟାଟୁ କରିଛନ୍ତି। ମିରର୍‌ର ରିପୋର୍ଟ ଅନୁସାରେ, ନାରାଲି ନଜ୍‌ମ ନାମ୍ନୀ ମହିଳା ତାଙ୍କ ପୁରୁଷ ସାଥୀଙ୍କ ଚେହେରା ନିଜ ଗାଲରେ ଆଙ୍କିଥିଲେ। ସେ ଟିକ୍‌ଟକ୍‌ରେ ସବୁବେଳେ ସେମାନଙ୍କ ସମ୍ପର୍କ ବାବଦରେ ଅପ୍‌ଡେଟ୍ ଦେଇଆସୁଥିଲେ। ଏଥିସହ ତାଙ୍କର ପିଲା ହେବା ଖବର ମଧ୍ୟ ସେ ଜଣାଇଥିଲେ। ପିଲା ଜନ୍ମ ହେବା ପୂର୍ବରୁ ସେମାନେ ଏକ ନୂଆ ଘର ନେଇଥିଲେ। ସେତେବେଳେ ସବୁକିଛି ଠିକ୍ ଥିଲା। କିନ୍ତୁ ଏବେ ତାଙ୍କ ସାଥୀ ତାଙ୍କୁ ଛାଡି ପଳାଇଥିବା ଜଣାପଡିଛି। ଏପରି ଘଟଣାରେ ପୁରୁଷ ସାଥୀ ଅନ୍‌ଲାଇନ ଜରିଆରେ ସେ ନାରାଲିଙ୍କୁ ଧୋକା ଦେଇ ପଳାଇଯାଇଥିବା ଜଣାଇଥିଲେ। କିନ୍ତୁ ସେ ନାରାଲିଙ୍କ ସହିତ ରହିବାକୁ ଚାହୁଁ ନ ଥିବା କହିଥିଲେ। ଏହାପରେ ମଧ୍ୟ ନାରାଲି ତାଙ୍କ ପୁରୁଷ ସାଥୀଙ୍କୁ ଅପେକ୍ଷା କରିଥିବା କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
for Booking Contact
0674-2580385
8637280816,
7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲ୍ଲା- ଭିୱାନି
8950329763

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

୰ସାବିତ୍ରୀ ଦେବୀ
ମାର୍କଣ୍ଡପୁର, ଯାଜପୁର
ଆବିର୍ଭାବ: ୨୫।୦୭।୧୯୩୯
ତିରୋଧାନ: ୨୫।୧୦।୨୦୨୨
ବୋଉଲୋ, ତୋର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ୍ଭମାନଙ୍କ ପଥ ପ୍ରଦର୍ଶକ ହୋଇ ରହିବ। ତୋର ଅନୁପସ୍ଥିତିର ଶୂନ୍ୟତା ଆମ ପାଇଁ ଅସହ୍ୟ ଓ ହୃଦୟ ବିଦାରକ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: କୃଷ୍ଣମୋହନ ମହାପାତ୍ର, ପୁତ୍ର: ମାନସ, ବାବୁଲି, କନ୍ୟା: ମାମିନ, ମାତନ, ମାଧୁ, ବୋହୂ: ନିରୁ, ଡଲି, ଜ୍ୱାଇଁ: ଅଶୋକ, ପ୍ରଦୀପ, ସନାତନ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ।
ଧ-୧୯୦୮

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ବବିତା ସେଠୀ
ପ୍ଲଟ୍ ନଂ.-୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ- ତା୨୬।୧୧।୨୦୨୦
ସପନ ହଜିଲା, ଦୁଃଖ ସାଗରରେ
ସୁଖ ଶାନ୍ତି ଗଲା ସରି
ଦୁଇଟି ବରଷ ସରିଗଲା ଏବେ
ଦିନେ ନ ଆସିଲୁ ଫେରି
ସବୁବେଳେ ତୁହି ମନେ ପଡୁଥିବୁ
ହୃଦୟେ ମୋହର ରହି
ଆକାଶର ତାରା ତୁହି ତ ହେଲେ ବି
ତଥାପି ଭୁଲିବି ନାହିଁ।
ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇ ବାବାଙ୍କ ନିକଟରେ ମୋର ପ୍ରାର୍ଥନା।
ଶୋକସନ୍ତପ୍ତ ଭାଇ: ବୁଢ଼ା ଓ ସେଠୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୧୩୫୮

୩୧ତମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ନଟବର ଦେବତା
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
ଚାହୁଁ ଚାହୁଁ ୩୧ବର୍ଷ ବିତିଗଲା। ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମ୍ଭମାନଙ୍କର ମାନସପଟରୁ ଲିଭିନି। ଅଦ୍ୟାବଧି ତାହା ଆମ୍ଭର ମାର୍ଗ ଦର୍ଶନ କରୁଅଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ପରିବାରବର୍ଗ, ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ, ଓମ ଟେକ୍ସଟାଇଲ, ମାଳତୀ ନିବାସ
ଧ-୭୪୦୨୨

# ଫିଫା ଟୁର୍ନାମେଣ୍ଟର ସ୍ମରଣୀୟ ସ୍ମୃତି

**ଭାରତରେ ପ୍ରଥମଥର ପାଇଁ ଆୟୋଜିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ସଫଳତାର ସହ ସମ୍ପନ୍ନ ହୋଇଛି। ଚାମ୍ପିୟନ ସ୍ପେନ୍‌ଠାରୁ ଆରମ୍ଭ କରି ଫାଇନାଲିଷ୍ଟ କଲମ୍ବିଆ, ବ୍ରୋଞ୍ଜ ମେଡାଲିଷ୍ଟ ନାଇଜେରିଆ ଏବଂ ପଦାର୍ପଣକାରୀ ମରକ୍କୋ ଓ ତାଞ୍ଜାନିଆ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସ୍ମରଣୀୟ ସ୍ମୃତି ଛାଡ଼ିଛି ଏହି ପ୍ରତିଯୋଗିତା। ପ୍ରଥମଥର ପାଇଁ ଖେଳିଥିବା ଭାରତ ମଧ୍ୟ ଏଥିରୁ ଅନେକ ଶିକ୍ଷା ଲାଭ କରିଛି...**


କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ୭ମ ସଂସ୍କରଣ ଭାରତରେ ସଫଳତାର ସହ ସମ୍ପନ୍ନ ହୋଇଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ ହୋଇଥିବା ଯାତ୍ରା ଗୋଆର ମାର୍ଗାଓ ମଧ୍ୟଦେଇ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଶେଷ ହୋଇଥିଲା। ୧୬ ଦଳବିଶିଷ୍ଟ ପ୍ରତିଯୋଗିତାରେ ଗତଥରର ଚାମ୍ପିୟନ ସ୍ପେନ୍ ପୁଣିଥରେ ଟାଇଟଲ ହାସଲ କରିଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲରେ କଡ଼ା ଟକ୍କର ଦେଇଥିଲା କଲମ୍ବିଆ। ପ୍ରଥମଥରପାଇଁ ଫାଇନାଲ ଖେଳିଥିଲେ ହେଁ କଲମ୍ବିଆର ଚ୍ୟାଲେଞ୍ଜରେ ନାକେଦମ୍ ହୋଇଥିଲା ସ୍ପେନ୍। ମାତ୍ର ଆନା ମାରିଆ ଗୁଜମାନ ଜାପଟାଙ୍କ ଆତ୍ମଘାତୀ ଗୋଲ କଲମ୍ବିଆ ପାଇଁ ଦୁର୍ଭାଗ୍ୟ ଡାକି ଆଣିଥିଲା ଏବଂ ଦ୍ୱିତୀୟ ଥରପାଇଁ ବିଜୟ ମୁକୁଟ ପିନ୍ଧିଥିଲା ସ୍ପେନ୍। ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଦଳଭାବେ ସ୍ପେନ୍ ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଥିଲା।

### କଳିଙ୍ଗରୁ ଆରମ୍ଭ

ବିଶ୍ୱର ରାଇଜିଂ ଷ୍ଟାର୍‌ଙ୍କୁ ନେଇ ଫିଫାର ଏହି ସମ୍ମାନଜନକ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ ହୋଇଥିଲା। ଅକ୍ଟୋବର ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କଳିଙ୍ଗରେ ମୋଟ ୬ଟି ଗ୍ରୁପ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଠାରେ ଆୟୋଜକ ଭାରତ ସମେତ ଆମେରିକା, ମରକ୍କୋ, ବ୍ରାଜିଲ, ଚିଲି ଓ ନାଇଜେରିଆ ଖେଳିଥିଲେ। ମାର୍ଗାଓସ୍ଥିତ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗ୍ରୁପ୍ ମ୍ୟାଚ ସହିତ ୨ଟି କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ନଭି ମୁମ୍ବାଇରେ ଗ୍ରୁପ୍ ପର୍ଯ୍ୟାୟ, ୨ଟି କ୍ୱାର୍ଟର ଫାଇନାଲ ସମେତ ଅକ୍ଟୋବର ୩୦ରେ ମେଗା ଫାଇନାଲ ଖେଳାଯାଇଥିଲା। ଏଥିରେ ବିଜୟୀ ହୋଇ ସ୍ପେନ୍ ଇତିହାସ ରଚିଥିଲା। ସେହିପରି ନାଇଜେରିଆ ପ୍ରଥମଥରପାଇଁ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା। ଟୁର୍ନାମେଣ୍ଟରେ ମୋଟ ୩୨ଟି ମ୍ୟାଚ ଖେଳାଯାଇଥିବାବେଳେ ୯୫ଟି ଗୋଲ ସ୍କୋର ହୋଇଥିଲା। ଭାରତ ବ୍ୟତୀତ ଦୁଇ ଆଫ୍ରିକୀୟ ଦେଶ ମରକ୍କୋ ଓ ତାଞ୍ଜାନିଆ ବିଶ୍ୱକପ ପଦାର୍ପଣ କରିଥିଲେ।

### ଭାରତ ପାଇଁ ସ୍ମରଣୀୟ

ପୂର୍ବରୁ କେବେହେଲେ ଯୋଗ୍ୟତା ମାନଦଣ୍ଡ ସ୍ପର୍ଶ କରିପାରି ନ ଥିବା ଭାରତ ଏଥର ଆୟୋଜକ ଦଳଭାବେ ପ୍ରଥମ ଥରପାଇଁ ଖେଳିବା ସୁଯୋଗ ପାଇଥିଲା। ଫୁଟବଲର ପାୱାର ହାଉସ ବ୍ରାଜିଲ ଓ ଆମେରିକା ପରି ଦଳ ବିପକ୍ଷରେ ଦଳ ଯଦିଓ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା ତେବେ ଖେଳାଳିମାନେ ଅନେକ ଅଭିଜ୍ଞତା ହାସଲ କରିଥିଲେ। ଏହା ବ୍ୟତୀତ ଭାରତୀୟ ଦଳ ଏହାର ଶକ୍ତି ଓ ସାମର୍ଥ୍ୟ ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲା। ପ୍ରଥମ ମ୍ୟାଚରେ ଆମେରିକାଠାରୁ ୦-୮, ଦ୍ୱିତୀୟରେ ମରକ୍କୋଠାରୁ ୦-୩ ଓ ତୃତୀୟ ମ୍ୟାଚରେ ବ୍ରାଜିଲ ନିକଟରୁ ୦-୫ ଗୋଲରେ ପରାଜୟ ଅବସରରେ ଅନେକ କିଛି ଶିକ୍ଷା ପାଇଥିଲା ଘରୋଇ ଦଳ।

### ପୁରସ୍କାର

**ସ୍ୱର୍ଣ୍ଣ ପଦକ: ସ୍ପେନ୍**
**ରୌପ୍ୟ ପଦକ: କଲମ୍ବିଆ**
**ବ୍ରୋଞ୍ଜ ପଦକ: ନାଇଜେରିଆ**

* ଗୋଲ୍ଡେନ ବୁଟ୍: ଲୋରେନ ବେଣ୍ଡେର (ଜର୍ମାନୀ)
* ସିଲଭର ବୁଟ୍: ମୋମୋକା ତାନିକାୱା (ଜାପାନ)
* ବ୍ରୋଞ୍ଜ ବୁଟ୍: ଲିଣ୍ଡା କାଇସେଡୋ (କଲମ୍ବିଆ)
* ଗୋଲ୍ଡେନ ବଲ୍: ଭିକି ଲୋପେଜ (ସ୍ପେନ୍)
* ସିଲଭର ବଲ୍: ଲିଣ୍ଡା କାଇସେଡୋ (କଲମ୍ବିଆ)
* ବ୍ରୋଞ୍ଜ୍ ବଲ୍: ମାରା ଆଲବର (ଜର୍ମାନୀ)
* ଗୋଲ୍ଡେନ ଗ୍ଲୋଭ୍ସ: ସୋଫିଆ ଫୁଏଣ୍ଟେ (ସ୍ପେନ)
* ଫେୟାର ପ୍ଲେ ଟ୍ରଫି: ଜାପାନ

### ଷ୍ଟାଣ୍ଡିଂ

୧: ସ୍ପେନ୍
୨: କଲମ୍ବିଆ
୩: ନାଇଜେରିଆ
୪: ଜର୍ମାନୀ
୫: ଜାପାନ
୬: ଆମେରିକା
୭: ବ୍ରାଜିଲ
୮: ତାଞ୍ଜାନିଆ
୯: ମେକ୍ସିକୋ
୧୦: ମରକ୍କୋ
୧୧: ଚାଇନା
୧୨: ଚିଲି
୧୩: କାନାଡ଼ା
୧୪: ଫ୍ରାନ୍ସ
୧୫: ନ୍ୟୁଜିଲାଣ୍ଡ
୧୬: ଭାରତ


ଚାମ୍ପିୟନ ସ୍ପେନ୍ ଦଳ

## ଗୋଲ୍ଡେନ ଆୱାର୍ଡ

ସଦ୍ୟ ସମାପ୍ତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ଗୋଲ୍ଡେନ ଆୱାର୍ଡ ପାଇଛନ୍ତି ସ୍ପେନ୍‌ର ଭିକି ଲୋପେଜ ଓ ଜର୍ମାନୀର ଲୋରେନ ବେଣ୍ଡେର। ବେଣ୍ଡେର ଟପ୍ ଗୋଲ ସ୍କୋରର ଭାବେ ଗୋଲ୍ଡେନ ବଲ୍ ପାଇଥିବାବେଳେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ ଲୋପେଜ। ଫିଫାର ଟେକ୍ନିକାଲ ଷ୍ଟଡି ଗ୍ରୁପ୍‌ର ନିଷ୍ପତ୍ତି କ୍ରମେ ତାଙ୍କୁ ଗୋଲ୍ଡେନ ବଲ୍ ପ୍ରଦାନ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ଜାପାନର କୌଣସି ଖେଳାଳି କାର୍ଡ ପାଇ ନ ଥିଲେ। ତେଣୁ ଏହି ଦଳକୁ ଫେୟାର ପ୍ଲେ ପୁରସ୍କାର ପ୍ରଦାନ କରାଯାଇଥିଲା।

ନିଜ ଦକ୍ଷତା ବଳରେ ଲୋପେଜ ଟୁର୍ନାମେଣ୍ଟ ଆରମ୍ଭରୁ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ତାଙ୍କ ଟେକ୍ନିକାଲ କ୍ୱାଲିଟି, ଡ୍ରିବ୍ଲିଂ ଓ ବିଜୟ ମାନସିକତା ଚମତ୍କାର ଥିଲା। ସେ ବ୍ୟକ୍ତିଗତଭାବେ ଜଣେ ବିଚକ୍ଷଣ ଖେଳାଳି ନ ଥିଲେ ଦଳଗତଭାବେ ମଧ୍ୟ ଲଢୁଆ ପ୍ରଦର୍ଶନ କରିଥିଲେ। ଏହି ଦୌଡ଼ରେ ଥିବା ଲିଣ୍ଡା କାଇସେଡୋ ସିଲଭର ବଲ୍‌ରେ ସନ୍ତୁଷ୍ଟ ହୋଇଥିଲେ। କାଇସେଡୋ ଜଣେ ଓଭରନାଇଟ ସେନ୍‌ସେସନ ନ ଥିଲେ। କୋଷ୍ଟାରିକାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଏବଂ କୋପା ଆମେରିକା ଫେମେନିନାରେ ପ୍ରଭାବୀ ରହିବା ପରେ ସେ ୧୭ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ମଧ୍ୟ ଚମକ ଦେଖାଇଥିଲେ। ବ୍ରୋଞ୍ଜ୍ ବଲ୍ ପାଇଥିଲେ ଜର୍ମାନୀର ମାରା ଆଲବର। ଷ୍ଟ୍ରାଇକର ଆଲବର ଜର୍ମାନୀର ଆକ୍ରମଣାତ୍ମକ ରଣନୀତିର ପ୍ରମୁଖ ଅଙ୍ଗ ଥିଲେ। ଟୁର୍ନାମେଣ୍ଟରେ ଜର୍ମାନୀ ମୋଟ ୧୬ଟି ଗୋଲ ଦେଇଥିବାବେଳେ ଆଲବର ପ୍ରତ୍ୟକ୍ଷଭାବେ ୭ଟି ଗୋଲରେ ସମ୍ପୃକ୍ତ ଥିଲେ।

ଟୁର୍ନାମେଣ୍ଟରେ ୩ ଖେଳାଳି ୪ଟି ଲେଖାଏ ଗୋଲ ଦେଇ ଗୋଲ୍ଡେନ, ସିଲଭର ଓ ବ୍ରୋଞ୍ଜ୍ ବୁଟ୍ ପାଇଥିଲେ। ଜର୍ମାନୀର ଲୋରେନ ବେଣ୍ଡେର ୨୫୦ ମିନିଟ ପଡ଼ିଆରେ ରହି ୪ଟି ଗୋଲ ଦେଇଥିବାରୁ ଗୋଲ୍ଡେନ, ଜାପାନର ମୋମୋକୋ ତାନିକାୱା ୨୮୫ ମିନିଟ ବିତାଇ ଥିବାରୁ ସିଲଭର ଏବଂ କଲମ୍ବିଆର ଲିଣ୍ଡା କାଇସେଡୋ ୫୦୪ ମିନିଟ ରହିଥିବାରୁ ବ୍ରୋଞ୍ଜ ବୁଟ୍ ହାସଲ କରିଥିଲେ। ଚାମ୍ପିୟନ ସ୍ପେନ୍ ଗୋଲକିପର ସୋଫିଆ ଫୁଏଣ୍ଟେ ସ୍ୱାଭାବିକଭାବେ ଗୋଲ୍ଡେନ ଗ୍ଲୋଭ୍ସ ପାଇଥିଲେ। ସ୍ପେନ୍ ଟାଇଟଲ ବଜାୟ ରଖିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ସବୁଠାରୁ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲା ଜାପାନ। ଏହାର ଖେଳାଳିମାନେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଥରେ ହେଲେ ବୁକ୍ ହୋଇ ନ ଥିଲେ। କୋଷ୍ଟାରିକାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ମଧ୍ୟ ଦଳ ଏହି ପୁରସ୍କାର ପାଇଥିଲା।

## ନାଇଜେରିଆର ନା, ସ୍ପେନ୍‌କୁ ଟ୍ରଫି ଜିତାଇଲେ ଲୋପେଜ

ନାଇଜେରିଆ ପାଇଁ ଖେଳିଥାନ୍ତେ କିନ୍ତୁ ସ୍ପେନ୍ ପକ୍ଷରୁ ମିଳିଲା ସୁଯୋଗ। ସୁଯୋଗର ଭରପୂର ସଦ୍‌ବ୍ୟବହାର କଲେ। କେବଳ ସେତିକି ନୁହେଁ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍ ଜିତି ଇତିହାସ ରଚିଲେ ଉଦୀୟମାନ ଖେଳାଳି ଭିକି ଲୋପେଜ୍। ନାଇଜେରୀୟ ମା'ଓ ସ୍ପାନିଶ ପିତାଙ୍କ ଔରସରୁ ଜନ୍ମିତ ଭିକି ବର୍ତ୍ତମାନ ବାର୍ସେଲୋନା ମହିଳା ଦଳର ପ୍ରମୁଖ ସଦସ୍ୟା। ସ୍ପେନ୍ ପ୍ରଥମ ଦଳ ଭାବେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ଟାଇଟଲ ଡିଫେଣ୍ଡ କରିବାରେ ସଫଳ ହୋଇଛି। ୨୦୧୮ରେ କ୍ଲାଉଡିଆ ପିନା ସ୍ପେନ୍ ପକ୍ଷରୁ ସର୍ବାଧିକ ୭ ଗୋଲ ସ୍କୋର କରିଥିବା ବେଳେ ଚଳିତ ସିଜନରେ ପୂରା ଦଳ ସ୍କୋର କରଛି ସମୁଦାୟ ୭ ଗୋଲ। ସ୍ପେନର ଏହି ବିଜୟରେ ମୁଖ୍ୟ ବିନ୍ଧାଣି ରହିଥିଲେ ୧୬ ବର୍ଷୀୟା ଲୋପେଜ୍। ବିଶ୍ୱକପ୍ ବିଜୟୀ ହେବା ତାଙ୍କର ସ୍ୱପ୍ନ ଥିଲା, ତାହା ଏବେ ସାକାର ହୋଇଛି।

ଭିକିଙ୍କ ନିକଟରେ ନାଇଜେରିଆ ପାଇଁ ଖେଳିବାର ସୁଯୋଗ ରହିଥିଲା। ତେବେ ନାଇଜେରିଆ ଫେଡେରେଶନ ପକ୍ଷରୁ କେହିବି ତାଙ୍କୁ ସମ୍ପର୍କ କରି ନ ଥିବା କହିଥିଲେ ପିତା ଜେସସ୍ ଲୋପେଜ୍ ସେରାନୋ ପେରେଜ୍। ନାଇଜେରିଆ ଜାତୀୟ ଦଳ ଡାକରା ଅପେକ୍ଷାରେ ଭିକି ଉତ୍ସାହିତ ଥିଲେ, ମାତ୍ର ବିଧି ନିର୍ଦ୍ଦେଶ ଭିନ୍ନ କିଛି ଥିଲା। ୧୭ ବର୍ଷରୁ କମ୍ ୟୁରୋ ଯୋଗ୍ୟତା ପର୍ଯ୍ୟାୟ ପାଇଁ ତାଙ୍କୁ ଡାକରା ମିଳିଲା। ୟୁରୋପିଆନ୍ ଚାମ୍ପିୟନଶିପରେ ଭିକି ସ୍ପେନ୍ ପକ୍ଷରୁ ଖେଳିଲେ। ଏହି ଟୁର୍ନାମେଣ୍ଟ ପଦାର୍ପଣରେ ଗୋଲ ସ୍କୋର କରିବା ସହିତ ସ୍ପେନ୍ ଆକ୍ରମଣରେ ପ୍ରମୁଖ ଅଂଶ ପାଲଟିଗଲେ। ୧୭ ବର୍ଷରୁ କମ୍ ୟୁରୋପିଆନ୍ ଚାମ୍ପିୟନଶିପରେ ସ୍ପେନ୍ ରନର୍ସ ଅପ୍ ହୋଇଥିଲା। ନଭି ମୁମ୍ବାଇରେ ଯେଉଁଦିନ ସ୍ପେନ ପାଇଁ ଲୋପେଜ୍ ବିଶ୍ୱକପ ଟେକି ଧରିବାର ସୁଯୋଗ ପାଇଥିଲେ ସେହି ଦିନ ତାଙ୍କର ଦ୍ୱିତୀୟ ଘର ନାଇଜେରିଆ ମଧ୍ୟ ବିଜୟୀ ହୋଇଥିଲା। ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଦଳ ଜର୍ମାନୀକୁ ପରାସ୍ତ କରିଥିଲା। ନାଇଜେରିଆ ମ୍ୟାଚକୁ ପେନାଲ୍ଟି ଶୁଟ ଆଉଟରେ ଜିତିଥିବା ଖବର ଆସିବାର ମୁହୂର୍ତ୍ତ ତାଙ୍କ ପାଇଁ ଅତ୍ୟନ୍ତ ଉତ୍ସାହପ୍ରଦ ଥିଲା ବୋଲି ଲୋପେଜ୍ କହିଥିଲେ।

ସ୍ପେନ୍‌ରେ ଲୋପେଜଙ୍କ କ୍ୟାରିୟର ଆରମ୍ଭ ଥିଲା ବେଶ୍ ରୋଚକ। ବେନିଡର୍ମ ସମୁଦ୍ର ତଟରେ ଫୁଟବଲ ଅଭ୍ୟାସ କରୁଥିବା ସମୟରେ ମାଡ୍ରିଡ୍ ସିଏଫ୍‌ଏଫ୍‌ର ଆଲଫ୍ରେଡୋ ଉଲ୍ଲୋଆଙ୍କ ଧ୍ୟାନ ଆକର୍ଷଣ କରିଥିଲେ ଲୋପେଜ। ଆଲଫ୍ରେଡୋ ୨୦୧୮ରେ ୟୁଥ୍ ଟିମ୍ ପାଇଁ ତାଙ୍କୁ ଚୁକ୍ତିବଦ୍ଧ କଲେ। ଏହା ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି ଲୋପେଜ୍। ୨୦୧୯ରେ ମାଡ୍ରିଡ୍ ସିଏଫ୍‌ଏଫ୍‌କୁ ଲା ଲିଗା ପ୍ରମିଜେସ୍ ଫେମେନିନା ଟାଇଟଲ ବିଜୟୀ କରିଥିଲେ। ଫାଇନାଲରେ ହ୍ୟାଟ୍ରିକ୍ ସହିତ ସେ ଗୋଲ୍ଡେନ୍ ବୁଟ୍ ବିଜୟୀ ହୋଇଥିଲେ। ୨୦୨୦-୨୧ ସିଜନରେ ୧୭ ଲିଗ୍ ମ୍ୟାଚରୁ ୬୦ ଗୋଲ କରିବା ଦ୍ୱାରା ୧୭ ବର୍ଷରୁ କମ୍ ଜାତୀୟ ଦଳକୁ ଡାକରା ପାଇଥିଲେ। ଏହାପରେ ସେ ବାର୍ସେଲୋନା ପକ୍ଷରୁ ଖେଳିବା ସହିତ ୮ ମ୍ୟାଚରେ ସିନିୟର୍ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଗତ ବିଶ୍ୱକପରେ ସେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଗୋଟିଏ ଲେଖାଏ ଗୋଲରେ ସହାୟତା ଓ ଗୋଟିଏ ମୁଖ୍ୟ ପାଶ୍‌ରେ ସଂଶ୍ଳିଷ୍ଟ ଥିଲେ। ଜାପାନ ବିପକ୍ଷ କ୍ୱାର୍ଟର ଫାଇନାଲରେ ସେ ଡବଲ୍ ଗୋଲ ସ୍କୋର କରିଥିଲେ। ଭିକିଙ୍କ ନିକଟରେ ଏକାଧିକ ପୋଜିଶନରେ ଖେଳିବାର ଦକ୍ଷତା ରହିଛି। ତେଣୁ କୋଚ୍ କେନିଓ ଗୋଞ୍ଜେଲୋ ଫାଇନାଲରେ ତାଙ୍କୁ ଚିରାଚରିତ ଫରୱାର୍ଡ ପୋଜିଶନ୍ ପରିବର୍ତ୍ତେ ମିଡଫିଲ୍ଡରେ ଖେଳାଇଥିଲେ।

୨୦୧୮ରେ କ୍ଲାଉଡିଆ ପିନା ଗୋଲ୍ଡେନ୍ ବଲ୍ ହାସଲ କରିବା ସହିତ ସ୍ପେନକୁ ଚାମ୍ପିୟନ୍ କରାଇଥିଲେ। ୪ ବର୍ଷ ପରେ ସ୍ପେନ୍ ପାଇଁ ସମାନ ସଫଳତା ଦୋହରାଇଛନ୍ତି ଭିକି। ପିନାଙ୍କ ନିକଟରୁ ବାଟନ ହସ୍ତାନ୍ତର କ୍ଷେତ୍ରରେ କେବଳ ଜାତୀୟ ଦଳ ନୁହେଁ ବରଂ କ୍ଲବ ସ୍ତରରେ ମଧ୍ୟ ଆଗୁଆ ଅଛନ୍ତି ଭିକି। ସେ ସର୍ବକନିଷ୍ଠ ଖେଳାଳି ଭାବରେ ମାତ୍ର ୧୬ ବର୍ଷ ୧ ମାସ ୧୯ ଦିନର ହୋଇଥିବାବେଳେ ବାର୍ସେଲୋନା ସିନିୟର ଦଳ ପକ୍ଷରୁ ଖେଳି ପିନାଙ୍କ ରେକର୍ଡ ଭାଙ୍ଗିଥିଲେ। ଗତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ସ୍ଲୋଗାନ ଥିଲା 'କିକ୍ ଅଫ୍ ଡ୍ରିମ୍'। ଦେଶରୁ ଦୂରରେ ରହି ନିଜର ସ୍ୱପ୍ନ ପୂରଣ କରିବାର ସୁଯୋଗ ପାଇଥିବା ଭିକି ଏହି ସ୍ଲୋଗାନକୁ ସତ ପ୍ରମାଣ କରିଛନ୍ତି।

**ନାଇଜେରିଆ ପାଇଁ ଖେଳିବା ଇଚ୍ଛାଥିଲା, କିନ୍ତୁ ସ୍ପେନ୍ ଦେଲା ସୁଯୋଗ । ଏହାର ଭରପୂର ସଦୁପଯୋଗ କରି ସ୍ପେନ୍‌କୁ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଭିକି ଲୋପେଜ୍ ଏବେ ଫୁଟବଲ ଜଗତରେ ବେଶ୍ ଚର୍ଚ୍ଚିତ।**


ଗୋଲ୍ଡେନ ବଲ୍ ସହ ଭିକି ଲୋପେଜ


ଗୋଲ୍ଡେନ ବୁଟ୍ ସହ ଲୋରେନ ବେଣ୍ଡେର


ସିଲଭର ବୁଟ୍ ବିଜୟୀ ମୋମୋକା ତାନିକାୱା


ଗୋଲ୍ଡେନ ଗ୍ଲୋଭ୍ସ ସହ ସୋଫିଆ ଫୁଏଣ୍ଟେ


ବ୍ରୋଞ୍ଜ ବଲ୍ ପ୍ରଦର୍ଶନ କରୁଛନ୍ତି ମାରା ଆଲବର


ସିଲଭର ବଲ୍ ସହ ଲିଣ୍ଡା କାଇସେଡୋ

### ଲକ୍

ନୱାଜ ହାତରେ ବୋଲିଂ ଧରାଇ
ବାବର ଦେଖିଲା ଜହ୍ନ
ସସ୍‌ପେନ୍‌ସ କ୍ରିଜ୍‌ରେ ବିରାଟ ହାର୍ଦ୍ଦିକ
ଉଭା ଚୁପ୍ କରି ମନ
ସାଇଲେଣ୍ଟ ମେଲବୋର୍ନ
ଇମ୍ପସିବଲ୍‌କୁ ପସିବଲ୍ କଲା
ଏ ବିରାଟ ହନୁମାନ।

ଡିପ୍ ମିଡ୍ ଉଇକେଟ
ବାଉଣ୍ଡାରିରେ ଥାଇ
ଧନୁ ପରି ବଲ୍ ଫିଙ୍ଗି
କେ.ଏଲ୍. ରାହୁଲ ଦେଲା
ବାଂଲାଦେଶର
ଲିଟନର ଅଣ୍ଟା ଭାଙ୍ଗି
ଶକିବ ଜାଣିଲା ଶୁଙ୍ଘି
ମ୍ୟାଚ ନେଇଗଲା ଛଡ଼ାଇ ହାତରୁ
ଇନ୍ଦ୍ରଦେବ ବର୍ଷା ଲଘି।

ଗ୍ରହ ମନ୍ଦହେଲେ ଭଲ ମଣିଷଠିଁ
ପଡ଼ିଯିବା ପରି ପୋକ
ଭାରତଠୁ ପାକିସ୍ତାନ ବାଂଲାଦେଶ
ମ୍ୟାଚ ହାରିଗଲେ ଦେଖ
ଲକ୍ ଟାଣଥିବା ଲୋକ
ଗଗନେ ଉଡ଼ଇ ଲକ୍ ମନ୍ଦକହି
ଅଳସୁଆ ପାଏ ଦୁଃଖ।

–ସୁବାସ ଚନ୍ଦ୍ର ପ୍ରଧାନ

# ଦକ୍ଷିଣ ଆଫ୍ରିକାକୁ ହରାଇଲା ପାକିସ୍ତାନ

## ଶଦାବ ଖାନ୍‌ଙ୍କ ଅଲ୍‌ରାଉଣ୍ଡ ସଫଳତା


ଶଦାବ ଖାନ୍

**ସିଡ୍‌ନୀ,୩।୧୧**

ଶଦାବ ଖାନ୍‌ଙ୍କ ଅଲରାଉଣ୍ଡ ସଫଳତା ବଳରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି ପାକିସ୍ତାନ। ବର୍ଷା ବାଧାପ୍ରାପ୍ତ ମ୍ୟାଚକୁ ଡକ୍ୱର୍ଥ ଲୁଇସ ମେଥଡରେ ୩୩ ରନରେ ଦଳ ଜିତି ନେଇଥିଲା। ଶଦାବ ୫୨ ରନ କରିଥିବା ବେଳେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୯ ଉଇକେଟରେ ୧୮୫ ରନ କରିଥିଲା। ବର୍ଷା କାରଣରୁ ସାଉଥ୍ ଆଫ୍ରିକାକୁ ୧୪ ଓଭରରେ ୧୪୨ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୯ ଉଇକେଟରେ ୧୦୮ ରନ୍ କରିବା ସହିତ ୩୩ ରନରେ ମ୍ୟାଚ ହାରି ଯାଇଥିଲା ଦକ୍ଷିଣ ଆଫ୍ରିକା। ଏହା ସହିତ ଗ୍ରୁପ୍ ବି'ର ସେମିଫାଇନାଲ ସମୀକରଣ ମଧ୍ୟ ଅନିଶ୍ଚିତତାରେ ଭରି ଯାଇଛି। ଭାରତ ଗ୍ରୁପ୍ ବି'ର ଟେବଲ ଟପ୍‌ରେ ରହିଥିବା ବେଳେ ଅନ୍ତିମ ମ୍ୟାଚ ଜିମ୍ବାୱେ ସହିତ ଖେଳିବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଅନ୍ତିମ ମ୍ୟାଚ ନେଦରଲାଣ୍ଡ୍ସ ସହିତ, ପାକିସ୍ତାନ ବାଂଲାଦେଶ ସହିତ ଖେଳିବ। ଯଦି ଦକ୍ଷିଣ ଆଫ୍ରିକା ପରାଜିତ ହୁଏ ତେବେ ବାଂଲାଦେଶ- ପାକିସ୍ତାନ ମ୍ୟାଚର ବିଜେତା ସେମିକୁ ଯିବ। ମାତ୍ର ଏହି ମ୍ୟାଚ ଯଦି ବର୍ଷା କାରଣରୁ ବାତିଲ ହୁଏ ତେବେ ରନ୍‌ରେଟ୍ ହିଁ ବିଚାରକୁ ନିଆଯିବ।

ଟସ୍ ଜିତି ପାକିସ୍ତାନ ବ୍ୟାଟିଂ କରିଥିବା ବେଳେ ବିପର୍ଯ୍ୟୟ ସାମ୍ନା କରିଥିଲା। ମାତ୍ର ୪୩ ରନରେ ୪ ଉଇକେଟ ହରାଇଥିଲା ପାକିସ୍ତାନ। ତେବେ ଫାଖର ଜମାନଙ୍କ ବଦଳ ଖେଳାଳି ମହମ୍ମଦ ହାରିସ୍(୨୮) ଓ ଇଫତିଖାର ଅହମ୍ମଦ(୫୧) ଇନିଂସ ସମ୍ଭାଳିଥିଲେ। ଶେଷ ଆଡକୁ ମହମ୍ମଦ ନୱାଜ(୨୮) ଓ ଶଦାବ ଖାନ୍‌ଙ୍କ ୫୨ ରନ ବଳରେ ପାକିସ୍ତାନ ୧୮୫ ରନ୍ ସଂଗ୍ରହ କରିଥିଲା। ୨୨ ବଲ ଖେଳିଥିବା ଶଦାବ ୩ ଚୌକା ଓ ୪ ଛକା ମାରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନର୍ଜେ ୪ ଉଇକେଟ ନେଇଥିବା ବେଳେ ଅନ୍ୟ ସବୁ ବୋଲର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକାର ଆରମ୍ଭ ମଧ୍ୟ ଖରାପ ରହିଥିଲା। ୧୬ ରନରେ ଦୁଇ ଉଇକେଟର ପତନ ଘଟିବା ପରେ ବାଭୁମା(୩୬) ଓ ଏଡେନ୍ ମାରକ୍ରାମ(୨୦) ପାୱାର ପ୍ଲେରେ ସଂଗ୍ରହ କରିଥିଲେ ୪୮ ରନ୍। ହରିଶ ରୌଫ ବୋଲିଂ କରିଥିବା ସପ୍ତମ ଓଭରରେ ୧୪ ରନ୍ ସଂଗୃହୀତ ହୋଇଥିବା ବେଳେ ପରବର୍ତ୍ତୀ ଓଭରରେ ହିଁ ମ୍ୟାଚର ମୋଡ ପରିବର୍ତ୍ତନ କରି ଦେଇଥିଲେ ଶଦାବ ଖାନ୍। ଦୁଇ ସେଟ୍ ବ୍ୟାଟରଙ୍କୁ ପ୍ୟାଭିଲିୟନ୍ ପଠାଇବା ସହିତ ସେ ପାକିସ୍ତାନ ହାତକୁ ମ୍ୟାଚ ନେଇ ଆସିଥିଲେ। ୯ମ ଓଭରରେ ବର୍ଷା ବେଳକୁ ଦକ୍ଷିଣ ଆଫ୍ରିକା ୬୯ ରନରେ ୪ ଉଇକେଟ ହରାଇଥିଲା। ଡକ୍ୱର୍ଥ ଲୁଇସ ମେଥଡ ଅନୁସାରେ ପାକିସ୍ତାନ ୧୬ ରନ୍ ଆଗୁଆ ଥିଲା। ତେବେ ବର୍ଷା ଛାଡିବା ପରେ ୧୪ ଓଭରରେ ୧୪୨ ରନର ସଂଶୋଧିତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପାକିସ୍ତାନ ପକ୍ଷରୁ ଶାହିନ୍ ଆଫ୍ରିଦି ୩ ଓ ଶଦାବ ଦୁଇ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଶଦାବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୮୫/୯ (ଶଦାବ ଖାନ୍-୫୨, ଇଫତିଖାର ଅହମ୍ମଦ-୫୧, ମହମ୍ମଦ ହାରିସ୍-୨୮, ଆନରିଚ୍ ନର୍ଜେ- ୪/୪୧, ୱେନ୍ ପାର୍ନେଲ- ୧/୩୧, ଲୁନ୍‌ଗି ଏନ୍‌ଗିଡି- ୧/୩୨)। ଦକ୍ଷିଣ ଆଫ୍ରିକା: ୧୪ ଓଭରରେ ୧୦୮/୯(ଡି/ଏଲ୍) (ଟେମ୍ବା ବାଭୁମା-୩୬, ଏଡେନ୍ ମାରକ୍ରାମ-୨୦, ଟ୍ରିଷ୍ଟାନ ଷ୍ଟବ୍ସ- ୧୮, ଶାହିନ୍ ଆଫ୍ରିଦି-୩/୧୪, ଶଦାବ ଖାନ୍- ୨/୧୬, ମହମ୍ମଦ ୱାସିମ୍ ଜୁନିୟର-୧/୧୩)।


ଅଫିସିଆଲ୍‌ଙ୍କ ସହ ପଦକ ବିଜେତା ଓଡ଼ିଶା ଉସୁ ଦଳ।

# ଓଡ଼ିଶା ଉସୁ ଦଳକୁ ୧ ରୌପ୍ୟ, ୪ ବ୍ରୋଞ୍ଜ

**ଭୁବନେଶ୍ୱର, ୩।୧୧ (କ୍ରୀଡ଼ା ପ୍ରତିନିଧି)**

ଶ୍ରୀନଗରର ଶେର-ଇ-କଶ୍ମୀର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୩୧ତମ ଜାତୀୟ ସିନିୟର ଉସୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ଉସୁ ଦଳ ଗୋଟିଏ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତିଯୋଗିତା ଅକ୍ଟୋବର ୨୮ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହୋଇଥିଲା। ଏହାର ପୁରୁଷ- ଜିଙ୍ଗୟିକ୍ୱାନ ତାଓଲୁ ଇଭେଣ୍ଟରେ ଓଡ଼ିଶାର ଦିବ୍ୟମୋହନ ପ୍ରଧାନ ରୌପ୍ୟ ପଦକ ପାଇଛନ୍ତି। ପଲ୍ଲବୀ ସାମଲ ତାଓଲୁର ମହିଳା ଚାଙ୍ଗକ୍ୱାନ ଓ ଦାଓଶୁ ବିଭାଗରେ ୨ଟି ବ୍ରୋଞ୍ଜ ପଦକ ପାଇଥିବାବେଳେ ତାଓଲୁର ମହିଳା କ୍ୱାଙ୍ଗଶୁରେ ତମନ୍ନା ମିଶ୍ର ଓ ମହିଳା ୪୫ କେଜି ସାଣ୍ଡାରେ ମଞ୍ଜୁ ମୁଣ୍ଡା ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଦଳଗତ ସାଣ୍ଡା ଇଭେଣ୍ଟରେ ଏସ୍ଏସ୍‌ସିବି (ସର୍ଭିସେସ), ଜମ୍ମୁ-କଶ୍ମୀର ଓ ଅଲ୍ ଇଣ୍ଡିଆ ପୋଲିସ ପ୍ରଥମ ୩ ସ୍ଥାନ ଅକ୍ତିଆର କରିଥିଲେ। ସେହିପରି ତାଓଲୁରେ ଏସ୍ଏସ୍‌ସିବି (ସର୍ଭିସେସ), ମଣିପୁର ଓ ଅରୁଣାଚଳ ପ୍ରଦେଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିଲେ। ଏସ୍ଏସ୍‌ସିବି ଓଭରଅଲ୍ ଦଳଗତ ଚାମ୍ପିୟନ ହୋଇଥିଲା। ଓଡ଼ିଶାରୁ ୨୪ ଖେଳାଳି ଓ ୭ ଅଫିସିଆଲଙ୍କୁ ମିଶାଇ ମୋଟ ୩୧ ସଦସ୍ୟ ଉକ୍ତ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ସୁଧାଂଶୁ ଶେଖର ହରିଚନ୍ଦନ ମୁଖ୍ୟ ଜୁରୀ, ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଏବଂ ଅନୁରାଧା ଦୋରା ଜଜ୍‌ଭାବେ ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ମହନ୍ତ ଓ ସୁଜନ ରଥ କୋଚ୍ ଏବଂ ନଟବର ସେଠୀ ଦଳର ମ୍ୟାନେଜର ଥିଲେ। ଉସୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ୍.ଏସ୍. ହରିଚନ୍ଦନ, ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ଦଳ ଆସନ୍ତା ୬ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

## ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା (ସୁପର-୧୨)

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ | ରନହାର |
|---|---|---|---|---|---|---|
| ଗ୍ରୁପ୍ 'ଏ' | | | | | | |
| ନ୍ୟୁଜିଲାଣ୍ଡ | ୪ | ୨ | ୧ | ୧ | ୫ | +୨.୨୩୩ |
| ଇଂଲଣ୍ଡ | ୪ | ୨ | ୧ | ୧ | ୫ | +୦.୫୪୭ |
| ଅଷ୍ଟ୍ରେଲିଆ | ୪ | ୨ | ୧ | ୧ | ୫ | -୦.୩୦୪ |
| ଶ୍ରୀଲଙ୍କା | ୪ | ୨ | ୨ | ୦ | ୪ | -୦.୪୫୭ |
| ଆୟର୍ଲାଣ୍ଡ | ୪ | ୧ | ୨ | ୧ | ୩ | -୧.୫୪୪ |
| ଆଫଗାନିସ୍ତାନ | ୪ | ୦ | ୨ | ୨ | ୨ | -୦.୭୧୮ |
| ଗ୍ରୁପ୍ 'ବି' | | | | | | |
| ଭାରତ | ୪ | ୩ | ୧ | ୦ | ୬ | +୦.୭୩୦ |
| ଦ. ଆଫ୍ରିକା | ୪ | ୨ | ୧ | ୧ | ୫ | +୧.୪୪୧ |
| ପାକିସ୍ତାନ | ୪ | ୨ | ୨ | ୦ | ୪ | +୧.୧୧୭ |
| ବାଂଲାଦେଶ | ୪ | ୨ | ୨ | ୦ | ୪ | -୧.୨୭୬ |
| ଜିମ୍ବାୱେ | ୪ | ୧ | ୨ | ୧ | ୩ | -୦.୩୧୩ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୦ | ୨ | -୧.୨୩୩ |

# କୋହଲିଙ୍କ ବିରୋଧରେ ଫେକ୍ ଫିଲ୍ଡିଂ ଅଭିଯୋଗ

**ଆଡିଲେଡ୍,୩।୧୧(ପି.ଟି.) :** ଟି୨୦ ବିଶ୍ୱକପରେ ଭାରତ ବିପକ୍ଷ ସୁପର ୧୨ ମ୍ୟାଚ ହାରିବା ପରେ ବିରାଟ କୋହଲିଙ୍କ ବିରୋଧରେ ଫେକ୍ ଫିଲ୍ଡିଂ ଅଭିଯୋଗ ଆଣିଛି ବାଂଲାଦେଶ। ଅଧିନାୟକ ଶାକିବ ଅଲ୍ ହସନ୍ ପରାଜୟକୁ ସ୍ୱୀକାର କରିଥିବା ବେଳେ କୋହଲି ଓ ଅନ୍‌ଫିଲ୍ଡ ଅମ୍ପାୟାରଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଥିଲେ ସାଥୀ ଖେଳାଳି ନୁରୁଲ ହସନ। ମ୍ୟାଚ ପର ସାକ୍ଷାତକାର ବେଳେ ନୁରୁଲ ଏପରି କହିଥିଲେ। ନୁରୁଲ କହିଥିଲେ, ବାଂଲାଦେଶକୁ ୫ ଅତିରିକ୍ତ ମିଳିବା କଥା ଯାହା ମିଳିନଥିଲା। ଏପରି କହିବା ସହିତ ଦୁଇ ଅନଫିଲ୍ଡ ଅମ୍ପାୟାର କ୍ରିସ୍ ବ୍ରାଉନ୍ ଓ ମାରିଆସ୍ ଏରସ୍ମସଙ୍କୁ ଦୋଷାରୋପ କରିଥିଲେ ନୁରୁଲ। ଏହି ଘଟଣାଟି ମ୍ୟାଚର ସପ୍ତମ ଓଭରରେ ଘଟିଥିଲା। ଏକ ରିଲେ ଥ୍ରୋ କରୁଥବାର ଆକ୍ସନକୁ ଦୋହରାଇଥିଲେ କୋହଲି। ତେବେ କ୍ରିଜରେ ଥିବା ଲିଟନ୍ ଦାସ ଓ ନଜମୋଲ ହୋସେନ୍ ଶାନ୍ତୋ ଦୌଡିବା ସମୟରେ କୋହଲିଙ୍କୁ ଦେଖିନଥିବା ପରବର୍ତ୍ତୀ ସମୟରେ ଭିଡିଓ ଦେଖିବା ପରେ ଜଣାପଡିଥିଲା। ଆଇସିସିର ଧାରା ୪୧.୫ ଅନୁସାରେ ଏପରି କରିବା ଦଣ୍ଡନୀୟ। ମାତ୍ର କ୍ରିଜରେ ଥିବା ଦୁଇ ବ୍ୟାଟର କୋହଲିଙ୍କ ଆଡକୁ ଦେଖିନଥିବାରୁ ନୁରୁଲଙ୍କ ଅଭିଯୋଗ ଭିତ୍ତିହୀନ। ଅପର ପକ୍ଷରେ ମ୍ୟାଚ୍ ଅଫିସିଆଲଙ୍କୁ ଅସମ୍ମାନ କରିବା ଅଭିଯୋଗରେ ନୁରୁଲଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି।

# ଡବଲ୍ସ ସେମିଫାଇନାଲରେ ପ୍ରମୋଦ

## ଟୋକିଓ ପାରା ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୩।୧୧ (କ୍ରୀଡ଼ା ପ୍ରତିନିଧି)**

ଜାପାନର ଟୋକିଓରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ୍ ବିଶ୍ୱ ଚାମ୍ପିୟନଶିପ୍‌ର ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଦକ୍ଷିଣ କୋରିଆର ଜୁ ଡୋଙ୍ଗଜି ଓ ଶିନ୍ କ୍ୟୁଙ୍ଗ୍ ହ୍ୱାନଙ୍କୁ ୨୧-୧୭, ୧୬-୨୧, ୨୧-୧୦ରେ ପରାସ୍ତ କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ ଜିତି ନକ୍‌ଆଉଟରେ ପ୍ରବେଶ କରିଥିବା ପ୍ରମୋଦ-ମନୋଜ କ୍ୱାର୍ଟର ଫାଇନାଲରେ ବାଇ ପାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ପୂର୍ବରୁ ସେ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଛନ୍ତି।

# ପେନାଲ୍ଟି ରୂପାନ୍ତର ଉପରେ ହରମନ୍‌ପ୍ରୀତଙ୍କ ଗୁରୁତ୍ୱ

## ପ୍ରୋ ହକି ଲିଗ୍

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱରରେ ଚାଲିଥିବା ପ୍ରୋ ହକି ଲିଗ୍‌ରେ ଶୁକ୍ରବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ ଖେଳାଯିବ। ମ୍ୟାଚ ପୂର୍ବରୁ ଗୁରୁବାର ଖବରଦାତା ସମ୍ମିଳନୀରେ ପେନାଲ୍ଟି କର୍ନର ରୂପାନ୍ତରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି କୋଚ୍ ଗ୍ରାହାମ୍ ରିଡ୍ ଓ ହରମନ୍‌ପ୍ରୀତ ସିଂ। ଅନ୍ତିମ ମିନିଟରେ ଗୋଲ ବରଣ କରିବା ସହିତ ଭାରତ ପେନାଲ୍ଟିକର୍ନରଗୁଡିକୁ ରୂପାନ୍ତର କରିବାରେ ସଫଳ ହେଉନାହିଁ। ଭାରତୀୟ ଦଳ ନିରନ୍ତର ଭାବେ ଏହା ଉପରେ କାମ କରିଆସୁଛି ବୋଲି କହିଥିଲେ ହରମନ୍‌ପ୍ରୀତ। ସ୍ପେନ ବିପକ୍ଷରେ ସୁଯୋଗ ମିଳିଥିଲେ ହେଁ ଭାରତ ଏହାର ଫାଇଦା ଉଠାଇ ପାରି ନ ଥିଲା ବୋଲି ଉଭୟ କୋଚ୍ ଓ ଅଧିନାୟକ ସ୍ୱୀକାର କରିଥିଲେ। ସେହିପରି ମହମ୍ମଦ ରାହିଲ ଓ କର୍ଣ୍ଣଙ୍କ ପରି ଯୁବ ଖେଳାଳି ପ୍ରଥମ ଥର ଭାରତୀୟ ଦଳକୁ ଆସିଥିବା ବେଳେ ଏମାନେ ଭବିଷ୍ୟତରେ ଭଲ ପ୍ରଦର୍ଶନ କରିବାକୁ ଯାଉଛନ୍ତି। ୩ ମାସର ବ୍ୟବଧାନରେ ହକି ବିଶ୍ୱକପ ରହିଥିବା ବେଳେ ଭାରତ ଅଭ୍ୟାସ କରିବା ପାଇଁ ଏହା ଏକ ସୁନ୍ଦର ଅବସର ବୋଲି କୋଚ୍ ଗ୍ରାହାମ ରିଡ୍ କହିଥିଲେ। ସ୍ପେନ୍‌ଠାରୁ ଅନ୍ତିମ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ଭାରତ ଏହି ମ୍ୟାଚରେ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବ ବୋଲି ରିଡ୍ କହିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ନିଜର ଅନ୍ତିମ ମ୍ୟାଚ୍ ଜିତିଥିବା ବେଳେ ଏହା ଭାରତୀୟ ଦଳକୁ ଆତ୍ମବିଶ୍ୱାସ ପ୍ରଦାନ କରିବ ବୋଲି ମଧ୍ୟ ସେ ମତ ଦେଇଥିଲେ। ଭାରତ ଓ ନ୍ୟୁଜିଲାଣ୍ଡ ୪୨ ଥର ସାମ୍ନାସାମ୍ନି ହୋଇଥିବା ବେଳେ ଭାରତ ୨୨ଟିରେ ବିଜୟୀ ହୋଇଛି ଓ ୫ଟି ମ୍ୟାଚ ଡ୍ର'ରେ ଶେଷ ହୋଇଛି।

# ମୁମ୍ବାଇଠାରୁ ୧-୦ରେ ହାରିଲା ଓଡ଼ିଶା

## ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ


ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଢେଙ୍କାନାଳ ଅଫିସ, ୩।୧୧**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଗୁରୁବାରଠାରୁ ଆରମ୍ଭ ହୋଇଛି ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ କେଂକ୍ରେ ମୁମ୍ବାଇ ଏଫ୍‌ସି ୧-୦ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଘରୋଇ ଦଳ ଏକାଧିକ ସୁଯୋଗ ହାତଛଡ଼ା କରିଥିଲା, ଯାହା ପରାଜୟର ପ୍ରମୁଖ କାରଣ ପାଲଟିଥିଲା।

ଓଡ଼ିଶା ଦଳ କଳାଧଳା ଏବଂ ମୁମ୍ବାଇ ସବୁଜ ଜର୍ସିରେ ପଡ଼ିଆକୁ ଓହ୍ଲାଇଥିଲା। ପ୍ରଥମ ଏବଂ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଏହି ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ମ୍ୟାଚ୍‌ର ୪୩ତମ ମିନିଟ୍‌ରେ ମୁମ୍ବାଇ ଦଳର ୨୭ନଂ. ଜର୍ସିରେ ଖେଳୁଥିବା ଜୟ ପି. ଓଡ଼ିଶାର ରକ୍ଷଣ ଭାଗକୁ ଭେଦ କରି ଚମତ୍କାର ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ସହ ୨୦ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ରେଫରି ନିପେନ ହାଲଦାର, ସହଯୋଗୀ ରେଫରି ସୋମନାଥ ବାନାର୍ଜୀ, ରୋହିତ ମେଟାଇ, ତୁମୁଲି ଜୟସିଂ, ମ୍ୟାଚ କମିଶନର ଜେ.ପି. ସିଂ, ସୌମେନ୍ଦ୍ର ବୋଷ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଜିଲାର ବହୁ କ୍ରୀଡ଼ାପ୍ରେମୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ରହି ଓଡ଼ିଶା ଦଳର ଉତ୍ସାହ ବଢ଼ାଇଥିଲେ। ଟୁର୍ନାମେଣ୍ଟର ଅନ୍ୟ କ୍ୱାର୍ଟର ଫାଇନାଲ ଏବଂ ୨ ସେମିଫାଇନାଲ ମ୍ୟାଚ ଅନୁଗୋଳ କଦମ ପଡ଼ିଆରେ ଅନୁଷ୍ଠିତ ହେବ। ସେହିପରି ୮ ତାରିଖରେ ତାଳଚେର ସାଉଥ୍ ବଲଣ୍ଡା ବ୍ଲାକ ଡାଇମଣ୍ଡ ଷ୍ଟାଡିୟମ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ 'ଆମେ ଓଡ଼ିଆ' ସଙ୍ଗଠନର ସମ୍ପାଦକ ସଂଗ୍ରାମ ରାଉତ ସୂଚନା ଦେଇଛନ୍ତି।

ଏଥିପୂର୍ବରୁ ପୂର୍ବାହ୍ନ ୧୧ଟା ୫ରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ସଭାପତି କଲ୍ୟାଣ ଚୋବେ, ଜିଲାପାଳ ସରୋଜ କୁମାର ସେଠୀ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ଓ ଅଭିନେତା ସବ୍ୟସାଚୀ ପ୍ରମୁଖ ମନୋରଞ୍ଜନ କରାଇଥିଲେ। ଏହି ଜାତୀୟ ଟୁର୍ନାମେଣ୍ଟ ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ବୈଷୟିକ ସହାୟତା ଯୋଗାଇ ଦେଉଛି। ସେହିପରି ଜିଲା କ୍ରୀଡ଼ା ସଂସଦ ଏବଂ 'ଆମେ ଓଡ଼ିଆ' ସଙ୍ଗଠନ ପକ୍ଷରୁ ସହଯୋଗ କରାଯାଉଛି।





ମୋର ନାମ ପ୍ରିୟମ୍ବଦା ଶର୍ମା, ଜିଲ୍ଲା ମେରଠ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ସିଲେଇ ସେଣ୍ଟର ଚଳାଏ । ସାରାଦିନର କାମ କାରଣରୁ ମୁଁ ସବୁବେଳେ କ୍ଳାନ୍ତ ରହୁଥିଲି । ଘରର ଦୈନନ୍ଦିନ କାମ ବି କରିପାରୁ ନ ଥିଲି । ଦିନକୁ ଦିନ ମୋର ସମସ୍ୟା ବଢ଼ିଚାଲିଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସ ବିଷୟରେ ଜାଣିବାକୁ ପାଇଲି । ମାତ୍ର ଅଳ୍ପକିଛି ଦିନ 'ସଚ୍ଚୀ ସହେଲୀ' ନିୟମିତ ସେବନ କରିବା ଦ୍ୱାରା ଆଜି ମୋତେ ଆଉ କ୍ଳାନ୍ତି ଅନୁଭୂତ ହେଉନାହିଁ । ଏବଂ ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଛି । 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ପ୍ରକୃତରେ ଆମର ସଚ୍ଚୀ ସହେଲୀ ଅଟେ ।

ମୋର ନାମ ମୋନିକା ତଂବର, ବୟସ 22 ବର୍ଷ, ମଧ୍ୟପ୍ରଦେଶର ବାସିନ୍ଦା । ବିଗତ ଅନେକ ସମୟ ଧରି ମୁଁ କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି । ଚିଡ଼ିଚିଡ଼ାପଣ ମଧ୍ୟ ବହୁତ ବଢ଼ିଯାଇଥିଲା । 67 ଆୟୁର୍ବେଦିକ ଜଡ଼ିବୁଟିରେ ପ୍ରସ୍ତୁତ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍‌ର ନିୟମିତ ସେବନ ଦ୍ୱାରା ମୋତେ ଶରୀରର ଅନେକ ସମସ୍ୟା ଯେପରିକି କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଏବଂ ଚିଡ଼ିଚିଡ଼ାପଣକୁ ଦୂର କରିବାରେ ବହୁତ ଲାଭ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ଆପଣ ମଧ୍ୟ 'ସଚ୍ଚୀ ସହେଲୀ' ଟନିକ୍ ବ୍ୟବହାର କରନ୍ତୁ ଓ ନିଜେ ପାର୍ଥକ୍ୟ ଦେଖନ୍ତୁ ।

ମୋର ନାମ ମେହରାଜ ବାନୋ, 30 ବର୍ଷ, ଜିଲ୍ଲା ଗୁନା (ମଧ୍ୟପ୍ରଦେଶ)ର ବାସିନ୍ଦା । ଗୃହିଣୀ ହେବା କାରଣରୁ ଘରର ସବୁ କାମର ଦାୟିତ୍ୱ ମୋ ଉପରେ । ଏହି କାରଣରୁ ମୁଁ କ୍ଳାନ୍ତି, ଦୁର୍ବଳତା, ରକ୍ତହୀନତା, ମୁଣ୍ଡବୁଲା ଭଳି ସମସ୍ୟାରେ ବ୍ୟଥିତ ଥିଲି । ଦିନେ ମୁଁ ଖବରକାଗଜରେ 'ସଚ୍ଚୀ ସହେଲୀ'ର ବିଜ୍ଞାପନ ଦେଖିଲି । ମାତ୍ର 5 ମାସ ଦୈନିକ ପ୍ରୟୋଗ ଦ୍ୱାରା ମୋ ଶରୀରର ସବୁ ସମସ୍ୟା, ଯେପରିକି କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, ମୁଣ୍ଡ ବୁଲା ଆଦି ସମସ୍ୟାରୁ ଅନେକ ମାତ୍ରାରେ ଆରାମ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଟେ । 'ସଚ୍ଚୀ ସହେଲୀ' ବାସ୍ତବରେ ଅତ୍ୟନ୍ତ ଲାଭଦାୟକ ଅଟେ ।

ମୁଁ ରୁକ୍‌ସାନା, ବୟସ 24 ବର୍ଷ, ଜିଲ୍ଲା- ହାପୁର (ୟୁ.ପି.)ର ବାସିନ୍ଦା । ମୁଁ କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା, କ୍ଳାନ୍ତି ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଯେଉଁ କାରଣରୁ ମୁଁ ଦୁର୍ବଳତା ଅନୁଭବ କରୁଥିଲି। 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ନିୟମିତ ବ୍ୟବହାର ଦ୍ୱାରା ମୋତେ ସବୁ ଶାରୀରିକ ସମସ୍ୟା, ଯେପରିକି କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା ଆଦିରୁ ବହୁମାତ୍ରାରେ ଉପଶମ ମିଳିଛି । 67 ଜଡ଼ି-ବୁଟିରେ ତିଆରି ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଆପଣ ମଧ୍ୟ ବ୍ୟବହାର କରନ୍ତୁ ଏବଂ ଏହା ଉପରେ ଭରସା କରନ୍ତୁ ।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୩ୟ ଦିନରେ ବ୍ୟାସନଗର ମହାବିଦ୍ୟାଳୟରେ ଗଣସତ୍ୟାଗ୍ରହ

**ଯାଜପୁର ରୋଡ,୩।୧୧(ଡି.ଏନ.ଏ.):** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବ୍ୟାପକ ଅର୍ଥ ହଡ଼ପ ଓ ପରିଚାଳନା କମିଟି ଦ୍ୱାରା ଜଣେ କନିଷ୍ଠ ଅଧାପକଙ୍କୁ ଅଧକ୍ଷ ଦାୟିତ୍ୱ ଦେବା ପ୍ରତିବାଦରେ ପୁରାତନ ଛାତ୍ର ପରିଷଦ(ଆଲୁମ୍ନି)ପକ୍ଷରୁ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ଗଣସତ୍ୟାଗ୍ରହ ଜାରି ରହିଛି। ଗୁରୁବାର ଏହା ୩ୟ ଦିନର ପହଞ୍ଚିଥିଲେ ମଧ ପରିଚାଳନା କମିଟି କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଏହି ଘଟଣା ଉପରେ ହସ୍ତକ୍ଷେପ ନ କରିବା ଯୋଗୁ ବୁଦ୍ଧିଜୀବୀ ମହଲରେ ଏହା ଆଲୋଚନାର ବିଷୟରେ ହୋଇଛି। ଅନ୍ୟପକ୍ଷରେ ଏଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ସତ୍ୟାଗ୍ରହସ୍ଥଳକୁ ବହୁ ଛାତ୍ରୀଛାତ୍ର ଆସି ସମର୍ଥନ ଜଣାଇ ଥିଲେ। ଅନ୍ୟମାନଙ୍କ ମଧରେ ଚନ୍ଦ୍ରମଣି ସାମଲ, ଆଲୋକ ମହାନ୍ତି, ରାଜେଶ ରାଉତ, ଅଭିମନ୍ୟୁ ମିଶ୍ର, ମନୋଜ ଦାସ, ଜୟକୃଷ୍ଣ ଦାସ, ଟୁଲ ଯେନା, ସୁଶାନ୍ତ ଭୂୟାଁ, ଗଣେଶ ମାଝି, ବିଦ୍ୟାଧର ଯେନା, ବିଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ମେଧାବୀ ଛାତ୍ରୀଙ୍କୁ ସାଇକେଲ ପ୍ରଦାନ



**ବାଲିଚନ୍ଦ୍ରପୁର,୩।୧୧(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ଅନ୍ତର୍ଗତ କଳାଶ୍ରୀ ଗୋପାଳପୁର ପଞ୍ଚାୟତ ଦଳେଇ ସାହିର ମେଧାବୀ ଛାତ୍ରୀ ମାମୁନି ଦଳେଇଙ୍କୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ସାଇକେଲ ପ୍ରଦାନ କରାଯାଇଛି। ଗ୍ରାମର ପ୍ରତାପ ଦଳେଇଙ୍କ ଝିଅ ମାମୁନି ମାଟ୍ରିକ୍ ପରୀକ୍ଷାରେ ୯୨ ପ୍ରତିଶତ ନମ୍ବର ରଖି ବାହାଦୁରନଗର ଗୋପୀନାଥ ବିଦ୍ୟାମନ୍ଦିରରୁ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ବାଲିଚନ୍ଦ୍ରପୁରସ୍ଥିତ ସାହସପୁର ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ବିଭାଗରେ ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଅଛନ୍ତି। ତାଙ୍କ ଘରଠାରୁ ମହାବିଦ୍ୟାଳୟଟି ୪ କି.ମି. ଦୂର ହୋଇଥିବା ବେଳେ ସେ ଦୈନିକ କଲେଜକୁ ଚାଲି ଚାଲି ଯାଆନ୍ତି। ଏହାକୁ ଦେଖି ସ୍ଥାନୀୟ ମହାବାହୁ ଗ୍ରୁପର ପ୍ରତିଷ୍ଠାତା ଶିବପ୍ରସାଦ ସାମଲ ଭୁବନେଶ୍ୱର ପପୁ ଭାଇ ଫ୍ୟାନ୍‌କ୍ଲବର ସୌଭାଗ୍ୟ ରଞ୍ଜନ ମଲ୍ଲିକ ଓରଫ ପପୁ ଭାଇଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପପୁ ଭାଇ ଫ୍ୟାନ୍‌କ୍ଲବ ପକ୍ଷରୁ ସମ୍ପୃକ୍ତ ମେଧାବୀ ଛାତ୍ରୀ ମାମୁନିଙ୍କୁ ଏକ ସାଇକେଲ ଯୋଗାଇ ଦିଆଯାଇଛି। ମହାବାହୁ ଗ୍ରୁପ ସହାୟତାରେ ସାଇକେଲଟିକୁ ଗୋପୀନାଥ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଦିଲୀପ କୁମାର ଦାସ ଓ ଯୁବ ସାମାଜିକ କର୍ମୀ ଇଂ. ଯଶୋଦୀପ୍ତ ସାମଲଙ୍କ ସମେତ ମହାବାହୁ ଗ୍ରୁପର କର୍ମକର୍ତ୍ତା ତାଙ୍କ ଘରକୁ ଯାଇ ସାଇକେଲ ପ୍ରଦାନ କରିଛନ୍ତି। ସାଇକେଲଟି ପାଇବା ପରେ ମାମୁନୀ ଖୁସିବ୍ୟକ୍ତ କରିବା ସହ ପପୁ ଭାଇ ଫ୍ୟାନ୍‌କ୍ଲବକୁ କୃତଜ୍ଞତା ଜଣାଇଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚ ବୈଠକ, କର୍ମକର୍ତ୍ତା ନିର୍ବାଚନ

**ଚଣ୍ଡିଖୋଲ,୩।୧୧(ଡି.ଏନ.ଏ.):** ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଗୁରୁବାର ବଡ଼ଚଣାସ୍ଥିତ ମହାବିନାୟକ ବିଦ୍ୟାୟନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ମଳ ଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକମାନେ କି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକର ଉଦ୍ଦେଶ୍ୟ ଓ ମୂଳଲକ୍ଷ୍ୟ ସମ୍ପର୍କରେ ଅବସରପ୍ରାପ୍ତ ଅଧକ୍ଷ ବସନ୍ତ କୁମାର ନାୟକ ଓ ଶିକ୍ଷାବିତ ଅଜିତ କୁମାର ମିଶ୍ର ସୂଚନା ପ୍ରଦାନ କରିଥିଲେ। ପରେ ଉପସ୍ଥିତ ସଭ୍ୟଙ୍କୁ ନେଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ବସନ୍ତ କୁମାର ନାୟକ, ଉପସଭାପତି ଭାବେ ଅଜୟ କୁମାର ଲେଙ୍କା ଓ ନରେନ୍ଦ୍ର କୁମାର ପ୍ରତାପ ମନୋନୀତ ହୋଇଥିଲେ। ଅଜିତ କୁମାର ମିଶ୍ର ସାଧାରଣ ସମ୍ପାଦକ, ପରମାନନ୍ଦ ସ୍ୱାଇଁ ସମ୍ପାଦକ, ତରଙ୍ଗ ମହାପାତ୍ର ସହଯୋଗୀ ସମ୍ପାଦକ, ଜଗନ୍ନାଥ ପ୍ରଧାନ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। ୧୩ ଜଣଙ୍କୁ ନେଇ କାର୍ଯ୍ୟକାରୀ କମିଟି ଓ ୧୦ ଜଣଙ୍କୁ ଉପଦେଷ୍ଟାମଣ୍ଡଳୀ ସଦସ୍ୟ ଭାବେ ଚୟନ କରାଯାଇଥିଲା। ମାୟାଧର ଖଣ୍ଡାଇ ଧନ୍ୟବାଦ ଦେଇଥିଲେ।

# ଜାତୀୟ ପଞ୍ଚାୟତ ପୁରସ୍କାର ସମ୍ପର୍କିତ କର୍ମଶାଳା

**ରସୁଲପୁର,୩।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଜାତୀୟ ପଞ୍ଚାୟତ ପୁରସ୍କାର(ଏନ୍‌ପିଏ) ଓ ଲୋକଙ୍କ ଯୋଜନା ପ୍ରଚାର(ପିପିସି) ସମ୍ପର୍କିତ ଏକ କର୍ମଶାଳା ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇଆରଡି ଓ ପଞ୍ଚାୟତିରାଜ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଏକ ଭିଡିଓ କନଫରେନ୍ସ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। କର୍ମଶାଳାରେ ଉପସ୍ଥିତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନଙ୍କୁ ଭିଡିଓ କନଫରେନ୍ସ ସମ୍ପର୍କରେ ଅବଗତ କରାଯାଇଥିଲା। ଜାତୀୟ ପଞ୍ଚାୟତ ପୁରସ୍କାର ପାଇଁ ୯ଟି ପାରାମିଟର ଉପରେ ତଥ୍ୟ ପ୍ରଦାନ ପାଇଁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ରୁ ଆରମ୍ଭ ହୋଇ ଡିସେମ୍ବର ୩୧ରେ ଶେଷ ହେବ। ଏହି ଅବଧି ମଧରେ ପଞ୍ଚାୟତର ମହିଳା, ଶିଶୁ ମାନଙ୍କର ବିକାଶ, ସ୍ୱଚ୍ଛଭାରତ ମିଶନ କାର୍ଯ୍ୟକ୍ରମ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ, ପାନୀୟ ଜଳର ସୁ-ବ୍ୟବସ୍ଥା, ଆଲୋକୀକରଣ ଓ ଗମନାଗମନ ସୁବିଧା ଭଳି ବିଭିନ୍ନ ବିଷୟ ଉପରେ ଧ୍ୟାନ ଦିଆଯାଇ ଡାଟା ଅପଲୋଡ କରାଯିବ।



କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ ଓ ଜନ ପ୍ରତିନିଧି।

ଅପଲୋଡ କରାଯାଇଥିବା ତଥ୍ୟକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ପଞ୍ଚାୟତକୁ ପୁରସ୍କାର ପ୍ରଦାନ କରାଯିବ। ଏହି କ୍ରମରେ ବ୍ଲକ ଓ ଜିଲାକୁ ମଧ ପୁରସ୍କୃତ କରାଯିବାର ଲକ୍ଷ୍ୟ ରଖାଯାଇ ଏ ଦିଗରେ ତଥ୍ୟ ସଂଗ୍ରହ କରାଯାଉଛି। ଏହାବାଦ୍ ପିପିସି ଜରିଆରେ ବ୍ଲକ, ପଞ୍ଚାୟତ, ଗ୍ରାମର ଉନ୍ନୟନ ଯୋଜନା ପ୍ରସ୍ତୁତ କରାଯାଇ ତାର ଠିକ୍ ଓ ସଫଳ ରୂପାୟନ କରିବା ଉପରେ ଗୁରୁତ୍ୱ ଦିଆଯିବ। ନିର୍ଦ୍ଧାରିତ ସମୟସୀମା ମଧରେ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ଶେଷକରି ସେ ସମ୍ପର୍କିତ ତଥ୍ୟ ଓ ଫଟୋକୁ ଅପଲୋଡ କରାଯାଇ ସରକାରଙ୍କୁ ଅବଗତ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ତଥ୍ୟ ଆଧାରରେ ପଞ୍ଚାୟତର ସଫଳତା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିବ। ଯାହାକୁ ଆଧାରକରି ପଞ୍ଚାୟତର ଉନ୍ନୟନ ଓ ସଫଳତାକୁ ଆକଳନ କରାଯାଇପାରିବ। ଏ ଦିଗରେ ଏକ ଭିଡିଓ ଜାରି କରାଯାଇଛି। ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚଙ୍କୁ ଏ ନେଇ ଅବଗତ କରାଯାଇଛି। ପ୍ରଦତ୍ତ ଭିଡିଓରେ ଉପଲବ୍ଧ ତଥ୍ୟ ଆଧାରରେ ପଞ୍ଚାୟତ ଉନ୍ନୟନ ସମ୍ପର୍କରେ ଫଟୋ ଅପଲୋଡ କରାଯିବା ଉପରେ ଗୁରୁତ୍ୱ ଦେବାକୁ ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କ ପକ୍ଷରୁ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖଙ୍କୁ ପରାମର୍ଶ ଦିଆଯାଇଛି।

# ତହସିଲ ଅଫିସ ଆଗରେ ଧାରଣା ଦେବାକୁ ମିଳିଲାନି ଅନୁମତି

**ଧର୍ମଶାଳା,୩।୧୧(ଡି.ଏନ.ଏ.)**

ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଗୁରୁବାର ତହସିଲ ଅଫିସ ସମ୍ମୁଖରେ ଧାରଣା ଦେବା ପାଇଁ କରିଥିବା ଆବେଦନକୁ ପ୍ରଶାସନ ତରଫରୁ ଅନୁମତି ଦିଆଯାଇ ନାହିଁ। ଫଳରେ ତାଙ୍କ ଧାରଣା ବାତିଲ କରାଯାଇଛି। ବେହୁରିଆ ବହୁ ଘଟଣା ଉପରେ ଆର୍‌ଟିଆଇ ମାଧମରେ ବିଭିନ୍ନ କାର୍ଯ୍ୟାଳୟରୁ ତଥ୍ୟ ମାଗିଥାନ୍ତି। ତେବେ ଗତ ୩ ମାସ ହେଲା ସେ ଏକ ଘଟଣା ଉପରେ ଧର୍ମଶାଳା ତହସିଲରେ ଏକ ସୂଚନା ମାଗିଥିବା ବେଳେ ତହସିଲ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା। ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ନାରାଶ ହୋଇଥିଲେ। ତେଣୁ ଯଦି ତାଙ୍କୁ କିଛି ତଥ୍ୟ ନ ମିଳେ ତେବେ ସେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ତହସିଲଦାରଙ୍କୁ ୧୫ ଦିନ ପୂର୍ବରୁ ଲିଖିତ ଭାବେ ଅବଗତ କରିଥିଲେ। ଏହି ଧାରଣା ଦେବା ପାଇଁ ସରକାରଙ୍କ ସମସ୍ତ ନୀତି ନିୟମକୁ ମାନି ସେ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ପ୍ରଶାସନ ତାଙ୍କୁ ଅନୁମତି ପ୍ରଦାନ କରିନାହିଁ। ଫଳରେ ବେହୁରିଆ ମ୍ରିୟମାଣ ହୋଇପଡ଼ିଛନ୍ତି। ଧର୍ମଶାଳା ପୋଲିସ ଆଇନ ଶୃଙ୍ଖଳା ବିଗିଡିବାର ଆଳ ଦେଖାଇ ଅନୁମତି ପ୍ରଦାନ ନ କରିବାକୁ ନେଇ ସେ ଯାଜପୁର ଉପଜିଲାପାଳଙ୍କୁ ଚିଠି ଲେଖିଥିଲେ। ହେଲେ ଉପଜିଲାପାଳ ଅନୁମତି ପ୍ରଦାନ କରି ନ ଥିଲେ। ଫଳରେ ବେହୁରିଆ ନିଜର ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ସେ ଧର୍ମଶାଳା ଥାନା ଅଧିକାରୀଙ୍କୁ ଦାୟୀ କରିବା ସହ ଏନେଇ ତାଙ୍କ ସମର୍ଥକଙ୍କ ସହ ସେ ଯାଜପୁର ଏସ୍‌ପିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି।

# ଗିରିଗୋବର୍ଦ୍ଧନ ପୂଜା ପାଳିତ

**ସିଂହପୁର,୩।୧୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସାସନ୍ଦା ପଞ୍ଚାୟତ ତାରାନ୍ତରା ଗ୍ରାମର ସର୍ବପୁରାତନ ପୂଜା କମିଟି ଗିରିଗୋବର୍ଦ୍ଧନ ପୂଜା କମିଟି ଦ୍ୱାରା ଆୟୋଜିତ ଗିରି ଗୋବର୍ଦ୍ଧନ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି ପୂଜା ପାଇଁ ଗ୍ରାମ ଉତ୍ସବ ମୁଖରିତ ହେବା ସହିତ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିଦିନ ଭାଗବତ ଚର୍ଚ୍ଚା, ଭଜନ କୀର୍ତ୍ତନ ସାଙ୍ଗକୁ ନାମ ଯଜ୍ଞ, ଅଷ୍ଟପ୍ରହରୀ ଅନୁଷ୍ଠିତ ହେଉଥିଲା। ଉଦ୍‌ଯାପନୀ ଦିବସରେ ସରପଞ୍ଚ କାମଦେବ ଧଳ ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ।



ସାସନ୍ଦା ପଞ୍ଚାୟତ ତାରାନ୍ତରା ଗ୍ରାମରେ ପୂଜା ପାଉଥିବା ଗିରିଗୋବର୍ଦ୍ଧନ।

# ଆଜି ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ

**ଧର୍ମଶାଳା,୩।୧୧(ଡି.ଏନ.ଏ.)**

**ପହଞ୍ଚିଲେ ପୋଲିଂ ପାର୍ଟି**

ଧର୍ମଶାଳା ବ୍ଲକ୍ ଅଧୀନ ଚକ୍ରଧରପୁର ପଞ୍ଚାୟତ ସମିତିସଭ୍ୟ ନିମନ୍ତେ ଶୁକ୍ରବାର ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ୧୨ଟା ସୁଦ୍ଧା ସମସ୍ତ ବୁଥରେ ପୋଲିଂ ପାର୍ଟି ପହଞ୍ଚି ଯାଇଥିବା ନିର୍ବାଚନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଧଳ ସୂଚନା ଦେଇଛନ୍ତି। ଚକ୍ରଧରପୁର ସମିତିସଭ୍ୟ ପଦ ପାଇଁ ସୌମ୍ୟରଞ୍ଜନ ସାହୁ, ଗୋପବନ୍ଧୁ ସିଂ, ବିଭୂତି ଭୂଷଣ ଜେନାମଣି ଓ କିଷାନ ପୂର୍ତ୍ତିଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଠାରେ ୧୩୦୫ ପୁରୁଷ ଓ ୧୨୪୪ଜଣ ମହିଳା ଭୋଟରଙ୍କୁ ମିଶାଇ ମୋଟ ୨୫୫୯ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏହି ପଞ୍ଚାୟତରେ ସମସ୍ତ ୧୧ ବୁଥକୁ ଉତ୍ତେଜନା ପ୍ରବଣ ଭାବେ ପରିଗଣିତ କରାଯାଇଛି। ସକାଳ ୭ରୁ ମତଦାନ ଆରମ୍ଭ ହୋଇ ଦିନ ୧ଟାରେ ଶେଷ ହେବ। ଏଥିନିମନ୍ତେ ୪୮ଜଣ ପୋଲିଂ କର୍ମଚରୀ ନିୟୋଜିତ ହୋଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୨ଟି ପାଟ୍ରୋଲିଂ ଟିମ୍ ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ପ୍ରତ୍ୟେକ ବୁଥରେ ୩ଜଣ ପୋଲିଂ ଅଫିସର ଓ ଜଣେ ପୋଲିସ କର୍ମଚାରୀ ମୁତୟନ ହେବେ। ଭୋଟ ଗ୍ରହଣ ପରେ ବାକ୍ସ ସିଲ କରାଯାଇ ବ୍ଲକ କାର୍ଯ୍ୟାଳୟକୁ ଅଣାଯିବ। ୫ ତାରିଖ ସକାଳ ୮ଟାରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁରପୁର ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ଚକ୍ରଧରପୁର ପଞ୍ଚାୟତର ସମିତିସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦଟି ଖାଲିପଡ଼ିଛି।

# ରାଷ୍ଟ୍ରୀୟ ଯୁବ ସଂଗଠନ ପକ୍ଷରୁ ହେବ ପଦଯାତ୍ରା

**ରସୁଲପୁର,୩।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଦୁର୍ଗାଦେବୀ ମନ୍ଦିର ପରିସରରେ ରାଷ୍ଟ୍ରୀୟ ଯୁବ ସଂଗଠନ ପକ୍ଷରୁ ଜନସଚେତନତା ପଦଯାତ୍ରା ଅନୁଷ୍ଠିତ ହେବ। ପଦଯାତ୍ରୀମାନେ ଗାଁରୁ ଗାଁ ବୁଲି ଲୋକଙ୍କୁ ସେମାନଙ୍କ ମୌଳିକ ସମସ୍ୟା ସମ୍ପର୍କରେ ବୁଝାଇବେ। ଏନେଇ ସଂଗଠନ ପକ୍ଷରୁ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ଦେବବ୍ରତ ରାଉତ ଅଧକ୍ଷତା କରିଥିଲେ। ଉକ୍ତ ବୈଠକରେ ଗାନ୍ଧିବାଦୀ ନେତା ମିହିର କୁମାର ଦାସ, ରାଷ୍ଟ୍ରୀୟ ଯୁବ ସଂଗଠନର ମାନସ ପଟ୍ଟନାୟକ, ଜିଲା ସଂଯୋଜକ ଦୀପ୍ତିମୟ ନାୟକ, ସ୍ୱେଚ୍ଛାସେବୀ ସିଦ୍ଧାର୍ଥ ମହାନ୍ତି, ମାନସ କୁମାର ରାଉତ ଓ ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବାରବାଟୀ, ସିଂହାପୁର, କଲଣ, ଅଣ୍ଡିଆ, କମାଗଡ଼, ଜେନାପୁର ଓ ବୃନ୍ଦାଦେଇପୁର ପଞ୍ଚାୟତର ୨୦ଟି ଗ୍ରାମକୁ ଯାଇ ୧୦୦୦ରୁ ଊର୍ଦ୍ଧ୍ୱ ପରିବାରକୁ ଭେଟିବେ ସଂଗଠନର କାର୍ଯ୍ୟକର୍ତ୍ତା। ଜନସାଧାରଣଙ୍କ ମୌଳିକ ସମସ୍ୟା ବିପଦ ମୁହାଁ ହୋଇପଡ଼ିଛି। ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଏହି ସମସ୍ୟାକୁ ନେଇ ଲୋକଙ୍କର କ'ଣ ଭୂମିକା ରହିବା ଉଚିତ ସେ ଦିଗରେ ଅବଗତ କରାଯିବ ବୋଲି ସୂଚନା ମିଳିଛି।

# ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ ସ୍ଥଗିତ

**ଯାଜପୁରରୋଡ,୩।୧୧(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ଖଣି ଉପତ୍ୟକାରେ ପରିବହନ କ୍ଷେତ୍ରରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଯାଜପୁର ରୋଡ,ପାଣିକୋଇଲି, ଧର୍ମଶାଳା,ଚଣ୍ଡିଖୋଲ ଅଞ୍ଚଳର ଟ୍ରକ ମାଲିକମାନେ ପରିବହନ ବ୍ୟବସ୍ଥାରୁ ବଞ୍ଚିତ ହେଉଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାଯ୍ୟକାରୀ କରିବାରେ ଖଣି ଅଞ୍ଚଳ ସଂଲଗ୍ନ ୪ ପଞ୍ଚାୟତର ଟ୍ରକ ମାଲିକମାନେ ଜିଲାର ଅନ୍ୟ ଟ୍ରକକୁ ଖଣିରୁ ମାଲ ପରିବହନରେ ପାତରଅନ୍ତର କରୁଛନ୍ତି। ଏହି ସମସ୍ୟା ଦୀର୍ଘଦିନ ଧରି ସୁକିନ୍ଦା ଖଣି ଅଞ୍ଚଳରେ ଲାଗି ରହିଛି।

ହାଇକୋର୍ଟଙ୍କ ନିୟମ ଅନୁଯାୟୀ, ଫାଷ୍ଟ କମ୍ ଫାଷ୍ଟ ଲୋଡ ଭିତ୍ତିରେ ଟ୍ରକଗୁଡିକ ପରିବହନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ଖଣି ଅଞ୍ଚଳର ମୁଷ୍ଟିମେୟ ଲୋକ ଏହି ନିୟମକୁ ନ ମାନି ପରିବହନ କ୍ଷେତ୍ରରେ ମନମାନି କରୁଥିବାରୁ ଜିଲାର ଅନ୍ୟ ଟ୍ରକ ମାଲିକମାନେ ଆର୍ଥିକ ସଙ୍କଟରେ ଗତି କରୁଛନ୍ତି। ଏପରି କି ବ୍ୟାଙ୍କ ଋଣ ପରିଶୋଧ କରିପାରୁ ନାହାନ୍ତି। ପରିବହନ ଭଡ଼ା ନ ପାଇ ଆର୍ଥିକ ଅନଟନ ମଧ୍ୟରେ ଗତି କରୁଛନ୍ତି। ଜିଲା ପ୍ରଶାସନ ଖଣି ବିଭାଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତରେ ଜଣାଇଛନ୍ତି। ଖଣି ବିଭାଗର ଯାଜପୁର ରୋଡ ଉପ ନିର୍ଦ୍ଦେଶକ ଏଥିରେ ବାଧା ସୃଷ୍ଟି କରୁଛନ୍ତି। ଖଣି ଅଞ୍ଚଳର ମୁଷ୍ଟିମେୟ ଟ୍ରକ ମାଲିକମାନଙ୍କୁ ହାତ କରି ପାତରଅନ୍ତର କରୁଛନ୍ତି ବୋଲି ଧର୍ମଶାଳା, ଯାଜପୁର ରୋଡ, ପାଣିକୋଇଲି ଟ୍ରକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ଫାଷ୍ଟ କମ୍ ଫାଷ୍ଟ ଲୋଡ଼ ହାଇକୋର୍ଟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଓ ଖଣି ଅଞ୍ଚଳରେ ମନ୍‌ମାନି କାର୍ଯ୍ୟକୁ ବନ୍ଦ କରିବା ଦାବି କରି ଯାଜପୁର ରୋଡ଼ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରକ ମାଲିକମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନ ୨ଦିନରେ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଯାଜପୁର ରୋଡ଼ ଥାନା ଅଧିକାରୀ ଉପେନ୍ଦ୍ର କୁମାର କୁମାର ପ୍ରଧାନ ହସ୍ତକ୍ଷେପ କରିବା ପରେ ଉତ୍ତେଜନା କିଛିମାତ୍ରାରେ ଥମିଥିଲା। ଉପଜିଲାପାଳ ଆନ୍ଦୋଳନସ୍ଥଳକୁ ଆସି ୭ ଦିନ ମଧରେ ଏହି ବିବାଦର ଆଶୁ ସମାଧାନ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ୭ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଦାବି ପୂରଣ ନ ହେଲେ ଯାଜପୁର ଜିଲାର ଟ୍ରକ ମାଲିକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି, ଏଥିରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଉପଜିଲାପାଳ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି।

# ୨ ଗାଡ଼ି ଜବତ: ଡ୍ରାଇଭର, ମାଲିକ ଗିରଫ

**ଧର୍ମଶାଳା,୩।୧୧(ଡି.ଏନ.ଏ.)**

ଜେନାପୁର ଥାନା ଅନ୍ତର୍ଗତ ବାରମାଣଠାରେ ବେଆଇନ ଭାବେ ଚିପସ୍ ପରିବହନ କରୁଥିବା ୨ଟି ଗାଡ଼ିକୁ ପୋଲିସ ଜବତ କରିବା ସହ ଗାଡ଼ି ମାଲିକ ଓ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଗାଡ଼ି ମାଲିକ ହେଲେ ଭେଜିଗୋଠ ଗ୍ରାମର ସୁଧାଂଶୁ ପ୍ରଧାନ(୨୬), ଟ୍ରକ ଡ୍ରାଇଭର ଏହି ଗ୍ରାମର କୁମାର ରାଉତ(୩୦) ଓ ସୁକିନ୍ଦା ଥାନା ବରଜପୁର ଗ୍ରାମର ଟିପ୍ପର ଡ୍ରାଇଭର ଅଶୋକ ମଲିକ(୨୯)। ଜେନାପୁର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସ୍ଥାନୀୟ କ୍ରଶରରୁ ଚିପସ୍ ବୋଝେଇ କରି ଯାଉଥିବା ଟ୍ରକ୍ ନଂ. ଓଡି-୦୯-ସି-୧୮୮୩ ଏବଂ ଓଡି-୦୪-ଏମ-୮୧୮୫ ନଂ. ଟିପ୍ପର ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ମାତ୍ର ଉଭୟ ଗାଡ଼ି ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଗାଡି ୨ଟି ଜବତ କରିବା ସହ ଡ୍ରାଇଭର ଓ ଗାଡ଼ିମାଲିକଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୩୦୭/୨୨ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଡ୍ରାଇଭର ଓ ମାଲିକଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବିରଜା ଭୂମି ପତ୍ରିକାର ଶାରଦୀୟ ସଂଖ୍ୟା ଉନ୍ମୋଚିତ



ଅତିଥି ପତ୍ରିକା ଉନ୍ମୋଚନ କରୁଛନ୍ତି।

**ଚଣ୍ଡିଖୋଲ,୩।୧୧(ଡି.ଏନ.ଏ.)**

ପାକ୍ଷିକ ସାହିତ୍ୟ ଓ ସମ୍ବାଦ ଭିତ୍ତିକ ପତ୍ରିକା ବିରଜା ଭୂମିର ଶାରଦୀୟ ବିଶେଷାଙ୍କ ଛତିଆ ନିକଟସ୍ଥ ସୋଲର ଉଦାସ ଆଶ୍ରମ ପରିସରରେ ବୁଧବାର ଉନ୍ମୋଚନ ହୋଇଯାଇଛି। ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିବା ସହ ଆଶୀର୍ବଚନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପୁସ୍ତକକାର ମିହିର ପ୍ରତାପ ଦାସ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ବାଣୀ ଓ ଲେଖାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ନିର୍ମଳଚନ୍ଦ୍ର ସାମଲ ଓ କାର୍ଯ୍ୟ ନିର୍ବାହୀ ସମ୍ପାଦକ ସୁରେଶ ବିଶ୍ୱାଳ ବିରଜା ଭୂମି ପତ୍ରିକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଆଲୋଚନା କରିଥିଲେ। ଏହାର ୟୁଟ୍ୟୁବ୍ ଚ୍ୟାନେଲର କାର୍ଯ୍ୟକାରିତା ନେଇ ମଧ ସମ୍ପାଦକ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ନିରୁପମା ଜେନା ଓ ସରସ୍ୱତୀ ମଲ୍ଲିକ ପ୍ରମୁଖ ଯୋଗଦେଇ ବିରଜା ଭୂମି ଏକ୍ସପ୍ରେସକୁ ଆଗେଇ ନେବା ପାଇଁ ପାଠକଙ୍କ ସହଯୋଗ କାମନା କରିଥିଲେ। ନିରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

# ତୃତୀୟ ପର୍ଯ୍ୟାୟ ୫-ଟି ସ୍କୁଲକୁ ନେଇ ସମୀକ୍ଷା

**ରସୁଲପୁର,୩।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତ ଯଥା ; ମଙ୍ଗରାଜପୁରର ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲ, ବ୍ରହ୍ମବରଦା ସରକାରୀ ବାଳିକା ନୋଡାଲ ହାଇସ୍କୁଲ, ବଡ଼କଇଞ୍ଚର ପଞ୍ଚାୟତ ହାଇସ୍କୁଲ, ଗନ୍ଧଣର ଦ୍ୱୀପାଞ୍ଚଳ ହାଇସ୍କୁଲ ଓ ସାମନ୍ତରାପୁରର ମା' ଖଗେଶ୍ୱରୀ ବିଦ୍ୟାୟନ ପ୍ରମୁଖ ବିଦ୍ୟାଳୟକୁ ବ୍ଲକର ତୃତୀୟ ପର୍ଯ୍ୟାୟ ୫-ଟି ରୂପାନ୍ତରୀକରଣ ପାଇଁ ମନୋନୀତ କରାଯାଇଛି। ଏନେଇ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ବ୍ଲକ ପ୍ରଶାସନର ଉପସ୍ଥିତିରେ ବିଦ୍ୟାଳୟଗୁଡିକର ସ୍ଥିତି ସମୀକ୍ଷା କରାଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଜଣେ ଲେଖାଏ ଛାତ୍ରଙ୍କୁ ଏହି ସମୀକ୍ଷା ବୈଠକରେ ସାମିଲ କରାଯାଇଥିଲା। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଆଭାସି ଜରିଆରେ ସମୀକ୍ଷା କରାଇବା ସହ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ଯଥା-୨ଟି ସ୍ମାର୍ଟ କ୍ଲାସ୍, ଲାବରେଟୋରି, ଇ-ଲାଇବ୍ରେରି, ସ୍ମାର୍ଟ ଟଏଲେଟ୍(ଶୌଚାଳୟ), ଖେଳର ଭିତ୍ତିଭୂମି ବିକାଶ ଦିଗରେ ପ୍ରାଧାନ୍ୟ ଦେଇଥିଲେ। ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କ ନେତୃତ୍ୱରେ ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଜନପ୍ରତିନିଧିଙ୍କୁ ନେଇ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରାଯାଇଥିଲା। ଉକ୍ତ ବିଦ୍ୟାଳୟ ଢାଞ୍ଚାରେ ତୃତୀୟ ପର୍ଯ୍ୟାୟରେ ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରୀକରଣ କରିବା ଉପରେ ଗୁରୁତ୍ୱ ଦିଆଯିବା ପାଇଁ ଆଲୋଚନା କରାଯାଇଥିଲା। ସେହି ଅନୁଯାୟୀ ଭିତ୍ତିଭୂମି ସଜାଡିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଯାଇଛି। ଏଦିଗରେ ବ୍ଲକର ବୈଷୟିକ ଟିମ୍‌ର ସହାୟତା ପ୍ରଦାନ ପାଇଁ କୁହାଯାଇଛି। ରୂପାନ୍ତରୀକରଣ ପାଇଁ ଚୟନ କରାଯାଇଥିବା ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବିଦ୍ୟାଳୟ ରୂପାନ୍ତରୀକରଣ ପାଇଁ ଖଣିଜ ନ୍ୟାସ ପାଣ୍ଠିରୁ ୬୦ଲକ୍ଷ ବ୍ୟୟବରାଦ କରାଯାଉଛି। ଏହାଛଡ଼ା ଏମ୍‌ଜିଏନ୍‌ଆରଇଜିଏସ୍, ୫ଦଶ ଓ ୫ମ ଅର୍ଥ କମିଶନ ଅନୁଦାନ, ବିଧାୟକ ଓ ଏମ୍‌ପିଙ୍କ ପାଣ୍ଠିକୁ ରୂପାନ୍ତରୀକରଣ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଏପରି କି ରୂପାନ୍ତରୀକରଣ ପାଇଁ ଗୋଟିଏ ବିଦ୍ୟାଳୟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବା ସମ୍ଭାନା ରହିଛି ବୋଲି ବିଡିଓ ସାହୁ ସୂଚନା ଦେଇଛନ୍ତି। ସେହି ଆଧାରରେ ପ୍ରତ୍ୟେକ ପଞ୍ଚାୟତ ସେମାନଙ୍କ ବିଦ୍ୟାଳୟକୁ ଯୋଜନା ଖସଡ଼ା ପ୍ରସ୍ତୁତ କରିବାକୁ କୁହାଯାଇଛି। ଉକ୍ତ ସମୀକ୍ଷା ବୈଠକରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।




ସମୀକ୍ଷା ବୈଠକରେ ବିଡିଓ, ପ୍ରଧାନଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର ୪ ନଭେମ୍ବର, ୨୦୨୨



# ଉପାଧ୍ୟକ୍ଷାଙ୍କ ପଞ୍ଚାୟତରେ ପିଇବା ପାଣି ସମସ୍ୟା

## ବିକଳ୍ପ ବ୍ୟବସ୍ଥା ନାହିଁ କହିଲେ ଯନ୍ତ୍ରୀ

ଭଞ୍ଜନଗର,୩।୧୧(ଡି.ଏନ୍.ଏ.)

ବେଲଗୁଣ୍ଠା ପଞ୍ଚାୟତ ସମିତି ବୈଠକ ଗୁରୁବାର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ରୋଶନ କୁମାର ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସୋରଡ଼ା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ବେଲଗୁଣ୍ଠା ସହକାରୀ ତହସିଲଦାର ଧରଣୀଧର ବେହେରା, ଏବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରମୁଖ ଆଲୋଚନାରେ ଭାଗନେଇ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ କହିଥିଲେ । ଉପାଧ୍ୟକ୍ଷା ପ୍ରଧାନ ନିଜ ପଞ୍ଚାୟତ ଆମ୍ବପୁଆର ବଜ୍ରଗଡ଼ ଓ ପଥରା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା କହିଥିଲେ। ଏଥିପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ସେ ଅନୁରୋଧ କରିଥିଲେ। କିନ୍ତୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ବର୍ତ୍ତମାନ ପାନୀୟ ସମସ୍ୟାକୁ ସୁଧାରିବା ପାଇଁ କୌଣସି ବିକଳ୍ପ ବାଟ ନାହିଁ ବୋଲି କହିଥିଲେ । ୨୦୨୪ ସୁଦ୍ଧା ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଣି ସମସ୍ୟା ରହିବନି । ପାନୀୟ ଜଳ ସମସ୍ୟା ସୁଧାରିବା ପାଇଁ କିଛି ଲୋକ ପ୍ରତିନିଧି ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ବ୍ଲକରେ ହରିଶ୍ଚନ୍ଦ୍ର ଯୋଜନା ଦିଗହରା ହୋଇଛି। ଗୋବରା ପଞ୍ଚାୟତର ୪୭ ପରିବାରକୁ ୭ମାସ ହେବ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ମିଳିନାହିଁ ବୋଲି ସମିତିସଭ୍ୟ ବିଭୂପାଦ ଜେନା ଅଭିଯୋଗ କରିଥିଲେ । ବିଡ଼ିଓ ଆଲୋଚନାରେ ଭାଗନେଇ ବିକଳ୍ପ ବ୍ୟବସ୍ଥା କରି ଲୋକଙ୍କୁ ତୁରନ୍ତ ସହାୟତା ଦେବାପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମିଶନ ଶକ୍ତି ବିଭାଗରେ କର୍ମଚାରୀ ଅଭାବ ଯୋଗୁ ଯୋଜନାକୁ ସଫଳ ରୂପାୟନ କରିବାରେ ବାଧା ଦେଖାଦେଇଛି । ବିଭିନ୍ନ କାରଣ ଯୋଗୁ ବ୍ଲକର ଅଧାରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇପାରୁନାହିଁ । ତେଣୁ ଅନ୍ୟ ବ୍ଲକ ଅପେକ୍ଷା ବେଲଗୁଣ୍ଠା ବ୍ଲକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ପଛୁଆ ପଡ଼ିଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମଧ୍ୟ ମନ୍ଥର ଗତିରେ ଚାଲିଛି। ଏବେବି ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ରାସନ କାର୍ଡ଼ ଅନେକ ଲୋକଙ୍କୁ ମିଳିନାହିଁ । ଏଭଳି ଅନେକ ସମସ୍ୟା ଲୋକ ପ୍ରତିନିଧିମାନେ ଉଠାଇଥିଲେ। ବୈଠକକୁ ବାହାର ଲୋକ ଅବାଧରେ ଆସି ବସିଥିବାରୁ ଜଣେ ବରିଷ୍ଠ ଅଧିକାରୀ ସେମାନଙ୍କୁ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନାରେ କ୍ଷତ୍ରିୟବରପୁର ସମିତିସଭ୍ୟ କୁଞ୍ଜ ବିହାରୀ ନାୟକ, ବଡ଼ପଡ଼ା ସରପଚଂ ପିତବାସ ସାହୁ, ଜିଲା ପରିଷଦ ସଭ୍ୟ ସୁଧୀର ଜେନା, ବିଦ୍ୟାଧର ବିଷୋୟୀ ପ୍ରମୁଖ ଭାଗ ନେଇଥିଲେ । ବୈଠକ ପରେ ବ୍ଲକ ଅଧ୍ୟକ୍ଷ କହିଛନ୍ତି, ବ୍ଲକକୁ ରାଜ୍ୟରେ ଏକ ଅଗ୍ରଣୀ ବ୍ଲକ ଭାବେ ଗଢ଼ି ତୋଳିବା ପାଇଁ ପ୍ରୟାସ ଚାଲିଛି । ବ୍ଲକରେ ସ୍ୱଚ୍ଛ ଶାସନ ଚାଲିଛି ।



ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଉଦ୍‌ବୋଧନ ଦେଉଛନ୍ତି ।

## ସଂକ୍ଷେପରେ

### ବଜାର ଉପରେ ଅଳିଆଗଦା, ମହୁଲ ପୋଚ



ଦାରିଙ୍ଗବାଡି,୩।୧୧(ଡି.ଏନ.ଏ)-ଦାରିଙ୍ଗବାଡି ବ୍ଲକ ସିମନବାଡି ବଜାର ଉପରେ ଦିନକୁ ଦିନ ଅଳିଆ ଆବର୍ଜନା ବୃଦ୍ଧି ପାଉଛି। ରାଶନ ଦୋକାନ, ଜଳଖିଆ, ଚା ଓ ବିଭିନ୍ନ ପ୍ରକାର ଦୋକାନରୁ ବାହାରୁଥିବା ପଲିଥିନ, ଅଇଁଠା ଖଲିପତ୍ର ଆଦି ବଜାର ନିକଟରେ ଥିବା ଜନଜାତି ହାଟ ପାଖରେ ପଡୁଛି। ସେହିପରି ବଜାର ନିକଟରେ ଚୋରା ମଦକାରବାର ଚଳାଇଥିବା ମଦ ବ୍ୟବସାୟୀ ମାନେ ମହୁଲ ପୋଚ ଓ ଅନ୍ୟାନ୍ୟ ସାମଗ୍ରୀ ପକାଉଛନ୍ତି। ଏହାଫଳରେ ଅଞ୍ଚଳରେ ପୁତି ଗନ୍ଧରେ ନାକ ଫାଟିପଡୁଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ସେହିପରି ସିମନବାଡି ଠାରୁ ରାଇକିଆ ରାସ୍ତାର ସାହୁ ନଗରର ତଳିଆ ଅଞ୍ଚଳରୁ ଆରମ୍ଭ କରି ପୋଖରୀ ପର୍ଯ୍ୟନ୍ତ କୁଢ଼ କୁଢ଼ ଅଳିଆ ଓ ପଲିଥିନ ପଡି ଧାନ ଚାଷ ପ୍ରଭାବିତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

### ମଧ୍ୟାହ୍ନଭୋଜନରେ ନିମ୍ନମାନର ଖାଦ୍ୟ

ଆର.ଉଦୟଗିରି,୩।୧୧(ଡି.ଏନ.ଏ.): ମଧ୍ୟାହ୍ନ ଭୋଜନରେ ନିମ୍ନମାନର ଖାଦ୍ୟ ଦିଆଯିବାରୁ ପିଲା ତଳେ ଫୋପାଡୁଛନ୍ତି। ଏମିତି ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଧାଡ଼ିଆମ୍ବ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ। ଶନିବାର ପିଲାଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ଭାତ, ଡାଲମା, ଅଣ୍ଡା ରହିଥିଲା। ହେଲେ ପିଲାଙ୍କୁ ଦିଆଯାଇଥିବା ଡାଲମାରେ ଅମୃତଭଣ୍ଡା ଶିଝି ନ ଥିବାରୁ ଫୋପାଡି ଦେଇଥିଲେ। ପିଲାଙ୍କୁ ପଚାରିବାରୁ ଅମୃତଭଣ୍ଡା ଶିଝିନି, ପାଟିକୁ ପିତା ଲାଗୁଛି, ତେଣୁ ନ ଖାଇ ଫିଙ୍ଗିଥିଲେ। ଏହି ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି, ରୋଷେଇ ବିଳମ୍ବରୁ ଅମୃତ ଭଣ୍ଡା ଶିଝି ନ ଥିବା କହିଛନ୍ତି ।

### ବିପୁଳ ପରିମାଣର ଗୁଟ୍‌ଖା ଜବତ, ୨ କୋର୍ଟଚାଲାଣ

ଗୋପାଳପୁର,୩।୧୧(ଡି.ଏନ.ଏ.)-ବ୍ରହ୍ମପୁର ଗୋଳନ୍ଥରା ଥାନା ପୋଲିସ ବୁଧବାର ମଧରାତ୍ରିରେ ସୋରଳ ଗ୍ରାମସ୍ଥିତ ଓଡିଆରପି କଲୋନୀରେ ଚାଲିଥିବା ଏକ ନକଲି ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳର ଶ୍ରୀକାନ୍ତ ଦାଶ(୨୯) ଓ ସୋରଳ ଗ୍ରାମ ସନ୍ତୋଷ ମହାରଣା (୩୫)। ଉକ୍ତ ନକଲି ଗୁଟ୍‌ଖା କାରଖାନାରୁ ୨୭ ପ୍ୟାକେଟ୍ ଗୋକୁଳ, ଡିଲକ୍ସ ମିକ୍ସ ଓ ଗୁଟ୍‌ଖା, ୩୦୦ କେଜି କଞ୍ଚାମାଲ, ଏସେନ୍ସ ୫୦୦ ଏମ୍‌ଏଲ, ଗୋଟିଏ ଓଜନ ମେଶିନ ଜବତ କରାଯାଇଛି।

ସୂଚନାନୁସାରେ, ଗୋଳନ୍ଥରା ଥାନା ଅନ୍ତର୍ଗତ ସୁରଳ ଗ୍ରାମ ଓଡିଆରପି କଲୋନୀରେ ଗତ ୩ମାସ ହେଲା ଉକ୍ତ କାରଖାନା ଚାଲୁ ରହିଥିଲା। ବୁଧବାର ରାତିରେ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଅତର୍କିତ ସେଠାରେ ଚଢ଼ାଉ କରିଥିଲେ। ସେଠାରୁ ବ୍ରହ୍ମପୁର ଅଞ୍ଚଳର ଶ୍ରୀକାନ୍ତ ଓ ସୁରଳ ଗ୍ରାମର ସନ୍ତୋଷଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ଏନେଇ ନଂ ୪୦୩/୨୨ରେ ମାମଲା ରୁଜୁ କରି ଶ୍ରୀକାନ୍ତ ଓ ସନ୍ତୋଷଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି ।

# ସଲପଡଇଲାରେ ହାତୀ ଆତଙ୍କ

ଭଞ୍ଜନଗର,୩।୧୧(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ତାରସିଂ, ଜଗନ୍ନାଥପ୍ରସାଦ ଓ ଗାଳେରି ରେଞ୍ଜର କେତେକ ଅଞ୍ଚଳରେ ପ୍ରାୟ ଏକ ମାସ ହେବ ହାତୀ ଆତଙ୍କ ଲାଗିରହିଛି। ହାତୀପଲ ସକାଳେ ଓ ସନ୍ଧ୍ୟାରେ ଚାଷୀଙ୍କ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି । କେତକ ସ୍ଥାନରେ ଲୋକଙ୍କ ଘର ଓ ପାଚେରୀ ଭାଙ୍ଗି ଦେଉଛନ୍ତି। ହାତୀ କରିଡ଼ର କ୍ଷତିଗ୍ରସ୍ତ ଯୋଗୁ ହାତୀ ଜଙ୍ଗଲରୁ ବାହାରି ଉପଦ୍ରବ ଚଳାଉଛନ୍ତି। ବୁଧବାର ରାତିରେ ହାତୀପଲ ତାରସିଂ ରେଞ୍ଜର ସଲପଡଇଲାରେ ଧାନ ଫସଲ ନଷ୍ଟ କରିଛନ୍ତି। ଚାଷୀ ଓ ବନ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ତାରସିଂ ଥାନା ପାଚେରୀକୁ ହାତୀପଲ ଭାଙ୍ଗି ସପୁରି ବଗିଚାକୁ ନଷ୍ଟ କରିଦେଇଛନ୍ତି । ଏଭଳି ସ୍ଥିତିରେ ତାରସିଂ ରେଞ୍ଜର ବିଭିନ୍ନ କାରଣ ଦର୍ଶାଇ ଅନ୍ୟତ୍ର ବଦଳି ହୋଇଯିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ତେଣୁ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳରେ ଦକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି ।

# ଜାତୀୟ ଶକ୍ତି ଉତ୍ତୋଳନରେ ହୋମଗାର୍ଡଙ୍କ ସଫଳତା

## ଶୁଭେଚ୍ଛା ଜଣାଇଲେ ଗଞ୍ଜାମ ଏସ୍‌ପି

ଛତ୍ରପୁର,୩।୧୧(ଡି.ଏନ୍.ଏ.)

ମହାରାଷ୍ଟ୍ରରେ ଆୟୋଜିତ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ଶେରଗଡ ବାସିନ୍ଦା ତଥା ହୋମଗାର୍ଡ ଦେବାଶିଷ ମହାନ୍ତି ୭୪ କେଜି ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି । ଦେବାଶିଷଙ୍କ ସହ ଦେଶର ମୋଟ ୧୩ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦେବାଶିଷ ମହାନ୍ତି ମୋଟ ୬୪୫ କେଜି ଭାର ଉଠାଇ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଗୁରୁବାର ସେ ଗଞ୍ଜାମ ଏସପି ବ୍ରିଜେସ କୁମାର ରଏଙ୍କୁ ଭେଟିଥିବା ବେଳେ ଏସପି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସମୟରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି ଏବଂ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଦେବାଶିଷ ସ୍କ୍ୱାଟରେ ୨୪୭.୫ କେଜି, ବେଞ୍ଚ ପ୍ରେସରେ ୧୪୦ କେଜି ଏବଂ ଡେଡ ଲିଫ୍ଟରେ ୨୫୭.୫ କେଜି ଭାର ଉଠାଇଛନ୍ତି । ତାଙ୍କର ଏହି ସଫଳତାକୁ ନେଇ ଜିଲାର ସମସ୍ତ ପୋଲିସ ଓ ହୋମଗାର୍ଡ ଖୁସି ବ୍ୟକ୍ତ କରିବା ସହ ଆଗକୁ ବଢିବା ଲାଗି ଉତ୍ସାହିତ କରିଛନ୍ତି । ଅନ୍ୟପକ୍ଷରେ ପ୍ରଶିକ୍ଷକ ଓଡିଶା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ଏବଂ ପୋଲିସ ବିଭାଗର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତିଙ୍କୁ ଦେବାଷିଶ ସଫଳତାର ଶ୍ରେୟ ଦେଇଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ ପ୍ରୋତ୍ସାହନ କିମ୍ବା ପ୍ରଯୋଜକ ମିଳିଲେ ଆଗାମୀ ଦିନରେ ନୂତନ କିର୍ତ୍ତିମାନ ସ୍ଥାପନ କରିପାରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଆଗାମୀ ଦିନରେ ଏସିଆ ଓ ଅନ୍ତର୍ଜାତୀୟ ସ୍ତରରେ ସେ ଏଭଳି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିବାର ଆଶା ରଖିଛନ୍ତି । ଗତ ସେପ୍ଟେମ୍ବର ୨୫ରେ ଦେବାଶିଷ ଭୁବନେଶ୍ୱର ଉତ୍କଳ କରାଡ଼ି ସ୍କୁଲରେ ଷ୍ଟ୍ରଙ୍ଗ ମ୍ୟାନ ଓଡିଶା – ୨୦୨୨ ମଧ୍ୟ ପାଇଛନ୍ତି।



ଗଞ୍ଜାମ ଏସପିଙ୍କୁ ଭେଟୁଛନ୍ତି ଦେବାଶିଷ ମହାନ୍ତି ।

# ମହିଳାଙ୍କ ଏଟିଏମ୍ କାର୍ଡ ଛଡାଇ ନେଲେ ଦୁର୍ବୃତ୍ତ

ପାରଳାଖେମୁଣ୍ଡି,୩।୧୧(ଡି.ଏନ.ଏ)

କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମରେ ଏଟିଏମ କାଉଣ୍ଟରରୁ ଜଣେ ମହିଳାଙ୍କଠାରୁ କାର୍ଡ ଛଡ଼ାଇ ନେଇ ଜଣେ ଦୁର୍ବୃତ୍ତ ୮ ହଜାର ଟଙ୍କା ଉଠାଇ ନେଥିବା ଅଭିଯୋଗ ହୋଇଛି। ସମୀକ୍ଷା ଗମାଙ୍ଗ ଟଙ୍କା ଉଠାଇବା ପାଇଁ ଏଟିଏମକୁ ଆସିଥିଲେ। ଦୁର୍ବୃତ୍ତ ତାଙ୍କ ପିଛା କରି ଏଟିଏମ କାର୍ଡ ଝାମ୍ପି ନେଇ ଚାଲିଯାଇଥିଲେ। କିଛି ସମୟ ପରେ ଆକାଉଣ୍ଟରୁ ୮ହଜାର ଟଙ୍କା ଉଠାଣ ହୋଇଥିବା ମୋବାଇଲ ଫୋନକୁ ମେସେଜ ଆସିଥିବା ସମୀକ୍ଷା କହିଛନ୍ତି। ଏ ନେଇ କାଶୀନଗର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଓଡ଼ଗାଁ ମଣ୍ଡଳସ୍ତରୀୟ କଳା ଉତ୍ସବ

ଓଡ଼ଗାଁ,୩।୧୧(ସ୍ୱ.ପ୍ର.)

ତୃଣମୂଳସ୍ତରରୁ କଳା ଓ ସଂସ୍କୃତିର ବିକାଶ ନିମନ୍ତେ ମଣ୍ଡଳସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ଗାଁ ରଘୁନାଥ ବିଦ୍ୟାପୀଠରେ ଗୁରୁବାର ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳୀ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ଓଡ଼ଗାଁ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଅଂଶୁମାନ ପାତ୍ର ଓ ସାଇସ୍ମିନ ପ୍ରିୟଦର୍ଶିନୀ ଭୋକାଲ ମ୍ୟୁଜିକ୍, ଅଭିଜିତ ସାହୁ ଓ ସାନୁ ନାହାକ ଟ୍ରାଡିଶନାଲ ଫୋକ୍ ମ୍ୟୁଜିକ୍,ସଂଗ୍ରାମ କେଶରୀ ସ୍ୱାଇଁ ଓ ସମ୍ୟକ ସୌମ୍ୟଜିତ୍ ମିଶ୍ର ଇନ୍‌ଷ୍ଟ୍ରମେଣ୍ଟାଲ ମ୍ୟୁଜିକ୍,ସୁଇଟ ଗୌଡ଼ ଓ ଗୌରାଙ୍ଗ ବାରିକ ଫୋକ୍ ଡ୍ୟାନ୍ସ, ଶାଶ୍ୱତ କୁମାର ବିଶୋଇ ଓ ସୃଷ୍ଟି ତନୟା ଭିଜୁଆଲ ଆର୍ଟ,ଶୁଭ୍ରାଂଶୁ ଶେଖର ଦାଶ ଓ ଶୁଭସ୍ମିତା ସାହୁ ଇଣ୍ଡିଜେନସ ଟଏଜ ଓ ଗେମ୍,ସତ୍ୟ ସ୍ୱାଗତ ଶତପଥୀ ଓ ଶୁଭସ୍ମିତା ଦାଶ ଏକକ ଅଭିନୟରେ ଯଥାକ୍ରମେ ବାଳକ ଓ ବାଳିକା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ରଘୁନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ହିମାଂଶୁ ବିଧାର, ପ୍ରଶାନ୍ତ ଦାଶ, ପ୍ରଶାନ୍ତ ମିଶ୍ର ଓ ବଂଶୀଧର ପ୍ରଧାନ ବିଚାରକ ଭାବେ ଯୋଗଦେଇଥିଲେ । ଶିକ୍ଷକ ଭାବଗ୍ରାହୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ରଘୁନାଥ ବିଦ୍ୟାପୀଠର 'ମୋ ସ୍କୁଲ' ଅଭିଯାନର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଲୁମିନି ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

## ସ୍ୱାସ୍ଥ୍ୟସେବା ଅବହେଳାରୁ ପ୍ରସୂତି-ଶିଶୁକନ୍ୟା ମୃତ ମାମଲା

# ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

■ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ,୩।୧୧:

ସ୍ୱାସ୍ଥ୍ୟସେବାରେ ତ୍ରୁଟି ପାଇଁ ଜଣେ ଆଦିବାସୀ ମୃତ ଶିଶୁକନ୍ୟା ଜନ୍ମଦେବା ଏବଂ ପରେ ନିଜେ ମୃତ୍ୟୁବରଣ କରିବା ମାମଲାରେ ହାଇକୋର୍ଟ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଗଜପତି ଜିଲା ଲାବଣ୍ୟଗଡ଼ା ଗ୍ରାମର ସମ୍ବର ଶବରଙ୍କ ଆବେଦନକୁ ବିଚାର କରି ହାଇକୋର୍ଟରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ସ୍ୱାସ୍ଥ୍ୟସେବା ଅବହେଳାରେ ଜଡ଼ିତ ଥିବା ଡାକ୍ତର ଓ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ, ରାଜ୍ୟ ସରକାରଙ୍କ ପ୍ରଦତ୍ତ କ୍ଷତିପୂରଣ ରାଶିକୁ ୩ ଭାଗ କରି ପରିବାର ସଦସ୍ୟଙ୍କ ନାମରେ ସ୍ଥାୟୀ ଜମା ରଖାଯିବ। ମୃତାଙ୍କ ଶାଶୁ ଓ ଶ୍ୱଶୁରଙ୍କ ନାମରେ ୩.୫ ଲକ୍ଷ ଲେଖାଏ ଓ ସ୍ୱାମୀ ଗଣପତି ଶବରଙ୍କ ନାମରେ ୩ ଲକ୍ଷ ଏକ ବର୍ଷ ପାଇଁ ସ୍ଥାୟୀ ଜମା ରଖାଯିବ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନ ଥିଲେ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଯିବ। ପ୍ରତି ୩ ମାସରେ ସ୍ଥାୟୀ ଜମାର ସୁଧ ସେମାନଙ୍କ ସଞ୍ଚୟ ଖାତାକୁ ଆସିବ। ବର୍ଷକ ପରେ ସେମାନେ ନିଜ ଇଚ୍ଛା ଅନୁସାରେ କ୍ଷତିପୂରଣ ରାଶିକୁ ବ୍ୟବହାର କରିପାରିବେ। ଏଥିସହ ସ୍ୱାସ୍ଥ୍ୟସେବା ପ୍ରଦାନରେ ଅବହେଳା କରିଥିବା ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରାଥମିକ ଭାବେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ସେମାନେ ଉତ୍ତର ଦେବା ପରେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏହି ନିର୍ଦ୍ଦେଶ ଆଗାମୀ ୬ ମାସ ମଧ୍ୟରେ ଶେଷ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ଅପରପକ୍ଷରେ, ସ୍ୱାସ୍ଥ୍ୟସେବାର ଯୋଜନା ଆଦି ବାବଦରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଦରିଦ୍ର ଲୋକଙ୍କ ଚିକିତ୍ସା ନିମନ୍ତେ ଏକାଧିକ ଯୋଜନା ଥିଲେ ବି ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ସମ୍ବର ଶବରଙ୍କ ବୋହୂ ମାର୍ଥା ଶବରଙ୍କ ମୃତ୍ୟୁ ହୋଇଥିଲା। ଏହିଭଳି ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ମାତୃମୃତ୍ୟୁ ବଢ଼ିଚାଲିଛି। ଏହିପରି ଭାବରେ ସୁରକ୍ଷିତ ମାତୃତ୍ୱ ପାଇଁ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିବା ଅଦ୍ୟାବଧି ୨୭ଟି ଭିନ୍ନ ଭିନ୍ନ ମାମଲା କୋର୍ଟରେ ପହଞ୍ଚିଛି। ଓଡ଼ିଶା ମହିଳା କମିଶନଙ୍କୁ ତଦନ୍ତ କରିବା ପାଇଁ କୋର୍ଟ ଏହାର ଦାୟିତ୍ୱ ଗୁରୁବାର ଦେଇଛନ୍ତି। ରାଜ୍ୟରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ବଢ଼ିଚାଲିବା ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରହିଥିବା ତ୍ରୁଟିକୁ ପ୍ରମାଣିତ କରୁଛି। ଏହାଦ୍ୱାରା ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକମାନେ ଅତ୍ୟାବଶ୍ୟକ ସମୟରେ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ନିଜ ଦାୟିତ୍ୱକୁ ଠିକ ଭାବେ ତୁଲାଇନାହାନ୍ତି। ସରକାର ସେମାନଙ୍କୁ ଠିକଣା ମାର୍ଗଦର୍ଶନ ପାଇଁ ଆଶା, ଏଏନ୍‌ଏମ୍ ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଉପଯୁକ୍ତ ତାଲିମ ଓ ସଚେତନ କରାଇବା ପାଇଁ କାର୍ଯ୍ୟକ୍ରମ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ପାରଳାଖେମୁଣ୍ଡି,୩।୧୧(ଡି.ଏନ୍.ଏ.)

ଗଜପତି ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ–୨୦୨୨ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗଦେଇ ସମସ୍ତଙ୍କୁ ସଚେତନ କରାଇଥିଲେ । ସମାଜର ପ୍ରତ୍ୟେକ ବର୍ଗ ଦୁର୍ନୀତିର ମୂଳଉତ୍ପାଟନ ପାଇଁ ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ। ଜିଲାପାଳ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରି ଏବେଠାରୁ ସାଧୁତା, ସ୍ୱଚ୍ଛତା ଓ ସମୟାନୁବର୍ତ୍ତ ହେବାକୁ କହିଥିଲେ। ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ ଗଜପତିର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ଦିଗରେ ସରକାରଙ୍କ ଦ୍ୱାରା କରାଯାଉଥିବା ସମସ୍ତ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବା ଉପରେ ଶପଥପାଠ କରାଇଥିଲେ। ସେହିପରି ଜିଲା ପରିଷଦ ଅଧ୍ୟକ୍ଷ ଗାବାରା ତ୍ରିପତି ରାଓ ସାଧୁତା ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ହିଁ କର୍ମର ମୂଳମନ୍ତ୍ର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ରୋମାଞ୍ଚଳ ଖମାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂ, ବରିଷ୍ଠ ନାଗରିକ ପୂର୍ଣ୍ଣ ମହାପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟରେ ଚିତ୍ରାଙ୍କନ, ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ,ଓଡ଼ିଆ ଓ ଇଂରାଜୀ ବକ୍ତୃତା ଏବଂ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଆଲିଆ ରେଞ୍ଜୀ, ଜୟଦ୍ରଥ ଆଚାର୍ଯ୍ୟ, ଭିଜିଲାନ୍ସ ଇନ୍ସପେକ୍ଟର ବାସୁଦେବ ରାଓ, ପାରଳାଖେମୁଣ୍ଡି ପୌରପରିଷଦ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମିନତୀ ଦେଇ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ରଶ୍ମିରଞ୍ଜନ ସେଠୀ, ତ୍ରିଲୋଚନ ଷଡ଼ଙ୍ଗୀ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ନୃତ୍ୟ, ସଙ୍ଗୀତ ମହୋତ୍ସବ

ପାରଳାଖେମୁଣ୍ଡି,୩।୧୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡିର ନୃତ୍ୟ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଓଡିଶୀ କଳାକେନ୍ଦ୍ର ଦ୍ୱାରା ସ୍ଥାନୀୟ ଟାଉନହଲ ପରିସରରେ ଦ୍ୱିତୀୟ ଅନ୍ତର୍ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ରମଲୀ ଇବ୍ରାହିମ୍‌ଙ୍କ ଅନୁଷ୍ଠାନ ସୂତ୍ର ଫାଉଣ୍ଡେସନର କଳାକାରମାନେ ଓଡିଶୀ, ସମ୍ବଲପୁରୀ ନୃତ୍ୟାଭିନୟ ଓ ପୁରୀର ବଟଗୋପାଳ ତ୍ରିପାଠୀଙ୍କ ସାଥିମାନେ ଓଡିଶୀ ସଙ୍ଗୀତ ପରିବେଷଣ କରିଥିଲେ । ଉଦଘାଟନୀ ସମାରୋହରେ ଅନୁଷ୍ଠାନର ଉପଦେଷ୍ଟା ଆଦର୍ଶ ଦାସ ସଭାପତିତ୍ୱ କରିଥିବା ବେଳେ ପୌରାଧ୍ୟକ୍ଷା ନିର୍ମଳା ସେଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପାରଳାଖେମୁଣ୍ଡି ଉପଜିଲାପାଳ ଆଲୋକ ପ୍ରଧାନ ମୁଖ୍ୟ ଅତିଥି, ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ରଘୁନାଥ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଓ ଅନୁଷ୍ଠାନର ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ପାଦିକା ଡି. ପ୍ରିୟଙ୍କା, ଆବାହକ ଡି.ମୋହନ ରାଓ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟକ କ୍ଷେତ୍ରରେ ମନୋଜ କୁମାର ପଢୀ (ମୁନ୍ନା), କ୍ରୀଡାକ୍ଷେତ୍ରରେ କିଶୋର ଚନ୍ଦ୍ର ରଥ, ସଙ୍ଗୀତ କ୍ଷେତ୍ରରେ ନରସିଂହ ପ୍ରସାଦ ପାଢୀ, ଆଇ.ମନ୍ମଥ ରାଓ, ସାରସ୍ୱତ କ୍ଷେତ୍ରରେ ବିଷ୍ଣୁମୋହନ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟଗୁରୁ ଡ.ଗଜେନ୍ଦ୍ର ପଣ୍ଡାଙ୍କୁ ଗୁରୁପୂଜନ କରାଯାଇଥିଲା । ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟା ଅରୁପାଞ୍ଜଳି ମହାନ୍ତି ସଂଯୋଜନା କରିଥିଲେ ।



କାର୍ଯ୍ୟକ୍ରମର ଏକ ଦୃଶ୍ୟ।

# ବିଭିନ୍ନ ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ

ଫୁଲବାଣୀ ଅଫିସ, ୩।୧୧

ଦୀର୍ଘ ଦିନରୁ ଆଶା କର୍ମୀମାନଙ୍କ ବିଭିନ୍ନ ଦାବି ସରକାର ପୂରଣ କରୁନାହାନ୍ତି। ଏହାକୁ ବିରୋଧ କରି ଗୁରୁବାର ଫୁଲବାଣୀରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାର ତୁରନ୍ତ ଦାବି ପୂରଣ କରନ୍ତୁ ବୋଲି କହିଛନ୍ତି। ମାଦିକୁନ୍ଦା ଛକରୁ ଆଶା କର୍ମୀମାନେ ଏକାଠି ହୋଇ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ପ୍ରତିବାଦ ସଭା କରିଥିଲେ। ପରେ ଜିଲାପାଳଙ୍କ ଜରିଆରେ ଏନ୍‌ଏଚ୍‌ଏମ୍ ମିଶନ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନାର ସଫଳ ରୂପାୟନରେ ଆଶା କର୍ମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହେଲେ ପରିଶ୍ରମ ଅନୁସାରେ କିଛି ସରକାରୀ ସୁବିଧା ମିଳୁନାହିଁ । ମାସିକ ୧୮ ହଜାର ଟଙ୍କା ଦରମା ସହ ଅତିରିକ୍ତ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ଦେବାକୁ ବାରମ୍ବାର ଦାବି ହେଉଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି ବୋଲି ଜିଲା ସଭାନେତ୍ରୀ ଅମ୍ବିକା ବେହେରା ପ୍ରକାଶ କରଛନ୍ତି। ଆଶା କର୍ମୀଙ୍କୁ ଇପିଏଫ, ଇଏସ୍‌ଆଇ, ପେନସନ, ଗ୍ରାଚ୍ୟୁଇଟି ଆଦି ଦେବା, କାର୍ଯ୍ୟ ସମୟରେ ମୃତ୍ୟୁ ହେଲେ ୫ ଲକ୍ଷ ଟଙ୍କାର ସହାୟତା, ଅବସର ସମୟରେ ୨ ଲକ୍ଷ ଟଙ୍କା, ଯୋଗ୍ୟତାଧାରୀ ଆଶାଙ୍କୁ ଏଏନ୍‌ଏମ୍ ପଦବୀରେ ନିଯୁକ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ରାମସ୍ଥଳର ବ୍ୟବସ୍ଥା କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା ସମ୍ପାଦିକା କନିକା ମଲ୍ଲିକଙ୍କ ନେତୃତ୍ୱରେ ବହୁ ଆଶାକର୍ମୀ ରାଲିରେ ସାମିଲ ହୋଇଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶା କର୍ମୀମାନେ।

## ସଂକ୍ଷେପରେ

### ଯକ୍ଷ୍ମାରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ନୂଆଗାଁ,୩।୧୧(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଯକ୍ଷ୍ମା ରୋଗୀଙ୍କୁ ଜେପିଆର୍‌ଏସ୍ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଧବାର ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଦେଶକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ମାଧ୍ୟମରେ ଉକ୍ତ ସଂସ୍ଥା ନୂଆଗାଁ ବ୍ଲକର ସମସ୍ତ ରୋଗୀଙ୍କୁ ପ୍ରତିମାସରେ ଶୁଖିଲା ଖାଦ୍ୟ ବଣ୍ଟନ କରିବ ବୋଲି ସୂଚନା ଦିଆଯାଇଛି । ପ୍ରତି ମାସରେ ଯକ୍ଷ୍ମା ରୋଗଙ୍କ ଘରକୁ ଯାଇ ଏହି ସେବା ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶ୍ରୀହରି ନାୟକ, ସନନ୍ଦ ବେହେରା, ପ୍ରସନ୍ନ ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଶାଗୁଆନ ପଟା ଜବତ



**ଦଶପଲ୍ଲା,୩।୧୧(ଡି.ଏନ.ଏ.):** ଗୁରୁବାର ଦଶପଲ୍ଲା ବ୍ଲକ ଅଧୀନ ବଡ଼ କାମିଟି ଗ୍ରାମ ନିକଟସ୍ଥ ଆମ୍ବତୋଟା ନିକଟରୁ ବନ ବିଭାଗ ଚଢ଼ାଉ କରି କଟା ଯାଉଥିବା ୧୬ ଖଣ୍ଡ ଶାଗୁଆନ ପଟା ଜବତ କରିଛି । ପୂର୍ବାହ୍ନ ୧୦ଟାରେ ଏହି ଚଢ଼ାଉ କରାଯାଇଥିଲା । ଦଶପଲ୍ଲା ରେଞ୍ଜର ଅଖିଳେଶ ମଲ୍ଲିକ, ସଦର ଫରେଷ୍ଟର ଜ୍ୟୋତି ରଞ୍ଜନ ମାନସିଂହଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ । ବନ କର୍ମଚାରୀମାନଙ୍କୁ ଦେଖି କାଠ କଟାଳିମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଜବତ ପଟାର ମୂଲ୍ୟ ୧୬ ହଜାର ଟଙ୍କା ହେବ ବୋଲି ରେଞ୍ଜର ପ୍ରକାଶ କରିଛନ୍ତି ।

### ମା'ନାରାୟଣୀ ପୀଠରେ ଭାଗବତ ସପ୍ତାଙ୍ଗ

**ଖଣ୍ଡପଡ଼ା,୩।୧୧(ସ୍ୱ.ପ୍ର.):** ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ବାର୍ଷିକ ଭାଗବତ ସପ୍ତାଙ୍ଗ ତଥା ଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁମାନେ ସପ୍ତାଙ୍ଗ ଯଜ୍ଞ ଦର୍ଶନ ପାଇଁ ମା' ନାରାୟଣୀଙ୍କ ପୀଠରେ ସମାଗମ ହୋଇଛନ୍ତି । ଜୀବ ଜଗତର ସର୍ବ କଲ୍ୟାଣ ପାଇଁ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୭ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟ କର୍ତ୍ତା କୃଷ୍ଣଚନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି । ବୁଧବାର ମହାନଦୀ ଘାଟରୁ ଏକ କଳସ ଶୋଭାଯାତ୍ରା ବାହାରି ନାରାୟଣୀ ପୀଠରେ ପହଞ୍ଚି ଥିଲା । ଏଥିରେ ସ୍ଥାନୀୟ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।

# ସୂତାଖିଅରେ ୩୦୦ କର୍ମଚାରୀଙ୍କ ଚାକିରି

**ନୟାଗଡ଼ ଅଫିସ,୩।୧୧**

ଜଗନ୍ନାଥ ପ୍ରସାଦ ନର୍ସରୀ ଆଉଟ ସୋର୍ସିଂ ଏଜେନ୍ସିର ନବୀକରଣ ନ ହେବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ୩୦୦ ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ସୁତାଖିଅରେ ଝୁଲିବା ଆରମ୍ଭ ହୋଇଛି । ସଂପୃକ୍ତ ଏଜେନ୍ସି ୩୦୦ କର୍ମଚାରୀଙ୍କ ଚାକିରି ପ୍ରାରମ୍ଭରୁ ୩ ବର୍ଷ ହେଲା ଇପିଏଫ୍ ଓ ଇଏସ୍‌ଆଇ ଟଙ୍କା ଡିପୋଜିଟ୍ କରିନି । କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଇପିଏଫ୍ ଓ ଇଏସ୍‌ଆଇ ବାବଦ ଟଙ୍କା ନେଇ ସାରିଛି । ଏ ଘଟଣା ଜଣାପଡିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଜଗନ୍ନାଥ ପ୍ରସାଦ ନର୍ସରୀ ଆଉଟ ସୋର୍ସିଂ ଏଜେନ୍ସିର ନବୀକରଣ ନ କରି ଏକ ନୂଆ ଏଜେନ୍ସିକୁ ନିୟୋଜିତ କରିବାକୁ ଯାଉଛନ୍ତି । ଏଭଳି ସ୍ଥଳେ କର୍ମଚାରୀଙ୍କ ସହ ଖେଳିଥିବା ଏଜେନ୍ସିକୁ କଳାତାଲିକା ଭୁକ୍ତ କରିବାକୁ ଦାବି ଉଠିଛି ।

ସିଡିଏମ୍‌ଓ ଡାକ୍ତର ମକରନ୍ଦ ବେଉରାଙ୍କ ସୂଚନା ଅନୁଯାୟୀ, ଜଗନ୍ନାଥ ପ୍ରସାଦ ନର୍ସରୀ ଆଉଟ ସୋର୍ସିଂ ଏଜେନ୍ସି ନଭେମ୍ବର ୨୦୧୯ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ ବର୍ଷ ପାଇଁ



ଅସ୍ଥାୟୀ କର୍ମଚାରୀମାନେ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ୩ ବର୍ଷ ହେଲା ଇପିଏଫ୍, ଇଏସ୍‌ଆଇ ଟଙ୍କା ଡିପୋଜିଟ୍ ହୋଇନି
- ଆଉଟ ସୋର୍ସିଂ ଏଜେନ୍ସିକୁ କଳା ତାଲିକାଭୁକ୍ତ କରିବାକୁ ଦାବି
- ନବୀକରଣ ନ ହେବାରୁ ପୁରୁଣା ଏଜେନ୍ସି ବିଦାୟ, ନୂଆ ନେବ ଦାୟିତ୍ୱ

ନିୟୋଜିତ ହୋଇଥିଲେ । ଏଜେନ୍ସିର ୨୦୨୨ ନଭେମ୍ବରରେ ସମୟ ସୀମା ଶେଷ ହେଉଥିଲା । ତେବେ ଅବଧି ପୁରିବା ପୂର୍ବରୁ ଅଭିଯୋଗ ମିଳିଲା ଏଜେନ୍ସି କର୍ମଚାରୀଙ୍କ ଚାକିରି ପ୍ରାରମ୍ଭରୁ ୩ ବର୍ଷ ହେଲା ଇପିଏଫ୍ ଓ ଇଏସ୍‌ଆଇ ଡିପୋଜିଟ୍ କରିନି । ଏଣୁ ୪ମାସର ଦରମାକୁ ଦିଆ ନ ଯାଇ ରଖାଯାଇଛି । ଅନ୍ୟପକ୍ଷେ ସମ୍ପୃକ୍ତ ଏଜେନ୍ସି ପକ୍ଷରୁ ସହଯୋଗ ମିଳୁନି । ଏଜେନ୍ସିର ନମ୍ବରରେ ଫୋନ କଲେ କେହି ଉଠାଉ ନାହାନ୍ତି । ଅପରପକ୍ଷେ ନୂଆ ଏଜେନ୍ସି ପୁରୁଣା କର୍ମଚାରୀଙ୍କୁ ରଖିବା ପାଇଁ ସର୍ତ୍ତ ରହିଛି । ୩ ବର୍ଷ ହେଲା ଇପିଏଫ୍ ଓ ଇଏସ୍‌ଆଇ ଟଙ୍କା କିପରି ଏଜେନ୍ସି ଦ୍ୱାରା ନିୟୋଜିତ କର୍ମଚାରୀ ପାଇବେ ସେନେଇ ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଛି ବୋଲି ସେ କହିଥିଲେ । ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କୁହନ୍ତି, କେତେଜଣ ଏଜେନ୍ସି କର୍ମଚାରୀ ଦରମା ପାଇ ନାହାନ୍ତି । ଅଧିକାଂଶ କର୍ମଚାରୀଙ୍କ ଚାକିରି ପ୍ରାରମ୍ଭରୁ ୩ ବର୍ଷ ହେଲା ଇପିଏଫ୍ ଓ ଇଏସ୍‌ଆଇ ଟଙ୍କା ଡିପୋଜିଟ୍ ହୋଇନି । ଏଣୁ କର୍ମଚାରୀଙ୍କ ସୁବିଧା ପାଇଁ ସିଡିଏମ୍‌ଓଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯାଉଛି ।

### ୧୦ରେ ଆନ୍ଦୋଳନ କରିବେ ଡିଇଓ, ଏଏନ୍‌ଏମ୍

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ବ୍ଲକ ଡାକ୍ତରଖାନାରେ ନିୟୋଜିତ ଭେରିଫାଏଡ ଡାଟା ଏଣ୍ଟ୍ରି ଅପରେଟର ଓ ଭ୍ୟାକ୍ସିନେଟର ଏଏନଏମ୍‌ମାନେ ଚଳିତ ମାସ ୯ ତାରିଖରେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି । ଡାଟା ଏଣ୍ଟ୍ରି ଅପରେଟର ଓ ଭ୍ୟାକ୍ସିନେଟର ଏଏନଏମ୍‌ମାନେ ୬ମାସର ଦରମା ପାଇ ନାହାନ୍ତି । ଦରମା ପାଇବା ସମ୍ପର୍କରେ ଜଗନ୍ନାଥ ପ୍ରସାଦ ନର୍ସରୀ ଆଉଟ ସୋର୍ସିଂ ଏଜେନ୍ସିକୁ ଯୋଗାଯୋଗ କଲେ ସୁଫଳ ମିଳିନି । ସିଡିଏମ୍‌ଓଙ୍କୁ ଯାଇ ଦୁଃଖ ଜଣାଇବା ପରେ ସେ ବୁଝିଲେ ନାହିଁ । ନିଜର ଦୁଃଖ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀଙ୍କୁ ଡାଟା ଏଣ୍ଟ୍ରି ଅପରେଟର ଓ ଭ୍ୟାକ୍ସିନେଟର ଏଏନଏମମାନେ ଅଭିଯୋଗ କରିଛନ୍ତି । ୮ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୯ରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ହେବ ବୋଲି ଦେବାଶିଷ ବରାଡ, ହରିହର ପଣ୍ଡିତ ପ୍ରମୁଖ କହିଛନ୍ତି । ଅନ୍ୟପକ୍ଷେ ଆନ୍ଦୋଳନ ସମ୍ପର୍କରେ ନୟାଗଡ଼ ଟାଉନ ଥାନା, ଏସ୍‌ପି, ୫-ଟି ସଚିବଙ୍କୁ ଅବଗତ କରାଇଛନ୍ତି । ସିଡିଏମ୍‌ଓ ଡାକ୍ତର ମକରନ୍ଦ ବେଉରା କୁହନ୍ତି, ଭ୍ୟାକ୍ସିନ କାମ ଶେଷ ହେଲା ପରେ ସଂପୃକ୍ତ କର୍ମଚାରୀଙ୍କ ଟରମିନେଶନ ଅର୍ଡର ବାହାରି ପଡିଛି । ତେବେ ସଂପୃକ୍ତ କର୍ମଚାରୀମାନେ କିପରି ୭ଦିନ ଭିତରେ ଦରମା ପାଇବେ ସେନେଇ ବ୍ୟବସ୍ଥା କରାଯାଉଛି ।

# ଦାବି ପୂରଣ ପାଇଁ ଡ୍ରାଇଭରଙ୍କ ଦଣ୍ଡବତ ଯାତ୍ରା

**ଓଡ଼ଗାଁ,୩।୧୧(ସ୍ୱ.ପ୍ର.)**

ରାଜ୍ୟ ଡ୍ରାଇଭର ସଂଘର ନିଷ୍ପତ୍ତି ଅନୁଯାୟୀ ନୟାଗଡ଼ ଜିଲା ଓଡ଼ଗାଁ ଓ କୋମଣ୍ଡ ଡ୍ରାଇଭର ସଂଘ ଦଣ୍ଡବତ ଯାତ୍ରାରେ ସାମିଲ ହୋଇଛି । ଗୁରୁବାର କୋମଣ୍ଡର ଅଧିଷ୍ଠାତ୍ରୀ ଦେବୀ ମା'ଅନ୍ଧାର ବାଉତୀଙ୍କ ପୀଠରେ ଡ୍ରାଇଭରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ଗାଁ ସଂଘ ସଭାପତି ସନ୍ତୋଷ କୁମାର ଦୋରା, ଉପସଭାପତି କାର୍ତ୍ତିକ ସାହୁ,କୋମଣ୍ଡ ସଂଘ ସଭାପତି ଉଲ୍ଲାସ ରାଉତ, ଉପସଭାପତି ଭଞ୍ଜ କୁମାର ନାୟକ ଯୋଗଦେଇ ଡ୍ରାଇଭରମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ ।

ଏଥି ସହିତ ରାଜ୍ୟ ସରକାରଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ନବୀନ ନିବାସ ଅଭିମୁଖେ ଦଣ୍ଡବତ ଯାତ୍ରା କରି ଯାଉଥିବା ରାଜ୍ୟ ଡ୍ରାଇଭର ମହାସଂଘର କର୍ମକର୍ତ୍ତାଙ୍କୁ ସମର୍ଥନ ଜଣାଇ ଓଡ଼ଗାଁ,କୋମଣ୍ଡ ସଂଘର କର୍ମକର୍ତ୍ତା ରାଜରାସ୍ତାରେ ଦଣ୍ଡବତ ଯାତ୍ରା କରିଥିଲେ । ଆଗାମୀ ଦିନରେ ସରକାର ଯଦି ସେମାନଙ୍କ ଦାବି ପୂରଣ ନ କରନ୍ତି ତା'ହେଲେ ଓଡ଼ିଶାର ସମସ୍ତ ଡ୍ରାଇଭର ଅଖଚକ ବନ୍ଦ କରି ନବୀନ ନିବାସ ଅଭିମୁଖେ ଯିବାପାଇଁ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି ।



ଓଡ଼ଗାଁ,କୋମଣ୍ଡ ସଂଘର କର୍ମକର୍ତ୍ତାଙ୍କ ଦଣ୍ଡବତ ଯାତ୍ରା ।

# ଶପଥ ଗ୍ରହଣ କରିବାକୁ ଆସିଲେନି ଅଧିକାରୀ



ଦୁର୍ନୀତି ନିବାରଣ ସଚେତନତା ସଭାରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

**ନୟାଗଡ଼ ଅଫିସ,୩।୧୧**

ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଏକ ଆଲୋଚନା ଚକ୍ର ଓ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା । ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଭିଜିଲାନ୍ସ ଏସ୍‌ପି ଅନୁପମା ଜେନସ ପ୍ରମୁଖ ଯୋଗ ଦେଇ ଦୁର୍ନୀତି ଏକ ବ୍ୟାଧିରେ ପରିଣତ ହୋଇଥିବା କହିଥିଲେ । ଭିଜିଲାନ୍ସ ଡିଏସ୍‌ପି ଶ୍ରୀକାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲାର ଜିଲା ଶିକ୍ଷା ଅଧିକାରୀ, କେତେଜଣ ବିଡିଓ, ଓଡଗାଁ ,ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଛାଡିଦେଲେ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ନ ଥିଲେ । ତେବେ ପ୍ରଶ୍ନ ଉଠୁଛି ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ନ ଥାଇ ଦୁର୍ନୀତି ନ କରିବାର ଶପଥ ପାଠ କରି ଲାଭ କ'ଣ । କାହିଁକି ଏମାନେ କାର୍ଯ୍ୟକ୍ରମକୁ ଆସି ନ ଥିଲେ । ଶପଥ ପାଠ କରିବାକୁ ଭୟ ଲାଗିଲା ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ ସ୍କୁଲ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରତିଯୋଗିତାରେ ଅନିୟମିତତା ହୋଇଥିବା ନେଇ ଜଣେ ଅଭିଭାବକ ସଭାରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭିଜିଲାନ୍ସ ଡିଏସ୍‌ପି ଶ୍ରୀକାନ୍ତ କୁମାର ବେହେରାଙ୍କୁ ପଚାରିବାରୁ କହିଥିଲେ ଆମେ ନିମନ୍ତ୍ରଣ କରିଥିଲୁ । ହେଲେ କେହି ନ ଆସିଲେ ଆମେ କ'ଣ କରି ପାରିବୁ ।

# ୫ଦିନ ପାଳନ ହେବ ବୋଇତ ବନ୍ଦାଣ ଉତ୍ସବ

**ନୟାଗଡ଼ ଅଫିସ,୩।୧୧**

ଉତ୍କଳୀୟ ପରମ୍ପରା ଅନୁଯାୟୀ ବୋଇତ ବନ୍ଦାଣ ଉତ୍ସବ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ପାଳିତ ହୋଇ ଆସୁଛି । କରୋନା କଟକଣା ଯୋଗୁ ଗତ ୨ବର୍ଷ ଏହି ଉତ୍ସବ ବନ୍ଦ ରହିଥିଲା । ଚଳିତ ବର୍ଷ ନୟାଗଡ଼ ପୁରୁଣା ସହର ସାଗର ପୁଷ୍କରିଣୀଠାରେ ୪ରୁ ୮ ତାରିଖ ୫ଦିନ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ୪ ତାରିଖ ପୂର୍ବାହ୍ନ ସାଢ଼େ ୯ଟାରେ ଜଗନ୍ନାଥ ମନ୍ଦିରଠାରୁ ଦକ୍ଷିଣକାଳୀ ପଡିଆ ପର୍ଯ୍ୟନ୍ତ ଗଣଦୌଡ ହେବ । ସନ୍ଧ୍ୟାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ବୋଇତ ବନ୍ଦାଣ ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ଅନ୍ୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ । ୮ ତାରିଖ ପୂର୍ବାହ୍ନରେ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ ବୋଲି ଆୟୋଜକମାନେ କହିଛନ୍ତି ।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୟାଗଡ଼ ଅଫିସ,୩।୧୧**

- ପରିମଳ ନିରୀକ୍ଷକଙ୍କ ବଦଳି ଦାବି ଜୋର ଧରିଲା
- ଡେପୁଟେଶନରେ ୧୧ବର୍ଷ ଚାକିରି

ନୟାଗଡ଼ ମ୍ୟୁନିସିପାଲିଟିର ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁଙ୍କ ବଦଳି ଦାବିରେ ସଫେଇ କର୍ମଚାରୀମାନେ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ଫଳରେ ନୟାଗଡ଼ ସହରରେ ଆଜି ଅଳିଆ ଆବର୍ଜନା ସଫେଇ ହୋଇ ପାରି ନାହିଁ । ଏହାକୁ ନେଇ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦା ହୋଇ ରହିଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ପରିମଳ ନିରୀକ୍ଷକ ୧୧ ବର୍ଷ ହେଲା ନୟାଗଡ଼ ମ୍ୟୁନିସିପାଲିଟିରେ କାମ କରି ଆସୁଛନ୍ତି । ଏନଏସିରୁ ମ୍ୟୁନିସିପାଲିଟି ପରେ ବି କିଛି ଫରକ ପଡିନି ।୧୧ ବର୍ଷ ହେଲା ଡେପୁଟେଶନରେ କାମ କରୁଛନ୍ତି । ସେ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ । ଜନ୍ମମୃତ୍ୟୁ ପଞ୍ଜିକରଣ ମ୍ୟୁନିସିପାଲିଟିରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପରେ ସିଡିଏମ୍‌ଓଙ୍କ ଅର୍ଡର ଅନୁସାରେ ସପ୍ତାହର ୩ ଦିନ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ଦିନ ମ୍ୟୁନିସିପାଲିଟିରେ କାମ କରୁଛନ୍ତି । ତେବେ ସଫେଇ କର୍ମଚାରୀଙ୍କୁ ମନେଇବା ପାଇଁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ସକାଳ ୭ଟାରୁ ଉଦ୍ୟମ କରିଥିଲେ ମଧ୍ୟ ସୁଫଳ ମିଳିନି । ସଫେଇ କର୍ମଚାରୀ ଗୋଟିଏ ଦାବି ପରିମଳ ନିରୀକ୍ଷକ ବଦଳି ନ ହେଲେ କାର୍ଯ୍ୟରେ ଯୋଗ ଦେବେ ନାହିଁ । ସୂଚନାଯୋଗ୍ୟ, ନୟାଗଡ଼ ମ୍ୟୁନିସିପାଲିଟିରେ ୧୬ଟି ୱାର୍ଡ ରହିଛି । କେବଳ ନୟାଗଡ଼ ବଜାର ଘରୋଇକରଣ ହୋଇଛି । ଏକ ଘରୋଇ ସଂସ୍ଥା ପକ୍ଷରୁ ୪୦ ଜଣ ସଫେଇ କର୍ମଚାରୀ କେବଳ ବଜାର ସଫା କରୁଛନ୍ତି । ଅନ୍ୟପକ୍ଷେ ମ୍ୟୁନିସିପାଲିଟି ପକ୍ଷରୁ ୩୦ କର୍ମଚାରୀ ୱାର୍ଡ ଗୁଡିକ ସଫେଇ କରୁଛନ୍ତି । ତେବେ ଆନ୍ଦୋଳନରେ ଉଭୟ ସଫେଇ କର୍ମଚାରୀ ସାମିଲ ହୋଇଛନ୍ତି । ଶୁକ୍ରବାର ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ବ୍ୟାପକ ହେବ ବୋଲି କୁହାଯାଇଛି ।



ସଫେଇ କର୍ମଚାରୀଙ୍କୁ ନିର୍ବାହୀ ଅଧିକାରୀ ବୁଝାଶୁଝା କରୁଛନ୍ତି ।


OFFICE OF THE
MUNICIPAL COUNCIL, SUNDARGARH

No. 8750 Date: 31.10.2022

QUOTATION CALL NOTICE

No. C-1493: Sealed quotations are invited from the Intending Quotationers for **"Supply and Installation of MS Door, Window, MS Grill & Rolling Shutter in different areas of Sundargarh Municipality"**. The detail quotation documents will be available in the district website of Sundargarh i.e. **www.sundargarh.nic.in** from Dt.02.11.2022 to Dt.11.11.2022. The quotation document must be submitted to the Office of the Executive Officer, Sundargarh Municipality, Sundargarh through Regd. Post/Speed Post/By Hand only. The bidder should subscribe **"Supply and Installation of MS Door, Window, MS Grill Rolling Shutter & Collapsible Shutter in different areas of Sundargarh Municipality"** on the top of the envelope.
Last date of receipt of Quotation: 11.11.2022 upto 04.00 P.M.
Date of Opening of Quotation: 14.11.2022 at 11.30 A.M.
The authority reserves the right to accept or reject any proposals without assigning any reason thereof.

Sd./- Executive Officer
Sundargarh Municipality

OIPR-13130/11/0020/2223



HOUSING AND URBAN DEVELOPMENT DEPARTMENT
OFFICE OF THE MUNICIPAL COUNCIL:BARGARH
AT/PO/DIST.: BARGARH,PIN-768028
Ph.:06646:234347,Fax:06646:234347, Website:www.bargarhmunicipality.in, e-mail:bargarhmunicipality.eo@gmail.com

Letter No.2712/BMC Date:08.06.2022

No.C-1491: INVITATION FOR BIDS

BID IDENTIFICATION No. 3/BGH-MUN/2022-23

| | | |
|---|---|---|
| 1 | Nature of Work | Electrical Work |
| 2 | No. of Work | 4 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | HT & LT |
| 6 | Availability of Bids documents in website | From 11.00 Hrs. Dt.09.06.2022 to 17.30 Hrs. Dt.18.06.2022 |
| 7 | Date of Opening of Bid | Dt.20.06.2022 11.00 Hrs. |

The bidder have to participate in ONLINE bidding only. Further details can be seen from the website i.e., http://tenderodisha.gov.in and Bargarh Municipality Website i.e., http://www.bargarhmunicipality.in. Any addendum/corrigendum/cancellation of tender can also be seen only in the said website.

OIPR-13103/11/0017/2223 Sd./-Executive Officer, Bargarh Municipality



OFFICE OF THE EXECUTIVE ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA

No.A-678: "e"-PROCUREMENT NOTICE

BID IDENTIFICATION No: 06 MID (JSP/2022-23)

1. Name of the Inviting Officer :- Executive Engineer, Minor Irrigation Division, Jashipur
2. Name of the Work :- Construction of Check Dams in different Blocks of Mayurbhanj District.
3. No. of Works :- 2 (Two) Nos.
4. Tender Amount Varies From :- 37.73 lakh to 49.53 lakh
5. Date and Time of Availability of BID Document in the Portal for online Bidding from :- 10.00 Hrs. Dt.04.11.2022 to 17.00 hrs Dt.14.11.2022
6. Last Date and Time of receipt of Bids in the Portal :- 17.00hrs Dt.14.11.2022
7. Last Date and Time for clarification up to :- 17.00 hrs Dt.10.11.2022
8. Date of opening of Bid :- 11.00 hrs onwards Dt.15.11.2022

**The detail tender call notice can also be seen in the DOWR web-site: http://dowrorissa.gov.in**

Name & Address of the OIT : Executive Engineer, M.I. Division, Jashipur, At/PO-Khairi /Dist: Mayurbhanj, PIN-757091, E-Mail:- eemijashipur@yahoo.com

Further details can be seen from the : **http://tenderorissa.gov.in** e-Procurement market place.

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- 28.10.2022
OIPR-32282/11/0004/2223 Executive Engineer, M.I Division, Jashipur



ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
ST & SC DEVELOPMENT DEPARTMENT
2nd Floor, TDCCOL Building, Rupali Square,
Bhubaneswar- 751022
Notice No.3590/Date:02.11.2022

ENGAGEMENT OF PROGRAMME OFFICER (LIVELIHOODS & CONVERGENCE)

**No.CAD-2400:**Programme Director, OPELIP invites applications from eligible candidates for engagement of "Programme Officer- Livelihoods & Convergence" in PMU, OPELIP on short term basis to be positioned at PMU, OPELIP, 2nd floor, TDCCOL Building, Rupali Square, Bhubaneswar - 751022. Application form along with the detailed ToR can be downloaded from our official website i.e. www.opelip.org. Last date of receipt of applications by post/courier only **14th November, 2022 at 05.00 PM.** Application beyond the dateline will not be considered.
Only shortlisted candidates will be called for Interview for empanelment Programme Director, OPELIP reserves the right of accepting or rejecting the applications without assigning any reason thereof.

OIPR-26024/11/0008/2223 Sd/-Programme Director

# ଚାଉଳ ଗୋଦାମର ଯାଞ୍ଚ ନାହିଁ

ନୟାଗଡ଼ ଅଫିସ,୩।୧୧

- ନିମ୍ନମାନର ଚାଉଳ ଗଚ୍ଛିତ ଥାଇବି କାର୍ଯ୍ୟାନୁଷ୍ଠାନ ଶୂନ୍
- ରାଶନ କାର୍ଡଧାରୀ ଖାଉଛନ୍ତି ନିମ୍ନମାନର ଭାତ
- ରାଜ୍ୟ ସ୍କ୍ୱାଡ୍ ତଦନ୍ତ କରିବାକୁ ଦାବି



ମିଲରମାନଙ୍କୁ ଅନୁକମ୍ପା ଦେଖାଇ ଜିଲା ଯୋଗାଣ ବିଭାଗର ୪ ଗୋଦାମରେ ନିମ୍ନମାନର ଚାଉଳ ଗଚ୍ଛିତ ରଖାଯାଇଥିବା ଅଭିଯୋଗ ହୋଇ ଆସୁଛି । ଏହାର ତଦନ୍ତ ଯୋଗାଣ ବିଭାଗର ଜିଲା ସ୍କ୍ୱାର୍ଡ ଦ୍ୱାରା କରାଯାଉଥିବାରୁ ଅନିୟମିତତା ଚାପି ଦିଆଯାଉଛି । ଏହି ଦୁର୍ନୀତି ପଛରେ ଜିଲା ଯୋଗାଣ ଅଧିକାରୀ ଓ ସହକାରୀ ଜିଲା ଯୋଗାଣ ଅଧିକାରୀଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ସଂପୃକ୍ତ ଥିବା ଅଭିଯୋଗ ରହିଛି । ୨୦୧୯ରେ ଏପରି ଏକ ଅଭିଯୋଗର ତଦନ୍ତ ରାଜ୍ୟସ୍ତରୀୟ ସ୍କ୍ୱାର୍ଡ ଦ୍ୱାରା କରାଯିବାରୁ ଜଣେ ସିଏସ୍ଓ, ଏସିଏସ୍ଓ, ପ୍ରୋକରମେଣ୍ଟ ଇନ୍ସପେକ୍ଟରଙ୍କ ସମେତ ୮ ଜଣ ନିଲମ୍ବିତ ହୋଇଥିଲେ । ଏଣୁ ଚାଉଳ ଗୋଦାମର ତଦନ୍ତ ରାଜ୍ୟସ୍ତରୀୟ ସ୍କ୍ୱାର୍ଡ ଦ୍ୱାରା କରାଯିବାକୁ ଦାବି ଉଠିଛି ।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲାରେ ଯୋଗାଣ ବିଭାଗର ୪ ଚାଉଳ ଗୋଦାମ ରହିଛି । ଏଥିରୁ ଓଡ଼ଗାଁ ବ୍ଲକର ଗୋଡିସାହି, କାନକଟା ଓ କଦଳୀବନ୍ଧ ଠାରେ ୩ଟି ଗୋଦାମ ଥିବାବେଳେ ନୟାଗଡ଼ ଜିଲା ସଦର ମହକୁମାର ଖଣ୍ଡପଡ଼ା ରୋଡରେ ଆରଏମ୍‌ସିର ଅନ୍ୟ ଏକ ଗୋଦାମ ରହିଛି । ଚାଉଳ ଗୋଦାମରେ ଥିବା ଗଚ୍ଛିତ ଚାଉଳର ମାନ ପରୀକ୍ଷଣ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓ ଜିଲା ଯୋଗାଣ ବିଭାଗର ଦାୟିତ୍ୱରେ ରହିଛି । ତେବେ ଗୋଦାମର ଚାଉଳର ମାନ ଠିକ୍ ଭାବେ ନିରୂପଣ କରାଯାଉ ନ ଥିବାରୁ ରାଶନ କାର୍ଡଧାରୀ ନିମ୍ନମାନର ଚାଉଳର ଭାତ ଖାଉଛନ୍ତି । ଏନେଇ ଦଶପଲ୍ଲାର ସୁଦାମ ମଲ୍ଲିକ, ଗଣିଆର ରମା ନାୟକ କୁହନ୍ତି, ମିଳୁଥିବା ରାଶନ ସାମଗ୍ରୀରେ ଖୁଦ, କଳା ଓ ନାଲି ରଙ୍ଗ ମିଶା ଚାଉଳ ରହୁଛି । ପୁଣି ଅଧିକାଂଶ ସମୟରେ ଚାଉଳରୁ ଦୁର୍ଗନ୍ଧ ବାହାରୁଛି । ଭାତର ସ୍ୱାଦ ରହୁନି । ଅଭିଯୋଗ କଲେ ଶୁଣିବାକୁ ମିଳୁଛି ୧ଟଙ୍କାରେ ଚାଉଳ ନେଇ ପ୍ରତିବାଦ କାହିଁକି, ମନ ପାଇଲେ ନିଅ ନ ହେଲେ ଚାଲିଯାଅ । ଏଣୁ ଭାଗ୍ୟକୁ ଆଦରି ଆଣିବାକୁ ପଡୁଛି । ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ଗୋଦାମରେ ଗଚ୍ଛିତ ଚାଉଳର ମାନ ଠିକ୍ ରହୁଛି । ଯଦି ମାନ ଖରାପ ବୋଲି ଅଭିଯୋଗ ଆସେ ଆମେ ତଦନ୍ତ କରି ପଦକ୍ଷେପ ନେବୁ । କେତେଜଣ ଲୋକ ଏନେଇ ଅଭିଯୋଗ କରୁଛନ୍ତି । ହେଲେ ପ୍ରମାଣ ନ ଥିଲେ କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇ ନ ଥାଏ । ଏନେଇ ଜଣେ ଶ୍ରମିକ ନିଜ ନାମ ଗୋପନ ରଖି କହିଛନ୍ତି, ଗୋଦାମ ଚାଉଳ ଖରାପ ବୋଲି ପ୍ରମାଣ କରିବା କାଠିକର ପାଠ । ତଦନ୍ତକାରୀ ଟିମ୍ ପହଞ୍ଚିବା ପୂର୍ବରୁ ବିଭିନ୍ନ ସ୍ଥାନରେ ଭଲ ଚାଉଳର ସାମ୍ପୁଲ ଏକ ନିର୍ଦ୍ଦିଷ୍ଟ ଥାଳିରେ ରଖାଯାଇଥାଏ । ତଦନ୍ତକାରୀ ଅଧିକାରୀଙ୍କ ନଜର ଆଢୁଆଳରେ ଚାଉଳ ଥାଳି ବଦଳାଯାଇ ଥାଏ, ଯାହାକି ତଦନ୍ତକାରୀ ଅଧିକାରୀ ଜାଣି ପାରି ନ ଥାନ୍ତି । ଏହି କାମ ପାଇଁ ସ୍ୱତନ୍ତ୍ର ଲୋକ ନିୟୋଜିତ ହୋଇଥାଆନ୍ତି । ଅନ୍ୟପକ୍ଷେ ତଦନ୍ତକାରୀ ଅଧିକାରୀଙ୍କ ନଜରକୁ ନିକୃଷ୍ଟ ଚାଉଳ ଆସିଲେ ଉତ୍କୋଚ ଖାମ୍‌ରେ ଦିଆଯାଇ ଚୁପ କରି ଦିଆଯାଏ । ଭଲ ମନ୍ଦ ଚାଉଳ ଏକତ୍ର ରହୁଥିବାରୁ ଦୁର୍ନୀତି ନଜରକୁ ଆସି ପାରେନା । ଅତର୍କିତ ଚଢ଼ାଉ କରାଗଲେ ପ୍ରକୃତ ଘଟଣା ଧରାପଡିବ ।

### ମୁହଁରେ ଅସନ୍ତୋଷ, ରିପୋର୍ଟରେ ସନ୍ତୋଷ

ଭାରତୀୟ ଖାଦ୍ୟ ନିଗମ ଭୁବନେଶ୍ୱର ଶାଖାର ମ୍ୟାନେଜର କ୍ୟୁସି ଶାଲିନି କୁମାର ଓ ମ୍ୟାନେଜର ବିନୟ ପଣ୍ଡା ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସ୍ଥିତ ଗୋଡିସାହି ଚାଉଳ ଗୋଦାମକୁ ଗୁରୁବାର ତଦନ୍ତ କରିବାକୁ ଆସିଥିଲେ । ଗୋଦାମରେ ନିମ୍ନମାନର ଚାଉଳକୁ ଦେଖି ଗୋଡିସାହି ପ୍ରୋକରମେଣ୍ଟ ଅଫିସର ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତେବେ ତଦନ୍ତ ରିପୋର୍ଟରେ ଚାଉଳର ମାନ ଠିକ୍ ଥିବା ଦର୍ଶାଇଥିଲେ । ତଦନ୍ତକାରୀ ଟିମ୍‌ର ଏପରି ତଦନ୍ତ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୋଦାମରେ ନିମ୍ନମାନର ଚାଉଳ ଥିବା ସମ୍ପର୍କରେ ଭାରତୀୟ ଖାଦ୍ୟ ନିଗମ ଭୁବନେଶ୍ୱର ଶାଖାର ମ୍ୟାନେଜର କ୍ୟୁସି ଶାଲିନି କୁମାରଙ୍କୁ ପଚାରିବାରୁ ସେ କହିଥିଲେ, ଗଣମାଧ୍ୟମକୁ ମୁଁ କିଛି କହି ପାରିବି ନାହିଁ । ଆପଣ ଯାହା ରିପୋର୍ଟ ସଂଗ୍ରହ କରୁଛନ୍ତି ତା' ଉପରେ ଖବର ପରିବେଷଣ କରିପାରନ୍ତି ।

## ଆଜିଠୁ ନୀଳମାଧବ ପୀଠରେ ପଞ୍ଚକ ଯାତ୍ରା



ଖଣ୍ଡପଡ଼ା,୩।୧୧(ସ୍ୱ.ପ୍ର.): ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ମହାପ୍ରଭୁଙ୍କ କାର୍ତ୍ତିକ ନୀତି ଚାଲିଛି । ଶୁକ୍ରବାରଠାରୁ ମହାପଞ୍ଚକ ଯାତ୍ରା ଆରମ୍ଭ ହେବ । କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ସକାଳୁ ପଞ୍ଚକ ବ୍ରତ ଆରମ୍ଭ ହୋଇ ପୂର୍ଣ୍ଣମୀ ତିଥିରେ ଏହି ବ୍ରତ ଉଦ୍‌ଯାପିତ ହୋଇଥାଏ । ପଞ୍ଚକ ୫ଦିନ ନୀଳମାଧବ ଜୀଉ ଓ ନିକଟସ୍ଥ ରାଧାମୋହନ ଜୀଉ ୫ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ପଞ୍ଚକର ପ୍ରଥମ ଦିନ ଦେବୋତ୍ଥାପନ ଏକାଦଶୀରେ ଶ୍ରୀଜୀଉମାନେ ଲକ୍ଷ୍ମୀ ନାରାୟଣ ବେଶ ହେବେ । କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ(ଗରୁଡ ଦ୍ୱାଦଶୀ)ରେ ବାଙ୍କଚୂଡ଼ ବେଶ, ପରବର୍ତ୍ତୀ ଦିବସରେ ନଟବର ବେଶ, ନୃସିଂହ ବେଶ, କାଞ୍ଚି କାବେରୀ ବେଶ ଏବଂ ଗଜ ଉଦ୍ଧାରଣ ବେଶ ହେବ । ଉଦ୍‌ଯାପନୀ ଦିବସ ତଥା କାର୍ତ୍ତିକ ପୂର୍ଣ୍ଣମୀରେ ଠାକୁର ରାଜ ରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ବୋଲି ସୂଚନା ମିଳିଛି ।

## ୧୩ରୁ ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ନୟାଗଡ଼ ଅଫିସ,୩।୧୧

ଶରଣକୁଳ ଲଡୁକେଶ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଚଳିତ ମାସ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ୬୧ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ମ୍ୟାଚ୍‌ରେ କଟକ ଅଚିଭର ଓ ଭୁବନେଶ୍ୱର କିଶୋର କ୍ଲବ ମଧ୍ୟରେ ଖେଳାଯିବ । ୧୪ରେ ତାମିଲନାଡୁ ପୋଲିସ ଓ ବରଗଡ଼ ୟୁନାଇଟେଡ଼ କ୍ଲବ, ୧୫ରେ ହାଇଦ୍ରାବାଦ ଆର୍ମି ଓ ବାରିପଦା ସ୍ପୋର୍ଟସ ହଷ୍ଟେଲ, ୧୬ରେ ସାଇ ଏଚ୍‌ଏଏଲ୍ ସୁନାବେଡା ଓ ଭବାନୀପାଟଣା ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ମୁକାବିଲା ହେବ । ପ୍ରଥମ ସେମିଫାଇନାଲ୍ ୧୭ ଓ ଦ୍ୱିତୀୟ ସେମି ଫାଇନାଲ୍ ୧୮ରେ ଅନୁଷ୍ଠିତ ହେବ । ସେମି ଫାଇନାଲର ଉଭୟ ବିଜେତାକୁ ନେଇ ୧୯ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ସମ୍ପାଦକ ଯୋଗେନ୍ଦ୍ର ନାଥ ପ୍ରଧାନ ଓ କୋଷାଧ୍ୟକ୍ଷ ଶିବ ପ୍ରସାଦ ପୁଷ୍ପପାଳକ ସୂଚନା ଦେଇଛନ୍ତି ।

## ନୀଳମାଧବ ବିକାଶ ପ୍ରକଳ୍ପ ପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ



ମାଳବନ୍ଧରେ ବିଭାଗୀୟ ଅଧିକାରୀମାନେ ମାପଚୁପ କରୁଛନ୍ତି ।

ଖଣ୍ଡପଡ଼ା,୩।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠ ବିକାଶ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ନୟାଗଡ଼ ଜିଲା ପୂର୍ତ୍ତ ବିଭାଗ ଓ ଖଣ୍ଡପଡ଼ା ରାଜସ୍ୱ ବିଭାଗ ପକ୍ଷରୁ ୩ୟ ପର୍ଯ୍ୟାୟ ମାପଚୁପ ଗୁରୁବାର ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଭଗବାନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଧାମୋହନ କାଲୋ, ସହକାରୀ ଯନ୍ତ୍ରୀ ଇଂ.ପ୍ରାଣକୃଷ୍ଣ ମହାପାତ୍ର ଓ କଣ୍ଟିଲୋ ରାଜସ୍ୱ ବିଭାଗ ଅଧିକାରୀ ସଞ୍ଜୟ କୁମାର ବେହେରା ଓ ସହକାରୀ ପ୍ରଭାତ କୁମାର ବେହେରା, ସନ୍ତୋଷ କୁମାର ବେହେରା ପ୍ରମୁଖ କଣ୍ଟିଲୋ ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧରେ ଜବରଦଖଲରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ସଂଲଗ୍ନ ସ୍ଥାନକୁ ମାପଚୁପ କରିଥିଲେ । ଆବଶ୍ୟକ ଅନୁଯାୟୀ ବିଭିନ୍ନ ସ୍ଥାନରେ ଥିବା ରେକର୍ଡ ଜାଗା ଏବଂ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଚିହ୍ନଟ ତଥା ତାଲିକା ପ୍ରସ୍ତୁତ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୭ଟି ପ୍ଲଟକୁ ଉଚ୍ଛେଦ କରାଯିବ । ଗୁରୁବାର ୩୦ଟି ସ୍ଥାନର ତାଲିକା ଜିଲାପାଳଙ୍କ ପାଖକୁ ପଠାଇ ଦିଆଯାଇଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ସାହୁଙ୍କ କହିଛନ୍ତି ।

## ବାଇକ୍ ଚାଳକଙ୍କଠାରୁ ଲୁଟ୍ ଘଟଣା, ୨ଗିରଫ

ଖଣ୍ଡପଡ଼ା,୩।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଯୋଗିଆପଲ୍ଲୀ ଘାଟି ନିକଟରେ ଜଣେ ବାଇକ୍ ଚାଳକଙ୍କଠାରୁ ଲୁଟ୍ ହୋଇଥିଲା । ଏହି ଅଭିଯୋଗରେ ଖଣ୍ଡପଡ଼ା ପୋଲିସ ୨ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ କଇଁଥପଲ୍ଲୀ ଗ୍ରାମର ଟୁକୁନା ସ୍ୱାଇଁ ଓରଫ କୁନା ଓ ଅଶୋକ ନାୟକ ଓରଫ ବାପୁନି । ଲୁଟେରାଙ୍କଠାରୁ ପୋଲିସ ୩ ମୋବାଇଲ, ନଗଦ ୧୮ହଜାର ୩ଶହ ଟଙ୍କା ଜବତ କରିଛି । ସେମାନେ ବ୍ୟବହାର କରୁଥିବା ବାଇକ୍‌କୁ ମଧ୍ୟ ଜବତ କରାଯାଇଛି । ସୂଚନାଯୋଗ୍ୟ, ବୁଧବାର ଅପରାହ୍ନରେ ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡ଼ା ଗ୍ରାମର ବିକାଶ କୁମାର ସାହୁ ବାଇକ୍‌ରେ ଭଉଣୀଙ୍କୁ ନେଇ ନୟାଗଡ଼ ଅଭିମୁଖେ ଯାଉଥିଲେ । ୨ ଯୁବକ ସେମାନଙ୍କ ପିଛା କରିଥିଲେ । ଯୋଗିଆପଲ୍ଲୀ ଘାଟି ନିକଟ ନିଛାଟିଆ ସ୍ଥାନର ସୁଯୋଗ ନେଇ ଏହି ୨ଲୁଟେରା ବିକାଶଙ୍କୁ ଭୟଭୀତ କରିବା ସହ ତାଙ୍କ ଉଉଣୀଙ୍କ ହାତରୁ ଭ୍ୟାନିଟ୍ ଓ ମୋବାଇଲ ଛଡାଇ ନେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ । ସ୍ଥାନୀୟ ବାସିନ୍ଦା ଏ ସଂକ୍ରାନ୍ତରେ ଜାଣିବା ପରେ ଲୁଟେରାଙ୍କ ପିଛାକରି ଜଣଙ୍କୁ କାବୁ କରି ଖଣ୍ଡପଡା ପୋଲିସକୁ ହସ୍ତାନ୍ତର କରିଥିଲେ । ପରେ ପୋଲିସ ନିକଟସ୍ଥ କଇଁଥପଲ୍ଲୀ ଗ୍ରାମରୁ ଆଉ ଜଣେ ଲୁଟେରାଙ୍କୁ ଗିରଫ କରିଥିଲା । ଗତ କିଛିଦିନ ହେବ ଦିନଦ୍ୱିପ୍ରହର ଓ ସନ୍ଧ୍ୟାରେ ଖଣ୍ଡପଡ଼ା ଓ ତା'ର ଆଖପାଖ ଅଞ୍ଚଳରେ ଲୁଟ୍ ଘଟଣା ଘଟୁଛି । ଏହି ଘଟଣାରେ ଟୁକୁନା ଓ ଅଶୋକ ସାମିଲ ଥିବା ଆଇଆଇସି ରମେଶ କୁମାର ଦେବତା ସୂଚନା ଦେଇଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବୁବୁ



@ ପ୍ରଭୁ



@ ସଞ୍ଜୟ



@ ଏସ୍.କେ. ୟାକୁବ୍



@ ସୁଦିପ୍ତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

ନୂଆଗାଁ,୩।୧୧(ଡି.ଏନ.ଏ.)

- ଆବଶ୍ୟକ ଶିକ୍ଷୟିତ୍ରୀ,ଶିକ୍ଷକ ନ ଥିବାରୁ ପ୍ରତିବାଦ
- ସାମିଲ ହେଲେ,ଶିକ୍ଷାବିତ୍, ଅଭିଭାବକ,ଗ୍ରାମବାସୀ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ କୃଷ୍ଣପ୍ରସାଦ ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ କୃଷ୍ଣପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ମାନ୍ୟତା ମିଳିଛି । ଏହାପରେ ନିକଟସ୍ଥ ଜଗନ୍ନାଥପ୍ରସାଦ ହାଇସ୍କୁଲ ଛାଡ଼ି ୧୮ ଜଣ ଛାତ୍ରୀଛାତ୍ର ଉପରୋକ୍ତ ସ୍କୁଲରେ ନାମ ଲେଖାଇଛନ୍ତି । କିନ୍ତୁ ନାମ ଲେଖାଇବାର ୩ ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ପାଠ ପଢା ଆରମ୍ଭ ହୋଇନାହିଁ। ଆବଶ୍ୟକ ଶିକ୍ଷୟିତ୍ରୀ,ଶିକ୍ଷକ ନିଯୁକ୍ତି ହୋଇ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି । ଗୁରୁବାର ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ । ଏଥିରେ ସିକ୍ରିଡା ପଞ୍ଚାୟତ କୃଷ୍ଣପ୍ରସାଦ ଗ୍ରାମବାସୀ,ପଞ୍ଚାୟତର ବୁଦ୍ଧିଜୀବି, ଶିକ୍ଷାବିତ୍ ଓ ଅଭିଭାବକମାନେ ସାମିଲ ହୋଇଥିଲେ । ୩ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯିବା ସହ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି ।

ନୂତନ ସ୍କୁଲ ଗଠନରେ ସହଯୋଗ କରିଥିବା ନେତା, ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା । ସେହି ସଭାରେ ହାଇସ୍କୁଲ ପିଲାଙ୍କ ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଉପରେ ଆଲୋଚନା ହୋଇଥିଲା । ଆସନ୍ତା ୧୫ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ବିଭାଗୀୟ ଅଧିକାରୀ ଓ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଇତିମଧ୍ୟରେ ୩ ମାସ ପୂରଣ ହେବାକୁ ବସିଛି । ସ୍କୁଲକୁ ଶିକ୍ଷକ ଆସୁ ନାହାନ୍ତି । ୩ ଜଣ ଶିକ୍ଷକଙ୍କୁ ସପ୍ତାହର ୩ ଦିନ ପାଇଁ ଡେପୁଟେଶନରେ ପଠାଯାଇଛି । ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ୩ ଦିନ ପାଇଁ ସ୍କୁଲକୁ ଆସୁଛନ୍ତି । ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ୫ ଜଣ ଶିକ୍ଷକ ରହିଥିବା ବେଳେ ନବମ ଓ ଦଶମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ୩ ଦିନ ପାଇଁ ଆସୁଛନ୍ତି । ତେଣୁ ଶିକ୍ଷକ ପଦବୀ ପୂରଣ କରା ନ ଗଲେ ସ୍କୁଲରେ ତାଲା ପକାଇ ଦେବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଆନ୍ଦୋଳନକାରୀମାନେ ଲିଖିତ ଭାବେ ଜଣାଇଥିଲେ । କିନ୍ତୁ ସେ ଉପରୋକ୍ତ ଘଟଣାକୁ ଗୁରୁତ୍ୱ ଦେବା ବଦଳରେ ସ୍କୁଲ ବନ୍ଦ ହୋଇଗଲେ ଖୁସି ହେବି ବୋଲି କହିଥିବା ଅଭିଯୋଗ ହୋଇଥିଲା । ତେଣୁ ଶିକ୍ଷାବିତ୍, ବୁଦ୍ଧିଜୀବି, ଛାତ୍ରୀଛାତ୍ର ସକାଳ ୧୦ଟା ସମୟରେ ସ୍କୁଲର ମୁଖ୍ୟ ଫାଟକରେ ତାଲା ପକାଇ ରାସ୍ତାରେ ବସି ରହିଛନ୍ତି । ଏ ବାବଦରେ ନୟାଗଡ଼ ଜିଲାପାଳ ରବିନ୍ଦ୍ର କୁମାର ସାହୁଙ୍କୁ ପଚାରିବାରେ ମୁଁ ଏ ଘଟଣା ବିଷୟରେ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି ।



ସ୍କୁଲ ଫାଟକ ଆଗରେ ଛାତ୍ରୀଛାତ୍ର,ଅଭିଭାବକଙ୍କ ଧାରଣା ।

## ଗୋମାତାଙ୍କ ସେବା କରିବାକୁ ଆହ୍ୱାନ



ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ଦଶପଲ୍ଲା,୩।୧୧(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅଧୀନ ଗୋବର୍ଦ୍ଧନପୁରସ୍ଥିତ ଓଁକାର ସେବା ଆଶ୍ରମରେ ଗୋଷ୍ଠାଷ୍ଟମୀ ପାଳିତ ହୋଇଯାଇଛି । ଏହି ଅବସରରେ ଗୋମାତାଙ୍କ ସେବା କରିବା ପାଇଁ ଅତିଥିମାନେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ଭଗବାନ ସାହୁ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ,ସହ ସମ୍ପାଦକ ସ୍ୱରୂପ ପଟ୍ଟନାୟକ,ଜଗନ୍ନାଥ ସଂସ୍କୃତିର ସ୍ଥାୟୀ ସଦସ୍ୟ ଧିରେନ୍ଦ୍ର କୁମାର ସାହୁ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ନାଥ ସେଠୀ ସମେତ ବହୁ ସାଧୁସନ୍ଥ ଯୋଗଦେଇଥିଲେ । ପ୍ରକାଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ବିଭିନ୍ନ ବର୍ଗର ଲୋକମାନେ ଯୋଗଦେଇଥିଲେ ।